READ & SHARE
www.ekamaatra.com
ekamaatra@gmail.com
taraknews1@gmail.com
ekamaatraodia
ekamaatranews

EKAMAATRA
RNI Regd. No. ODIODI/2017/71524

# ଏକମାତ୍ର

ଅନୁସନ୍ଧାନ ପରେ ଖବର



ବର୍ଷ-୭ ସଂଖ୍ୟା-୪୭ ୪ - ୧୦ ଡିସେମ୍ବର, ୨୦୨୩ ଭୁବନେଶ୍ୱର Monday Weekly VOL-7 ISSUE-47 4th - 10th DECEMBER, 2023 BHUBANESWAR ₹ 5/- (8 Pages)

## ସେମିଫାଇନାଲ୍‌ରେ ବିଜେପି ପାସ୍

### ୩ ରାଜ୍ୟରେ ବିଜେପିର ବୃହତ ବିଜୟ ତେଲେଙ୍ଗାନାରେ କଂଗ୍ରେସକୁ ସାନ୍ତ୍ୱନା

**ନୂଆଦିଲ୍ଲୀ :** ୪ଟି ରାଜ୍ୟରେ ଅନୁଷ୍ଠିତ ବିଧାନସଭା ନିର୍ବାଚନ ଫଳାଫଳ ୨୦୨୪ ସାଧାରଣ ନିର୍ବାଚନରେ ବିଜେପିର ବିଜୟ ଧାରା ଆରମ୍ଭ କରିଛି। ସମସ୍ତ ଆକଳନକୁ ଭୁଲ ପ୍ରମାଣିତ କରି ବିଜେପି ୩-୧ରେ ବିଜୟୀ ହୋଇଛି। ରାଜସ୍ଥାନ, ମଧ୍ୟପ୍ରଦେଶ ଏବଂ ଛତିଶଗଡରେ ବିଜେପି ଚମତ୍କାର ବିଜୟ ହାସଲ କରିଥିବା ବେଳେ ତେଲେଙ୍ଗାନାରେ କ୍ଷମତାକୁ ଫେରିଛି କଂଗ୍ରେସ। କଂଗ୍ରେସ ହାତରୁ ରାଜସ୍ଥାନ ଏବଂ ଛତିଶଗଡକୁ ଛଡାଇ ନେଇଛି ବିଜେପି। ମଧ୍ୟପ୍ରଦେଶରେ ବିଜେପି ଠାରୁ କ୍ଷମତା ଛଡାଇବା ଲାଗି ସ୍ୱପ୍ନ ଦେଖିଥିବା କଂଗ୍ରେସ ୨ଟି ରାଜ୍ୟ ହରାଇ ବଡ ଧରଣର ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ତେଲେଙ୍ଗାନାରେ କଂଗ୍ରେସକୁ ଯେଉଁ



ବିଜୟ ମିଳିଛି ତାହା କେବଳ ସାନ୍ତ୍ୱନାମୂଳକ ବୋଲି କୁହାଯାଉଛି। ନିର୍ବାଚନ ପୂର୍ବରୁ କୁହାଯାଉଥିଲା ଯେ, ୩ଟି ରାଜ୍ୟରେ ବିଜେପି ଓ କଂଗ୍ରେସ ମଧ୍ୟ କଡା ଟକ୍କର ହେବ। ତାହା କିନ୍ତୁ ଦେଖିବାକୁ ମିଳିଲା ନାହିଁ। କଂଗ୍ରେସ ଶାସିତ ରାଜ୍ୟ ରାଜସ୍ଥାନ ଏବଂ ଛତିଶଗଡରେ ଯେଉଁ ସରକାରୀ ବିରୋଧୀ ହାୱା ସୃଷ୍ଟି ହୋଇଥିଲା ତାହା ସତ୍ୟ ପ୍ରମାଣିତ ହେଲା। ଅନ୍ୟପକ୍ଷରେ ବିଜେପିର ନିଜ ଗଡ ମଧ୍ୟପ୍ରଦେଶରେ ସରକାର ବିରୋଧୀ ହାୱା ଥିବା ସତ୍ତ୍ୱେ ବିଜେପି ଯେଭଳି ବିଜୟ ହାସଲ କଲା ତାହା କଂଗ୍ରେସର ସ୍ୱପ୍ନକୁ ଧୂଳିସାତ୍ କରିଦେଲା। ଶିବରାଜ ସିଂହ ଚୌହାନଙ୍କ ନେତୃତ୍ୱରେ ବିଜେପି ଦୁଇ ତୃତୀୟାଂଶ ଆସନ ଦଖଲ କରି କଂଗ୍ରେସକୁ ବହୁ ପଛକୁ ଠେଲିଦେଇଛି। ଆସନ୍ତା ବର୍ଷ ମାର୍ଚ୍ଚ-ଏପ୍ରିଲରେ ଲୋକସଭା ନିର୍ବାଚନ ହେବାକୁ ଯାଉଥିବା ବେଳେ ସେମିଫାଇନାଲ ବୋଲି କୁହାଯାଉଥିବା ବିଧାନସଭା ନିର୍ବାଚନର ଫଳାଫଳ ବିଜେପିକୁ ଆହୁରି ମଜଭୁତ କରିଛି। ହିନ୍ଦୀ ଭାଷା ବହୁଳ ତିନିଟି ରାଜ୍ୟରେ କଂଗ୍ରେସର ପରାଜୟ ରାହୁଲ ଗାନ୍ଧିଙ୍କୁ ଚିନ୍ତାରେ ପକାଇଛି। ଏହି ଚାରୋଟି ରାଜ୍ୟର ନିର୍ବାଚନ ଫଳାଫଳର ଅନ୍ୟତମ ଦିଗଟି ହେଲା ତେଲେଙ୍ଗାନା ରାଜ୍ୟରେ କଂଗ୍ରେସର ବିଜୟ। କାରଣ ନିଜକୁ ଜାତୀୟ ଦଳ ରୂପେ ଉପସ୍ଥାପିତ କରିବାକୁ ବଡଧରଣର ଯୋଜନା କରିଥିବା ଚନ୍ଦ୍ରଶେଖର ରାଓଙ୍କ ବିଆର୍‌ଏସ୍ ନିଜ ଗଡ ତେଲେଙ୍ଗାନାରେ ଭୁଷୁଡି ପଡିଛି। ଦୀର୍ଘ ୧୦ ବର୍ଷ ଧରି ବିଆର୍‌ଏସ୍ ଏଠାରେ ➤ ପୃ-୬

## ୪ ଜାତିର ବିକାଶ ଦ୍ୱାରା ଦେଶର ବିକାଶ ସମ୍ଭବ : ମୋଦି



**ନୂଆଦିଲ୍ଲୀ :** ମଧ୍ୟପ୍ରଦେଶ, ଛତିଶଗଡ଼ ଓ ରାଜସ୍ଥାନରେ ବିଜୟ ପରେ ଦିଲ୍ଲୀ ବିଜେପି ମୁଖ୍ୟାଳୟରେ ବିଜୟ ଉତ୍ସବ ପାଳନ କରାଯାଇଛି। ଏଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗଦେଇ ଦଳୀୟ କର୍ମୀ ଓ ନେତାଙ୍କୁ ଉତ୍ସାହିତ କରିଛନ୍ତି। ସେ ସମସ୍ତଙ୍କୁ ସମ୍ବୋଧନ କରି କହିଛନ୍ତି ଯେ ୪ ଜାତିର ବିକାଶ ଦ୍ୱାରା ଦେଶର ବିକାଶ ସମ୍ଭବ। ନାରୀ ଶକ୍ତି, ଯୁବ ଶକ୍ତି, କୃଷକ ଓ ଗରିବଙ୍କ ବିକାଶ ଜରୁରୀ ବୋଲି ମୋଦି କହିଛନ୍ତି। କାର୍ଯ୍ୟାଳୟରେ ଦଳୀୟ କର୍ମୀ ଓ ନେତାଙ୍କୁ ସମ୍ବୋଧନ କରି ନରେନ୍ଦ୍ର ମୋଦି କହିଛନ୍ତି, ଏ ବିଜୟ ବିକଶିତ ଭାରତର ଲକ୍ଷ୍ୟ ହାସଲ ପାଇଁ ଉଦ୍ଦିଷ୍ଟ। ତେଲେଙ୍ଗାନାରେ ମଧ ବିଜେପିକୁ ସମର୍ଥନ ମିଳିଛି। ଦେଶରେ ୪ ଜାତିର ବିକାଶ ଦ୍ୱାରା ଦେଶର ବିକାଶ ସମ୍ଭବ। ନାରୀ ଶକ୍ତି, ଯୁବ ଶକ୍ତି, କୃଷକ ଓ ଗରିବଙ୍କ ବିକାଶ ଜରୁରୀ। ଯେତେବେଳେ ➤ ପୃ-୬

## ଜନାଦେଶକୁ ଗ୍ରହଣ କରୁଛୁ : ରାହୁଲ



**ନୂଆଦିଲ୍ଲୀ :** ତିନିଟି ରାଜ୍ୟ ରାଜସ୍ଥାନ,ମଧ୍ୟପ୍ରଦେଶ, ଛତିଶଗଡ଼ରେ ଦଳର ପରାଜୟ ପରେ ପ୍ରତିକ୍ରିୟା ରଖିଛନ୍ତି କଂଗ୍ରେସ ନେତା ରାହୁଲ ଗାନ୍ଧି। ସେ କହିଛନ୍ତି ଯେ, ସେ ଜନାଦେଶକୁ ଗ୍ରହଣ କରୁଛନ୍ତି। କିନ୍ତୁ ଚିନ୍ତାଧାରାର ଲଢେଇ ଜାରି ରହିବ। ସେ ମଧ ତେଲେଙ୍ଗାନା ଲୋକମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି ଓ କହିଛନ୍ତି ଯେ ରାଜ୍ୟବାସୀଙ୍କୁ ଦିଆଯାଇଥିବା ପ୍ରତିଶ୍ରୁତି ନିଶ୍ଚିତଭାବେ ପାଳନ କରାଯିବ। ➤ ପୃ-୬

## ୧୪ରେ ପ୍ଲାନ୍, ୨୩ରେ ସକ୍‌ସେସ୍

**ଭୁବନେଶ୍ୱର :** ବିଜେଡି ଗୋଟିଏ ସ୍ୱାର୍ଥପର ଦଳ। ଶଙ୍ଖ ଦଳର ବରିଷ୍ଠ ତଥା ପାୱାରଫୁଲ ନେତାମାନେ କେବେ ମନରୁ ଚାହୁଁନଥିବେ ପାଣ୍ଡିଆନ୍ ବିଜେଡିରେ ସାମିଲ ହୁଅନ୍ତୁ। ହେଲେ ବି ତାଙ୍କୁ ସାର୍ ସାର୍ ଡାକି ସ୍ୱାଗତ ଜଣାଇଲେ। ଛାତି ଭିତରେ କଷ୍ଟ ଥିଲା, କିନ୍ତୁ ବାଧରେ ସ୍ମାଇଲ କରୁଥିଲେ ବିଜେଡି ନେତା। ଏ କଥା ଆମେ ନୁହେଁ ବରଂ ବିଜେଡିରୁ ବହିଷ୍କୃତ ହୋଇଥିବା ନେତା ତଥା ଗୋପାଳପୁରର ବିଧାୟକ ପ୍ରଦୀପ ପାଣିଗ୍ରାହୀ କହିଛନ୍ତି। ଆଉ ପ୍ରଦୀପଙ୍କର ଏପରି ବିସ୍ଫୋରକ ବୟାନକୁ ନେଇ ରାଜ୍ୟ ରାଜନୀତିରେ ସୃଷ୍ଟି ହେଲାଣି ଝଡ଼। ବିଜେଡିରେ ମିଶିଲେ ପାଣ୍ଡିଆନ୍। ନେତାଙ୍କ ମଧରେ ଆରମ୍ଭ ହେଲା କଥା କଟାକଟି। କାରଣ ପାଣ୍ଡିଆନ୍ ବିଜେଡିରେ ମିଶିବେ ବୋଲି କୁଆଡେ ଦଳ ୨୦୧୪ରୁ ପ୍ଲାନ୍ କରିଥିଲେ। ଆଉ ପ୍ରିପ୍ଲାନ ଅନୁସାରେ ସେ ଅକ୍ଟୋବରରେ ସ୍ୱେଚ୍ଛାକୃତ ଅବସର ନେଲେ ପରେ କାର୍ତ୍ତିକ ପୂର୍ଣ୍ଣିମାରେ ଦଳରେ ଆନୁଷ୍ଠାନିକ ଭାବରେ ସାମିଲ ହେଲେ। ଗୁରୁତ୍ୱପୂର୍ଣ୍ଣ କଥା ହେଲା ପାଣ୍ଡିଆନ୍‌ଙ୍କୁ କାଳେ ଦଳରେ ଅନେକ ନେତା ଗ୍ରହଣ କରିପାରୁନାହାନ୍ତି। ➤ ପୃ-୬

### ଭୁବନେଶ୍ୱର ସବ୍‌ରେଜିଷ୍ଟ୍ରାର ଅଫିସରେ ପାର୍ଟ ପ୍ଲଟ କିଣାବିକାରେ ପ୍ରତିବନ୍ଧକ

## ସାଧାରଣ ଲୋକ ହନ୍ତସନ୍ତ; ଆନ୍ଦୋଳନ ପାଇଁ ସଜବାଜ

**ପ୍ରଦୀପ କୁମାର ସାହୁ, ଆଡଭୋକେଟ୍**

**ଭୁବନେଶ୍ୱର :** ଗତ କିଛିଦିନ ଧରି ଭୁବନେଶ୍ୱର ଏବଂ ଖଣ୍ଡଗିରି ସବ୍‌ରେଜିଷ୍ଟ୍ରାର ଅଫିସରେ ପାର୍ଟ ପ୍ଲଟ୍ କିଣାବିକାକୁ ନେଇ ଅଚଳାବସ୍ଥା ଦେଖାଦେଇଛଇ। ପାର୍ଟ ପ୍ଲଟ କିଣାବିକା ସମ୍ପୂର୍ଣ୍ଣ ଭାବରେ ବନ୍ଦ ହୋଇଯାଇଥିବାରୁ ଦୁଇଟିଯାକ ସବ୍‌ରେଜିଷ୍ଟ୍ରାର ଅଫିସରେ ଦୈନିକ ରେଜିଷ୍ଟ୍ରି ହେଉଥିବା ଦଲିଲ ସଂଖ୍ୟା ବ୍ୟାପକ ଭାବରେ ହ୍ରାସ ପାଇଛି। ଏ ବାବଦରେ ସାଧାରଣ ଲୋକ ସବ୍‌ରେଜିଷ୍ଟ୍ରାରଙ୍କୁ ପ୍ରଶ୍ନ କଲେ କୌଣସି ସନ୍ତୋଷଜନକ ଉତ୍ତର ମିଳୁନାହିଁ। ଅନ୍ୟପକ୍ଷରେ ଦଲିଲ ରେଜିଷ୍ଟ୍ରି ସଂଖ୍ୟା ହ୍ରାସ ପାଉଥିବାରୁ ପ୍ରତ୍ୟେକ ଦିନ ସରକାରଙ୍କର ଲକ୍ଷଲକ୍ଷ ଟଙ୍କାର ରାଜସ୍ୱ ହାନୀ ହେଉଛି।

ଏଠାରେ ପ୍ରକାଶଥାଉ କି, ସହରାଞ୍ଚଳରେ



ଜମିବାଡି କିଣାବିକାରେ ହେଉଥିବା ଦୁର୍ନୀତିକୁ ରୋକିବା, ବିଲ୍ଡର ମାନଙ୍କ ଦୌରାତ୍ମ୍ୟକୁ ରୋକିବା, ଘର କିମ୍ବା ଜମି କିଣୁଥିବା ବ୍ୟକ୍ତିଙ୍କର ସ୍ୱାର୍ଥ ରକ୍ଷା କରିବା, ରିଅଲ ଇଷ୍ଟେଟ୍ ବଜାରକୁ ନିୟନ୍ତ୍ରିତ କରିବା ଏବଂ ଏଥିରେ ସ୍ୱଚ୍ଛତା ଆଣିବା ପାଇଁ ସରକାରଙ୍କ ତରଫରୁ ୨୦୧୬ ମସିହାରେ ରେରା ଆକ୍ଟ ପ୍ରଚଳନ କରାଯାଇଥିଲା ଏବଂ ଏଥିପାଇଁ ୨୦୧୯ ମସିହାରେ ରିଅଲ ଇଷ୍ଟେଟ୍ ରେଗୁଲେଟାରୀ ଅଥରିଟ୍ ନାମକ ଏକ ସଂସ୍ଥା ଗଠନ କରାଯାଇଥିଲା। ସହରାଞ୍ଚଳରେ ଜମିବାଡି କିମ୍ବା ବାସଗୃହ କିଣୁଥିବା ଗ୍ରାହକ ମାନଙ୍କର ସ୍ୱାର୍ଥ ରକ୍ଷା କରିବା ଏହି ସଂସ୍ଥାର ମୂଳ ଲକ୍ଷ୍ୟ ହୋଇଥିବା ବେଳେ ପ୍ରକୃତ କ୍ଷେତ୍ରରେ ଏହା କେତେକ ପ୍ରଭାବଶାଳୀ ବିଲ୍ଡର ଓ ସରକାରଙ୍କର ହାତବାରିସୀ ଭଳି କାର୍ଯ୍ୟ କରୁଅଛି। ୨୦୧୭ ମସିହାରେ ରେରା ଗଠନ କରାଯିବା ପରେ ଭୁବନେଶ୍ୱର ଏବଂ ଏହାର ଆଖପାଖ ଅଞ୍ଚଳର ଜମିବାଡି ବିକ୍ରି କରିବା ସମୟରେ ବିଡିଏ ଏବଂ ରେରାର ଅନୁମୋଦନ ନ ଥିଲେ ପାର୍ଟ ପ୍ଲଟ କିଣାବିକା ହୋଇପାରିବ ନାହିଁ ବୋଲି ଦର୍ଶାଇ ବିଭିନ୍ନ ସମୟରେ ସବ୍‌ରେଜିଷ୍ଟ୍ରାର ଅଫିସରେ ରେଜିଷ୍ଟ୍ରେସନକୁ ବନ୍ଦ କରି ଦିଆଯାଉଅଛି। ଏହାଦ୍ୱାରା ସାଧାରଣ ଲୋକ ନାହିଁ ନଥିବା ହଇରାଣ ହେଉଥିବା ବେଳେ ସରକାରଙ୍କର ରାଜସ୍ୱହାନୀ ହେଉଛି। କିନ୍ତୁ ସରକାରଙ୍କର କିମ୍ବା ରାଜସ୍ୱ ବିଭାଗର ଏଥିପାଇଁ ତିଳେମାତ୍ର ଚିନ୍ତା ନାହିଁ। ଏହିସବୁ ଆକ୍ଟ ଏବଂ ନିୟମକାନୁନର ଦ୍ୱାହି ଦେଇ ସାଧାରଣ ଲୋକଟିକୁ ତାର ବ୍ୟକ୍ତିଗତ / ପୈତୃକ ସମ୍ପତ୍ତିକୁ ବିକ୍ରି କରିବା ପାଇଁ ବାରଣ କରିବା କେତେଦୂର ସମୀଚିନ ତାହା ସରକାର ଚିନ୍ତା କରିବା ଦରକାର। ସହରାଞ୍ଚଳର ଉନ୍ନତିକରଣ କରିବାକୁ ଯାଇ ସରକାର ସହରାଞ୍ଚଳବାସୀଙ୍କର ମୌଳିକ ଅଧିକାରକୁ କ୍ଷୁର୍ଣ୍ଣ କରିବା ସହିତ ତାଙ୍କର ଅବନତିର କାରଣ ସାଜୁଛନ୍ତି।

ସରକାରଙ୍କର ନିୟମ ଅନୁଯାୟୀ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ ଅଧିନରେ ଥିବା କୌଣସି ମୌଜାର କୌଣସି ➤ ପୃ-୬

## ୫ ବର୍ଷରେ ୨୦ ଥର ଭୁଶୁଡିଛି ଉତ୍ତରକାଶୀ ସିଲ୍କିଆରା ସୁଡ଼ଙ୍ଗ



**ନୂଆଦିଲ୍ଲୀ :** ପୂରା ଦେଶବାସୀଙ୍କୁ ଚିନ୍ତାରେ ପକାଇ ଦେଇଥିବା ଉତ୍ତରାଖଣ୍ଡ ଟନେଲ ଦୁର୍ଘଟଣାକୁ ନେଇ ସାମ୍ନାକୁ ଆସିଛି ନୂଆ ତଥ୍ୟ। ସିଲ୍କିଆରା-ବାରକୋଟ ଟନେଲ ପ୍ରଥମ କରି ଭୁଶୁଡି ନଥିଲା, ଏହାପୂର୍ବରୁ ୫ ବର୍ଷରେ ୨୦ ଥର ଭୁଶୁଡି ପଡ଼ିଥିବା କହିଛନ୍ତି ଜଣେ ବରିଷ୍ଠ ଅଧିକାରୀ। ପ୍ରୋଜେକ୍ଟ ତଦାରଖ କରୁଥିବା ଜାତୀୟ ରାଜପଥ ଭିତ୍ତିଭୂମି ବିକାଶ ନିଗମ ଲିମିଟେଡ୍ (ଏନ୍‌ଏଚ୍‌ଆଇଡିସିଏଲ୍) ନିର୍ଦ୍ଦେଶକ ଅଂଶୁ ମନିଶ ଖାଲଖୋ ଏହି ଖୁଲାସା କହିଛନ୍ତି। ସେ କହିଛନ୍ତି ଯେ, ଉତ୍ତରାଖଣ୍ଡ ଉତ୍ତରକାଶୀରେ ଚାର୍ ଧାମ ଯାତ୍ରା ପାଇଁ ନିର୍ମାଣ କରାଯାଉଥିବା ସିଲ୍କଆରା-ବାରକୋଟ ସୁଡ଼ଙ୍ଗ ପ୍ରଥମ କରି ଭୁଶୁଡି ନଥିଲା। ପାଞ୍ଚ ବର୍ଷ ମଧ୍ୟରେ ଏଠାରେ ୧୯-୨୦ଟି ଛୋଟରୁ ମଧ୍ୟମ ଧରଣର ➤ ପୃ-୬

## ବକ୍ରବାଣୀ



ନିପନ କୁମ୍ପାନୀ ଆଣିବେ ବୋଲି
ବୁଲି ଯାଇଥେଲେ ଛାମୁଁ ଆମରି
ଫଅଟ ଉଠେଇ ଦେଖେଇ ଦେଲେ
ଓଡ଼ିଆ ପିରେମ କେତେ ତାଙ୍କରି
ଛୁଞ୍ଚି ଫେକ୍ଟ୍ରିଟେ ହେଇ ପାରିଲାନି
ଖଣି ପାଣି ଥାଇ ଗରୀବ ଆମେ
ନମ୍ବର ଉଆନ୍ ସିଏମ ବୋଲାନ୍ତି
ହୋର୍ଡିଙ୍ଗ ଦେଖେଇ ବିକାଶ ନାମେ
ଗରୀବ ରାଇଜେ ଦେଉଳ ସଜା
ଛାମୁଁଙ୍କୁ ସେଥିରେ ଲାଗୁଚି ମଜା।

——— ଟୁଟୁ

### ମହାମାରୀଠାରୁ ବଡ଼ ବିପଦ ଆଣ୍ଟିବାୟୋଟିକ୍ସ

## ବର୍ଷକୁ ନେଉଛି ୫୦ ଲକ୍ଷ ଜୀବନ

**ଜେନେଭା :** ଔଷଧ ମଧ ଅଭିଶାପ ପାଲଟିପାରେ। ଏହା ଜୀବନ ଦେବା ବଦଳରେ ଜୀବନ ନେଇପାରେ। ରୋଗ ଭଲ କରିବା ପରିବର୍ତ୍ତେ ସବୁଦିନ ପାଇଁ ରୋଗଗ୍ରସ୍ତ କରିଦେଇପାରେ। ସାଧାରଣତଃ ଥଣ୍ଡା,କାଶ, ଜ୍ୱର ଏବଂ ଆଲର୍ଜି ଆଦିହେଲେ ଲୋକେ ସଙ୍ଗେ ସଙ୍ଗେ ଆଣ୍ଟିବାୟୋଟିକ୍ସ ଖାଇ ଦିଅନ୍ତି। ଅନେକ ଲୋକ ମଧ ଏହାକୁ ଦୀର୍ଘ ଦିନ ପର୍ଯ୍ୟନ୍ତ ଜାରି ରଖଥାନ୍ତି। ଅନେକ ସମୟରେ ଡାକ୍ତର ମଧ ଔଷଧ ସହିତ ଆଣ୍ଟିବାୟୋଟିକ୍ସ ଖାଇବାକୁ ପରାମର୍ଶ ଦେଇଥାନ୍ତି। ଏହା ରୋଗ ପ୍ରତିରୋଧକ ଶକ୍ତି ବଢାଏ ବୋଲି ଧାରଣା ରହିଆସିଛି। ତେବେ ଏହି ଆଣ୍ଟିବାୟୋଟିକ ଘାତକ ହୋଇପାରେ। ଆବଶ୍ୟକତାଠାରୁ ଅଧିକ



ଆଣ୍ଟିବାୟୋଟିକ୍ସ ଖାଇଲେ ଏହା ଅକାଳ ମୃତ୍ୟୁ ଆଣିପାରେ। ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରିବା ପରିବର୍ତ୍ତେ ହ୍ରାସ କରେ। ଶରୀରକୁ ବିପଦରେ ପକାଇ ଦେଇଥାଏ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ହୁ) ଏହାକୁ ନେଇ ଚେତାବନୀ ଜାରି କରିଛି। ଅଧିକ ଆଣ୍ଟିବାୟୋଟିକ୍ସ ଖାଇଲେ 'ଆଣ୍ଟିମାଇକ୍ରୋବିୟଲ୍ ରେସିଷ୍ଟାନ୍ସ (ଏଏମ୍‌ଆର)'ର ବିପଦ ବୃଦ୍ଧି ପାଇଥାଏ। ଏହା କୌଣସି ମହାମାରୀଠାରୁ ମଧ କମ୍ ନୁହେଁ। ପ୍ରାକୃତିକ ରୋଗ ପ୍ରତିରୋଧକ କ୍ଷମତା ହ୍ରାସ କରି ଦେଇଥାଏ। ଏଏମ୍‌ଆର ଯୋଗୁଁ ବିଶ୍ୱରେ ପ୍ରତି ବର୍ଷ ୫୦ ଲକ୍ଷ ଲୋକଙ୍କ ମୃତ୍ୟୁ ହେଉଛି। ଯଦି ଏହି ସ୍ଥିତିରେ କୌଣସି ପରିବର୍ତ୍ତନ ନ ଆସେ ତେବେ ୨୦୫୦ ସୁଦ୍ଧା ମୃତ୍ୟୁସଂଖ୍ୟା ୧ କୋଟି ଟପିବ ବୋଲି କୁହାଯାଇଛି। ସାଧାରଣତଃ ଜୀବାଣୁ ମାରିବା ପାଇଁ ଆଣ୍ଟିବାୟୋଟିକ ବ୍ୟବହାର କରାଯାଏ। କିନ୍ତୁ ଏହାକୁ ବାରମ୍ବାର ନେଲେ ଜୀବାଣୁ ସେହି ଔଷଧ ବିରୋଧରେ ପ୍ରତିରୋଧୀ ବ୍ୟବସ୍ଥା ବିକଶିତ କରିନିଅନ୍ତି। ଏହା ପରେ ରୋଗ ଭଲ ହେବା କାଠିକର ହୋଇଯାଏ। ଏହାକୁ ଏଏମଆର କୁହାଯାଏ। ➤ ପୃ-୬

## ରତ୍ନଭଣ୍ଡାର ଖୋଲିଲେ ସରକାରଙ୍କ ଗୁମର ଖୋଲିବ !

**ଭୁବନେଶ୍ୱର :** ରତ୍ନଭଣ୍ଡାରର ଅବସ୍ଥା ଭଲ ନାହିଁ। ଏ କଥା ଆମେ ସମସ୍ତେ ଜାଣନ୍ତି। ହେଲେ ନିଦାବିଷ୍ଣୁ ସାଜିଛନ୍ତି ସରକାର। ପ୍ରତିଟି ଓଡ଼ିଆଙ୍କର ପ୍ରାଣର କେନ୍ଦ୍ର ହେଉଛନ୍ତି ପ୍ରଭୁ ଜଗନ୍ନାଥ। ୨୦୧୮ ମସିହାରୁ ଭିତର ରତ୍ନଭଣ୍ଡାରର ଅବସ୍ଥା ଭଲ ନାହିଁ ବୋଲି କୁହାଗଲାଣି। ଆଉ ଏହାରି ଭିତରେ ୫ ବର୍ଷ ହୋଇଗଲା ପଛେ ଭିତର ରତ୍ନଭଣ୍ଡାର ଖୋଲିବା କଥା ଚିନ୍ତା କରୁନାହାନ୍ତି ସରକାର। ଦଇତାପତିଙ୍କଠୁ ଆରମ୍ଭ କରି ବାଡଗ୍ରାହୀ ପର୍ଯ୍ୟନ୍ତ ସମସ୍ତଙ୍କର ଗୋଟିଏ ଦାବି ତୁରନ୍ତ ଖୋଲାଯାଉ ରତ୍ନଭଣ୍ଡାର। ହେଲେ କାହା କଥାକୁ କର୍ଣ୍ଣପାତ କରୁନାହାନ୍ତି ସରକାର। ଆଉ ଦିନ ଯେତିକି ଯେତିକି ବଢୁଛି ରତ୍ନଭଣ୍ଡାରର ଅବସ୍ଥା ସେତିକି ସେତିକି ଦୁର୍ବଳ ହେବାରେ ଲାଗିଛି। ବାରମ୍ବାର ଦାବି ପରେ ୨୦୧୮ରେ ହାଇକୋର୍ଟଙ୍କ ନିର୍ଦ୍ଦେଶରେ ୨୭ ଜଣିଆ କମିଟି ରତ୍ନଭଣ୍ଡାରର ସ୍ଥିତିକୁ ନେଇ ଯେଉଁ ରିପୋର୍ଟ ଦେଇଥିଲା ତାହା



ଅତି ଗୁରୁତ୍ୱପୂର୍ଣ୍ଣ ଥିଲା। କାରଣ ରିପୋର୍ଟରେ ସ୍ପଷ୍ଟ ଭାବରେ କୁହାଯାଇଥିଲା କି, ବିମ୍ ଓ ଛାତରେ ଫାଟ ରହିଛି। କାନ୍ଥ ବି ଓଦାଳିଆ ରହିଛି। ହେଲେ ଭିତର ରତ୍ନଭଣ୍ଡାର ମରାମତି ନକରାଯାଇ ବାହାର କାନ୍ଥରେ ଲେଜର ସ୍କାନିଂର ଅର୍ଥ କ'ଣ ? ୩୭ ପଏଣ୍ଟରେ ଲେଜର ସ୍କାନିଂ ହେଲେ ରତ୍ନଭଣ୍ଡାର କଣ ସୁରକ୍ଷିତ ହୋଇପାରିବ ? କିଛି ଏମିତି ପ୍ରଶ୍ନ ସାଧାରଣରେ ଉଙ୍କି ମାରୁଥିବା ବେଳେ ପ୍ରତିକ୍ରିୟା ଦେବାକୁ କୁନ୍ଥୁକୁନ୍ଥୁ ହେଉଛନ୍ତି ରାଜ୍ୟ ସରକାର। ସେପଟେ ଲେଜର ସ୍କାନିଂ ହେଲେ ଲାଭ କଣ ହେବ ସେନେଇ କାହା ପାଖରେ କିଛି ନିର୍ଦ୍ଦିଷ୍ଟ ଉତ୍ତର ନାହିଁ ବୋଲି ବରିଷ୍ଠ ଦଇତାପତି କହୁଛନ୍ତି। ➤ ପୃ-୬

### ଭୁବନେଶ୍ୱରରେ ବଦଳିବ ରୂପରେଖ

## ରୂପାନ୍ତରଣ ହେବ ସବୁ ଶ୍ମଶାନ

**ଭୁବନେଶ୍ୱର :** ରାଜଧାନୀ ଭୁବନେଶ୍ୱରରେ ବଦଳିବ ଶ୍ମଶାନର ରୂପରେଖ। ରୂପାନ୍ତରଣ ହେବ ସବୁ ଶ୍ମଶାନ। ଏହି କ୍ରମରେ ସତ୍ୟନଗର ଶ୍ମଶାନର ଚିତ୍ର ବଦଳିବ। ପାରମ୍ପରିକ ଓ ଗ୍ୟାସ ଚୁଲାରେ ଶବଦାହ ପାଇଁ ବ୍ୟବସ୍ଥା କରିବ ବିଏମସି। ଏନେଇ ସତ୍ୟନଗର ଶ୍ମଶାନରେ ବିଧାୟକ ଅନନ୍ତ ନାରାୟଣ ଜେନା ଓ ମେୟର ସୁଲୋଚନା ଦାଶ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ୨ କୋଟି ୩୪ ଲକ୍ଷ ଟଙ୍କା ବ୍ୟୟରେ ପୁନରୁଦ୍ଧାର ନେଇ ଯୋଜନା କରିଛି ବିଏମସି। ଲୋକେ କିପରି ଆନୁଷଙ୍ଗିକ ସୁବିଧା ସୁଯୋଗ ପାଇପାରିବେ ସେନେଇ ନୂଆ ପ୍ଲାନ



କରାଯାଇଛି। ଏହା ସହ କବର ସ୍ଥାନର ମଧ ନବୀକରଣ କରାଯିବ। ପୁରୀ ସ୍ୱର୍ଗଦ୍ୱାର ପରି ବଦଳିବ ସତ୍ୟନଗର ଶ୍ମଶାନର ରୂପରେଖ। ରୂପାନ୍ତରଣ ପାଇଁ ବିଏମସିର ମାଷ୍ଟରପ୍ଲାନ। ନୂଆରୂପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ। ଗେଟରୁ ଶବ ଦାହ ରୁମ ହେବ ନବୀକରଣ, ହଟିବ ଇଲେକ୍ଟ୍ରି ଚୁଲା। ଖର୍ଚ୍ଚହେବ ୨ କୋଟି ୩୪ ଲକ୍ଷ ଟଙ୍କା। ଶ୍ମଶାନ ରୁପାନ୍ତରିକରଣ ପର୍ଯ୍ୟାୟରେ ପ୍ରାଥମିର ପର୍ଯ୍ୟାୟରେ ସତ୍ୟନଗର ଶ୍ମଶାନକୁ ହାତକୁ ନେଇଛି ବିଏମସି। ରୂପରେଖ ବଦଳିବା ପରେ ଏମିତି ଦେଖାଯିବ ଶ୍ମଶାନ। ବିଧାୟକ ଅନନ୍ତ ନାରାୟଣ ଜେନା ଓ ମେୟର ସୁଲୋଚନା ଦାସ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଶ୍ମଶାନକୁ ଆସୁଥିବା ଲୋକେ କିପରି ଆନୁଷଙ୍ଗିକ ସୁବିଧା ସୁଯୋଗ ପାଇପାରିବେ ସେନେଇ ନୂଆ ପ୍ଲାନ କରାଯାଇଛି। ମୁଖ୍ୟଗେଟ, ➤ ପୃ-୬

### ଏଡସ୍ ରୋଗୀଙ୍କ କଲ୍ୟାଣ ପାଇଁ ରାଜ୍ୟ ଆଣିବ ଆଇନ

## ନିଯୁକ୍ତ ହେବେ ଲୋକପାଳ

**ଭୁବନେଶ୍ୱର :** ଏଚ୍‌ଆଇଭି ସଂକ୍ରମିତ ଅବା ଏଡସ୍ ରୋଗୀଙ୍କ କଲ୍ୟାଣ ପାଇଁ ରାଜ୍ୟ ସରକାର ଖୁବ୍‌ଶୀଘ୍ର ନୂଆ ନୀତି ଘୋଷଣା କରିବେ। ଅର୍ଥାତ୍ ଏଡସ୍ ନିୟନ୍ତ୍ରଣ ଓ ପ୍ରତିକାର ପାଇଁ ରାଜ୍ୟ ସରକାର ନିଜସ୍ୱ ଆଇନ ପ୍ରଣୟନ କରିବେ। ଭାରତ ସରକାରଙ୍କ ଏଚ୍‌ଆଇଭି ଆଣ୍ଡ ଏଡସ୍ ପ୍ରିଭେନସନ୍ ଆଣ୍ଡ କଣ୍ଟ୍ରୋଲ ଆକ୍ଟ-୨୦୧୭ ଅନୁଯାୟୀ ରାଜ୍ୟ ସରକାର ନିଜସ୍ୱ ଆଇନ ପ୍ରଣୟନ କରିବେ। ଏଥିସହ ସଂକ୍ରମିତଙ୍କର ବିଭିନ୍ନ ସମସ୍ୟା ଓ ଅଭିଯୋଗର ସମାଧାନ ପାଇଁ ଜଣେ ଲୋକପାଳଙ୍କୁ ନିଯୁକ୍ତ କରାଯିବ। ରାଜ୍ୟ ସରକାର ନିଜସ୍ୱ ଆଇନ ପ୍ରଣୟନ କରିବା ଦ୍ୱାରା ପ୍ରଚଳିତ କାର୍ଯ୍ୟକ୍ରମ ଆହୁରି ସୁଦୃଢ଼ ହୋଇପାରିବ ଏବଂ ନ୍ୟାୟିକ ଉତ୍ତରଦାୟିତ୍ୱ ବୃଦ୍ଧି ପାଇବ।



ଏଡସ୍ ସଂକ୍ରମିତ ଆଣୁଥିବା ଅଭିଯୋଗର ଅନୁସନ୍ଧାନ ହେବ ଏବଂ ସମସ୍ୟା ଦୂର ପାଇଁ ପଦକ୍ଷେପ ନିଆଯାଇପାରିବ। ଯଦିଓ ଏହି ଆଇନ ଆଣିବାରେ ବିଳମ୍ବ ହୋଇଛି, ତଥାପି ଯଥାଶୀଘ୍ର ନିଜସ୍ୱ ଆଇନ ପ୍ରଣୟନ କରିବା ପାଇଁ ସରକାର ଚେଷ୍ଟାରତ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ରାଜ୍ୟରେ ପାଖାପାଖି ୫୦ ହଜାରରୁ ଅଧିକ ଏଚ୍‌ଆଇଭି ସଂକ୍ରମିତ ଥିବା ବେଳେ ୯ ଜିଲ୍ଲାରେ ସଂକ୍ରମଣ ହାର ଅଧିକ ରହିଛି। ସମୁଦାୟ ଆକ୍ରାନ୍ତଙ୍କ ମଧ୍ୟରେ ୧୦% ଆକ୍ରାନ୍ତ ୧୫ରୁ ୨୪ ବର୍ଷ ମଧ୍ୟରେ ଅଛନ୍ତି। ନ୍ୟାସନାଲ ଏଡସ୍ କଣ୍ଟ୍ରୋଲ ଅର୍ଗାନାଇଜେସନ୍ (ନାକୋ) ଆଧାରରେ ଗଠିତ ଓଡ଼ିଶା ରାଜ୍ୟ ଏଡସ୍ ନିୟନ୍ତ୍ରଣ ସଂଗଠନ (ଓସାକସ୍) ଉପରେ ଏଚ୍‌ଆଇଭି ସଂକ୍ରମିତଙ୍କ କଲ୍ୟାଣ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ଯଦିଓ ଓସାକସ୍ ପକ୍ଷରୁ ନୂଆ ଆଇନ ପ୍ରଣୟନ ପାଇଁ ଉଦ୍ୟମ ଆରମ୍ଭ ହୋଇଥିଲା। ତେବେ ବାରମ୍ବାର ଅଧିକାରୀଙ୍କ ବଦଳି ଯୋଗୁଁ ଏହି କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ➤ ପୃ-୬

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

## କେମିତି କଟିବ ଏ ସପ୍ତାହ

**ମେଷ** – ମୁଣ୍ଡବିନ୍ଧା ରୋଗ ହୋଇପାରେ। ଅଯଥା ଖର୍ଚ୍ଚ ହୋଇପାରେ। କାର୍ଯ୍ୟକ୍ଷେତ୍ରରେ ସଫଳତା ମିଳିବ। ପରିବାରରେ ସମୟ କଟିବ। ଦମ୍ପତିଙ୍କର ତାଳ ମେଳ ବଢ଼ିବ। ଶୁଭ ତାରିଖ ୪,୬, ଭାଗ୍ୟଫଳ-୮୦%। ପ୍ରତିକାର : ହରଡ ଡାଲି ଦାନ କରନ୍ତୁ।

**ବୃଷ** – ପୁରୁଣା ରୋଗରୁ ମୁକ୍ତି ମିଳିପାରେ। ଆୟ ବଢ଼ିବ। କାର୍ଯ୍ୟକ୍ଷେତ୍ରରେ ନିଜର ଛବି ଖରାପ ହୋଇପାରେ। ନୂଆ ସୁଯୋଗ ପାଇପାରନ୍ତି। ଜୀବନସାଥୀଙ୍କ ସହ ସମ୍ପର୍କ ଦୃଢ଼ ହେବ। ଶୁଭ ତାରିଖ ୬, ୯, ଭାଗ୍ୟଫଳ-୭୦%। ପ୍ରତିକାର : ତୁଳସୀ ମୂଳରେ ଦୀପ ଜାଳନ୍ତୁ।

**ମିଥୁନ** – ପେଟ ସମ୍ବନ୍ଧୀୟ ରୋଗ ହୋଇପାରେ। ବ୍ୟବସାୟରେ ଲାଭ ମିଳିବ। କାହାକୁ ଅଧିକ ବିଶ୍ୱାସ କରନ୍ତୁ ନାହିଁ। ଲାଭର ନୂଆ ସ୍ରୋତ ଖୋଲିବ। କାର୍ଯ୍ୟକ୍ଷେତ୍ରରେ ତରବରିଆ ଭାବେ ନିଷ୍ପତ୍ତି ନିଅନ୍ତୁ ନାହିଁ। ଶୁଭ ତାରିଖ ୬, ୭, ଭାଗ୍ୟଫଳ-୮୦%। ପ୍ରତିକାର : ଗଙ୍ଗା ଜଳରେ ଚନ୍ଦ୍ରକୁ ଅର୍ଘ ଦିଅନ୍ତୁ।

**କର୍କଟ** – ଥଣ୍ଡା ଶର୍ଦ୍ଦି ରୋଗରେ ପୀଡ଼ିତ ହୋଇପାରେ। ଉଧାର ନିଅନ୍ତୁ ନାହିଁ। କାର୍ଯ୍ୟକ୍ଷେତ୍ରରେ ପରିଶ୍ରମ ବଢ଼ିବ। ପଦୋନ୍ନତି ହୋଇପାରେ। ଜୀବନସାଥୀଙ୍କ ସହଯୋଗ ପାଇବେ। ଶୁଭ ତାରିଖ ୫, ଭାଗ୍ୟଫଳ-୬୦%। ପ୍ରତିକାର : ଶିବ ଚାଳିଶା ପାଠ କରନ୍ତୁ।

**ସିଂହ** – ଦାନ୍ତରେ ସମସ୍ୟା ହୋଇପାରେ। ବ୍ୟୟ ବଢ଼ିବ। କ୍ଷତି ହୋଇପାରେ। କାର୍ଯ୍ୟରେ କାମ ବଢ଼ିବ। ଶୁଭ ଖବର ପାଇପାରନ୍ତି। ନୂଆ ଅତିଥିଙ୍କ ଆଗମନରେ ପରିବାରରେ ଖୁସି ବଢ଼ିବ। ପ୍ରେମୀଙ୍କ ପାଇଁ ସମୟ ଅନୁକୂଳ। ଶୁଭ ତାରିଖ ୮, ଭାଗ୍ୟଫଳ-୭୦%। ପ୍ରତିକାର : ଓସ୍ତଗଛ ମୂଳରେ ଜଳ ଅର୍ପଣ କରନ୍ତୁ।

**କନ୍ୟା** – ପେଟରେ ଓ କୋଷ୍ଠ କାଠିନ୍ୟ ହୋଇପାରେ। ବନ୍ଧୁଙ୍କ ସହାୟତାରେ ଲାଭ ମିଳିବ। ପଦୋନ୍ନତି ହୋଇପାରେ। ଛାତ୍ରଙ୍କୁ ବିଦେଶ ଯିବା ପାଇଁ ସୁଯୋଗ ମିଳିପାରେ। ପ୍ରେମ ବିବାହରେ ପରିଣତ ହୋଇପାରେ। ଶୁଭ ତାରିଖ ୪, ୭, ଭାଗ୍ୟଫଳ-୮୦%। ପ୍ରତିକାର : ଲକ୍ଷ୍ମୀ ନାରାୟଣଙ୍କୁ ଦକ୍ଷୀଣାବର୍ତ୍ତୀ ଶଙ୍ଖ ସହ ପୂଜା କରନ୍ତୁ।

**ତୁଳା** – ଜୀବନଶୈଳୀରେ ପରିବର୍ତ୍ତନ କରନ୍ତୁ। ଉଧାର ପାଇଁ ମନ ବଳାନ୍ତୁ ନାହିଁ। ଘର ଓ ଯାନବାହନ ସମସ୍ୟା ଦୂର ହୋଇପାରେ। ପତିପତ୍ନୀ ଉଭୟ ନିଜର ବାଣୀରେ ଲଗାମ ଦିଅନ୍ତୁ। ପ୍ରେମୀଙ୍କ ପାଇଁ ସମୟ ବହୁତ ଭଲ। ଶୁଭ ତାରିଖ ୬, ଭାଗ୍ୟଫଳ-୬୦%। ପ୍ରତିକାର : ମାତା ଲକ୍ଷ୍ମୀଙ୍କୁ ଖିରୀ ଭୋଗ ଲଗାନ୍ତୁ।

**ବିଛା** – ଖାଦ୍ୟପେୟ ପ୍ରତି ସତର୍କ ରହନ୍ତୁ। ଆୟ ବଢ଼ିବ। ଶତ୍ରୁମାନେ ଜାଗ୍ରତ ହେବେ। କୋର୍ଟକଚେରୀ ଫଳ ସପକ୍ଷରେ ଯିବ। ପତିପତ୍ନୀଙ୍କ ସମ୍ପର୍କ ବିଗିଡ଼ିପାରେ। ଶୁଭ ତାରିଖ ୫, ୬, ଭାଗ୍ୟଫଳ-୭୦%। ପ୍ରତିକାର : ସୂର୍ଯ୍ୟାସ୍ତ ପରେ ହନୁମାନଜୀଙ୍କୁ ପୂଜା କରନ୍ତୁ।

**ଧନୁ** – ଆଣ୍ଠୁଗଣ୍ଠିରେ ଯନ୍ତ୍ରଣା ହୋଇପାରେ। କାର୍ଯ୍ୟକ୍ଷେତ୍ରରେ ସତର୍କ ରହନ୍ତୁ। ଆର୍ଥିକ ସ୍ଥିତି ଦୃଢ଼ ହେବ। ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ। ଛାତ୍ରମାନେ ସଠିକ୍ ବନ୍ଧୁତା କରନ୍ତୁ। ଜୀବନସାଥୀଙ୍କ ପାଇଁ ସମୟ ଖୁବ ଭଲ। ଶୁଭ ତାରିଖ ୯, ଭାଗ୍ୟଫଳ-୭୦%। ପ୍ରତିକାର : ଓଁ ରାମଦୂତାୟ ନମଃ ମନ୍ତ୍ର ଜପ କରନ୍ତୁ।

**ମକର** – ଗୁରୁଜନଙ୍କ ସ୍ୱାସ୍ଥ୍ୟ ବିଗିଡ଼ିପାରେ। ଅନାବଶ୍ୟକ ଉପଦେଶ ଦିଅନ୍ତୁ ନାହିଁ। ଉଧାର ଦିଅନ୍ତୁ ନାହିଁ। ଛାତ୍ରମାନେ କଳାକ୍ଷେତ୍ରରେ ଉନ୍ନତି କରିବେ। ବିବାହ ପ୍ରସ୍ତାବ ଆସିବ। ଶୁଭ ତାରିଖ ୭, ୧୦, ଭାଗ୍ୟଫଳ-୬୦%। ପ୍ରତିକାର : ପାନପତ୍ରରେ ଗୁଡ ଓ ଲବଙ୍ଗ ରଖି ହନୁମାନଙ୍କୁ ଅର୍ପଣ କରନ୍ତୁ।

**କୁମ୍ଭ** – ମାଂସପେଶୀରେ କଷ୍ଟ ପାଇବେ। ନିବେଶ ପାଇଁ ସମୟ ଅନୁକୂଳ। ଅନ୍ୟର ଉପଦେଶ ପାଇ କ୍ଷତି ହୋଇପାରେ। ସମସ୍ୟାର ସମାଧାନ ନିଜେ ବାହାର କରନ୍ତୁ। ଶୁଭ ତାରିଖ ୫,. ଭାଗ୍ୟଫଳ-୮୦%। ପ୍ରତିକାର : ହନୁମାନ ମନ୍ଦିର ବା ଓସ୍ତ ଗଛରେ ଲାଲ ପତାକା ଲଗାନ୍ତୁ।

**ମୀନ** – ମନ ଚଞ୍ଚଳ ରହିବ। ସତର୍କ ରହନ୍ତୁ। ନିବେଶ ପାଇଁ ଭଲ ସମୟ। କାର୍ଯ୍ୟକ୍ଷେତ୍ରରେ ବ୍ୟସ୍ତ ରହିବେ। ସଫଳତା ପାଇବେ। ବନ୍ଧୁଙ୍କ ସହ ଭଲ ସମୟ କଟିବ। ଜୀବନସାଥୀଙ୍କୁ ଉପହାର ଦେଇପାରନ୍ତି। ଶୁଭ ତାରିଖ ୧୦, ଭାଗ୍ୟଫଳ-୮୦%। ପ୍ରତିକାର : କିଛି ଲା ବସ୍ତୁ ଦାନ କରନ୍ତୁ।

**ଅନ୍ନପୂର୍ଣ୍ଣା ଖୁଣ୍ଟିଆ**
ଜ୍ୟୋତିର୍ବିଦ୍
ଭୁବନେଶ୍ୱର

---

### ସରକାରଙ୍କ ରାଡାରରେ ଫାର୍ମା କମ୍ପାନୀ

# ୬୮% କମ୍ପାନୀ ଔଷଧର ମାନ ଖରାପ

**ନୂଆଦିଲ୍ଲୀ:** ଭାରତକୁ ବିଶ୍ୱର ଫାର୍ମାସୀ କୁହାଯାଏ। କାରଣ ଏଠାରୁ ସମଗ୍ର ବିଶ୍ୱକୁ ଔଷଧ ଯୋଗାଇ ଦିଆଯାଇଥାଏ। କାରଣ ଭାରତରେ ବଡ଼ ବଡ ଫାର୍ମାସ୍ୟୁଟିକାଲ୍ କମ୍ପାନୀଗୁଡିକ ବ୍ରାଣ୍ଡେଡ୍ ଔଷଧ ପ୍ରସ୍ତୁତ କରିଥାନ୍ତି। ଅପରପକ୍ଷେ ଲଘୁ, କ୍ଷୁଦ୍ର ଏବଂ ମଧ୍ୟମ (ଏମ୍‌ଏସ୍‌ଏମ୍‌ଇ) କ୍ଷେତ୍ରର ଫାର୍ମାସ୍ୟୁଟିକାଲ୍ କମ୍ପାନୀଗୁଡିକ ମୁଖ୍ୟତଃ ଜେନେରିକ୍ ଔଷଧ ପ୍ରସ୍ତୁତ କରିଥାନ୍ତି, ଯାହାର ଦେଶ ତଥା ବିଦେଶରେ ବହୁତ ଚାହିଦା ରହିଛି। ତେଣୁ କେନ୍ଦ୍ର ସରକାର ବର୍ତ୍ତମାନ ଏହି କମ୍ପାନୀଗୁଡିକର ଔଷଧର ଗୁଣକୁ ନେଇ ଅତ୍ୟନ୍ତ ସଜାଗ ହୋଇଯାଇଛନ୍ତି। ନିକଟରେ ଗାମ୍ବିଆରେ ଶିଶୁମାନଙ୍କ ମୃତ୍ୟୁ ପାଇଁ ଭାରତରେ ନିର୍ମିତ କାଶ ସିରପ୍‌କୁ ଦାୟୀ କରାଯାଇଥିଲା। ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ରୀୟ ଡ୍ରଗ୍ ଷ୍ଟାଣ୍ଡାର୍ଡ କଣ୍ଟ୍ରୋଲ୍ ଅର୍ଗାନାଇଜେସନ୍ (ସିଡିଏସ୍କୋ) ସହିତ ରାଜ୍ୟ ସ୍ତରର ଔଷଧ ନୀରିକ୍ଷକମାନେ ଫାର୍ମାସ୍ୟୁଟିକାଲ୍ କମ୍ପାନୀଗୁଡିକ ଦ୍ୱାରା ପ୍ରସ୍ତୁତ ଔଷଧର ଯାଞ୍ଚ କରିଥିଲେ। ଯାହାଦ୍ୱାରା ଦେଶରେ ଖରାପ ଗୁଣବତ୍ତା ବିଶିଟେ ଔଷଧ ଉତ୍ପାଦନ କରୁଥିବା କମ୍ପାନୀଗୁଡ଼ିକୁ ଚିହ୍ନଟ କରାଯାଇପାରିବ। ରିପୋର୍ଟ ଅନୁଯାୟୀ, ଏହି ଅଭିଯାନରେ ଯାଞ୍ଚ କରାଯାଇଥିବା ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରର ସମସ୍ତ ସଂସ୍ଥା ମଧ୍ୟରୁ ପ୍ରାୟ ୬୮% କମ୍ପାନୀର ଔଷଧ



'ମାନକ ଗୁଣବତ୍ତା' ପୂରଣ କରୁ ନଥିବା ଜଣାପଡିଛି। ଗତ ବର୍ଷ ଡିସେମ୍ବରରୁ ଏହି ଯାଞ୍ଚ ଚାଲିଥିଲା। ସୂତ୍ରରୁ ପ୍ରକାଶ ଯେ ଏହି ସମସ୍ତ ଏମଏସଏମଇ କମ୍ପାନୀ ମଧ୍ୟରୁ ୩୦ ପ୍ରତିଶତ କମ୍ପାନୀକୁ କାମ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହା ବର୍ତ୍ତମାନ ଏକ ଉଦ୍‌ବେଗଜନକ ପରିସ୍ଥିତି। ସମ୍ପ୍ରତି ଔଷଧର ବିପଦ ଭିତ୍ତିକ ଯାଞ୍ଚର ଏହି ଚତୁର୍ଥ ପର୍ଯ୍ୟାୟ ଜାରି ରହିଛି। ଏହି ଅବଧି ମଧ୍ୟରେ, ୨୨ଟି କମ୍ପାନୀରୁ ୪୪୬ ଟି ନମୁନା ସଂଗ୍ରହ କରାଯାଇଛି। ଏଥିମଧ୍ୟରୁ ୨୭୧ ଟି ମାମଲାରେ ବିସ୍ତୃତ ଅନୁସନ୍ଧାନ କରାଯାଇଛି। ଏହି ୨୭୧ ଟି ନମୁନା ମଧ୍ୟରୁ ୨୩୦ ଟି ମାନକ ଗୁଣବତ୍ତା ହୋଇଥିବାବେଳେ ୪୧ଟି ମାନକ ଗୁଣବତ୍ତା ପୂରଣ କରୁନାହିଁ। ଅର୍ଥାତ୍ ଏହି ଔଷଧଗୁଡିକର ମାନ ଅତ୍ୟନ୍ତ ଖରାପ ବୋଲି ଜଣାପଡିଛି। ୧୯୮୮ ମସିହାରେ ଦେଶରେ ଉତ୍ତମ ଉତ୍ପାଦନ ଅଭ୍ୟାସ' (ଜିଏମ୍ପି ବ୍ୟବସ୍ଥା ଆରମ୍ଭ କରାଯାଇଥିଲା। ଜିଏମ୍ପି ନିୟମର ଉଦ୍ଦେଶ୍ୟ ହେଉଛି ଔଷଧର ମାନକ ଗୁଣବତ୍ତା ବଜାୟ ରଖିବା। ଏହାର ଶେଷ ସଂଶୋଧନ ୨୦୦୫ରେ କରାଯାଇଥିଲା। ଚଳିତ ବର୍ଷ ଅଗଷ୍ଟରେ କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମାନସୁଖ ମାଣ୍ଡଭ୍ୟା ଘୋଷଣା କରିଛନ୍ତି ଯେ ୨୫୦ କୋଟି କିମ୍ବା ତା'ଠାରୁ ଅଧିକ କାରବାର କରୁଥିବା କମ୍ପାନୀମାନଙ୍କୁ ୬ ମାସ ମଧ୍ୟରେ ଜିଏମ୍ପି ଲାଗୁ କରିବାକୁ ପଡିବ। ବାକି କମ୍ପାନୀଗୁଡ଼ିକ ଏଥିପାଇଁ ୧ ବର୍ଷ ସମୟ ପାଇବେ। ଯଦି କମ୍ପାନୀଗୁଡିକ ଠିକ୍ ସମୟରେ ତାହା ନ କରନ୍ତି, ତେବେ ସେମାନଙ୍କୁ ଉପରେ ଜରିମାନା ଲାଗୁ କରାଯିବ।

---

### ବାୟୁ ପ୍ରଦୂଷଣର ଭୟଙ୍କର ପ୍ରଭାବ

# ଭାରତରେ ପ୍ରତିବର୍ଷ ୨.୧୮ ନିୟୁତ ଲୋକଙ୍କ ମୃତ୍ୟୁ

**ନୂଆଦିଲ୍ଲୀ :** ଦିନକୁ ଦିନ ଆମ ଚାରିପାଖରେ ବାୟୁ ବିଷାକ୍ତ ହୋଇପଡୁଛି। ଦୁନିଆର ସମସ୍ତ ସଂସ୍ଥାର ସମସ୍ତ ଉଦ୍ୟମ ସତ୍ତ୍ୱେ ବାୟୁ ପ୍ରଦୂଷଣ ବୃଦ୍ଧି ପାଉଛି। ଏହି ସମୟରେ, ଏକ ରିପୋର୍ଟ ସାମ୍ନାକୁ ଆସିଛି ଯାହା ଭାରତୀୟ ବୈଜ୍ଞାନିକମାନଙ୍କର ନିଦ ହଜାଇ ଦେଇଛି। ଏହି ରିପୋର୍ଟ ଅନୁଯାୟୀ, ଭାରତରେ ପ୍ରତିବର୍ଷ ୨.୧୮ ନିୟୁତ ଲୋକଙ୍କର ମୃତ୍ୟୁ ହୋଇଥାଏ। ବିଏମଜେରେ ପ୍ରକାଶିତ ଏକ ରିପୋର୍ଟରୁ ଜଣାପଡିଛି ଯେ ବାୟୁ ପ୍ରଦୂଷଣ ଦ୍ୱାରା ଭାରତରେ ପ୍ରତିବର୍ଷ ୨.୧୮ ନିୟୁତ ଲୋକଙ୍କର ମୃତ୍ୟୁ ଘଟିଥାଏ, ଯାହା ଚୀନ୍ ପରେ ଦ୍ୱିତୀୟ ସ୍ଥାନରେ ରହିଛି। ପ୍ରଦୂଷଣର କାରଣଗୁଡ଼ିକ ପ୍ରାୟ ସମସ୍ତ ବାହ୍ୟ ଉତ୍ସ ଅନ୍ତର୍ଭୁକ୍ତ। ରିପୋର୍ଟରୁ ଜଣାପଡିଛି ଯେ ଶିଳ୍ପ, ବିଦ୍ୟୁତ୍ ଉତ୍ପାଦନ ଏବଂ ପରିବହନରେ ଜୀବାଶ୍ମ ଇନ୍ଧନ ବ୍ୟବହାର ଦ୍ୱାରା ବାୟୁ ପ୍ରଦୂଷଣ ବିଶ୍ୱରେ ପ୍ରତିବର୍ଷ ୫.୧ ନିୟୁତ ଅତିରିକ୍ତ ମୃତ୍ୟୁ ଘଟାଇଥାଏ। ଏହି ରିପୋର୍ଟ ପାଇଁ ଏକ ନୂତନ ମଡେଲ୍ ବ୍ୟବହୃତ ହୋଇଥିଲା । ଅନୁସନ୍ଧାନକାରୀ ମାନେ ବିଶ୍ୱାସ କରନ୍ତି ଯେ ୨୦୧୯ ରେ ସମସ୍ତ ଉତ୍ସରୁ ବାୟୁ ପ୍ରଦୂଷଣ ହେତୁ ବିଶ୍ୱର ମୋଟ ଆନୁମାନିକ ୮.୩ ନିୟୁତ ମୃତ୍ୟୁହାରର ୬୧% ଏହା ଅଟେ। ଅବଶ୍ୟ, ଜୀବାଶ୍ମ ଇନ୍ଧନ ଦ୍ୱାରା ସୃଷ୍ଟି ହୋଇଥିବା ଏହି ପ୍ରଦୂଷଣକୁ ଅକ୍ଷୟ ଶକ୍ତି ସହିତ ବଦଳାଯାଇପାରେ। ଏହା ମଧ୍ୟ ଭୟାନକ କାରଣ ଏହା ଏପର୍ଯ୍ୟନ୍ତ ସର୍ବୋଚ୍ଚ ସଂଖ୍ୟା



ଅଟେ। ଅନୁସନ୍ଧାନକାରୀମାନେ ଜାଣିବାକୁ ପାଇଲେ ଯେ ପ୍ରାୟ ୫୨ ପ୍ରତିଶତ ମୃତ୍ୟୁ ସାଧାରଣ ଅବସ୍ଥା ସହିତ ଜଡିତ ଥିଲା ଯେପରିକି ଇସକେମିକ୍ ହୃଦ ରୋଗ, ଷ୍ଟ୍ରୋକ, କ୍ରନିକ ଅବଷ୍ଟ୍ରକ୍ଟିଭ ଫୁସଫୁସ ରୋଗ ଏବଂ ମଧୁମେହ। ଆହୁରି ମଧ୍ୟ, ମୃତ୍ୟୁର ପ୍ରାୟ ୨୦ ପ୍ରତିଶତ ଉଚ୍ଚ ବିପି, ଆଲଜାଇମର ଏବଂ ପାର୍କିନ୍ସନ୍ ରୋଗ ପରି ନ୍ୟୁରୋଡେଜେନେରେଟିଭ୍ ବ୍ୟାଧି ସହିତ ଜଡିତ ଥିଲା। ଅନୁସନ୍ଧାନକାରୀମାନେ ବିଶ୍ୱାସ କରନ୍ତି ଯେ ଜୀବାଶ୍ମ ଇନ୍ଧନ ଉପରେ ନିର୍ଭରଶୀଳ ଦେଶଗୁଡିକ ପ୍ରାୟ ୪.୬ ଲକ୍ଷ ଅର୍ଥାତ୍ ବାର୍ଷିକ ୦.୪୬ ନିୟୁତ ମୃତ୍ୟୁକୁ ସେମାନଙ୍କ ବ୍ୟବହାରକୁ ଏଡାଇ ପାରିବେ। ଏଥିରେ, ସଂଯୁକ୍ତ ଆରବ ଏମିରେଟ୍ସରେ ଚାଲିଥିବା ଉଙ୍ଚ୨୮ ଜଳବାୟୁ ପରିବର୍ତ୍ତନ ଆଲୋଚନା ଦ୍ୱାରା ଜୀବାଶ୍ମ ଇନ୍ଧନ ବନ୍ଦ କରିବାରେ ବହୁ ପରିମାଣରେ ପ୍ରଭାବଶାଳୀ ହୋଇପାରେ। ଏହିପରି ଉପାୟଗୁଡିକ ମିଳୁଛି ଯାହାଦ୍ୱାରା ଜୀବାଶ୍ମ ଇନ୍ଧନ ସର୍ବନିମ୍ନ ବ୍ୟବହୃତ ହୁଏ।

---

# ଶକ୍ତିଶାଳୀ ହେବ ବାୟୁସେନା

## ୯୭ ତେଜସ ଓ ୧୫୬ ପ୍ରଚଣ୍ଡ ହେଲିକପ୍ଟର କ୍ରୟକୁ ମଞ୍ଜୁରୀ



**ନୂଆଦିଲ୍ଲୀ :** ଥରିବେ ଶତ୍ରୁ ପକ୍ଷ। ଆହୁରି ଶକ୍ତିଶାଳୀ ହେବ ଭାରତୀୟ ବାୟୁସେନା। ସାମିଲ ହେବ ଆଉ ୯୭ଟି ଲଢୁଆ ବିମାନ ତେସଜ। ସେହିପରି ୧୫ଟି ପ୍ରଚଣ୍ଡ ଆଟାକ୍ ହେଲିକପ୍ଟରକୁ ମଧ୍ୟ ସାମିଲ କରାଯିବ। ପ୍ରତିରକ୍ଷା ଅଧିଗ୍ରହଣ ପରିଷଦ ଏସବୁ ଲଢୁଆ ବିମାନ କ୍ରୟ କରିବାକୁ ମଞ୍ଜୁରୀ ପ୍ରଦାନ କରିଛି। ଏହି ଦୁଇ ଫାଇଟର ଜେଟ୍ର ଦାମ୍ ପାଖାପାଖି ୧ ଲକ୍ଷ ୧୦ ହଜାର କୋଟି ଟଙ୍କା ରହିଛି। ଏହି ଦୁଇ ସ୍ୱଦେଶୀ ବିମାନ ଭାରତରେ ବିକଶିତ ହୋଇଛି। ଏହି ନିଷ୍ପତ୍ତି ଦ୍ୱାରା ଭାରତୀୟ ସେନା ସହିତ ଭାରତର ପ୍ରତିରକ୍ଷା କ୍ଷେତ୍ରରେ ଥିବା କମ୍ପାନୀ ଗୁଡିକର ମଧ୍ୟ ଫାଇଦା ହେବ। ଭାରତୀୟ ବାୟୁସେନା ପାଇଁ ତେଜସ୍ ମାର୍କ ୧- ଏ ଲଢୁଆ ବିମାନ ଏବଂ ସ୍ଥଳସେନା ପାଇଁ ପ୍ରଚଣ୍ଡ ହେଲିକପ୍ଟର କିଣାଯିବ। ଏହା ସହିତ ପରିଷଦ ଅତିରିକ୍ତ ଡିଲ୍ ମଧ୍ୟ ଅନୁମୋଦନ କରିଛନ୍ତି, ଯାହାର ମୋଟ ମୂଲ୍ୟ ପ୍ରାୟ ୨ ଲକ୍ଷ କୋଟି ହେବ ବୋଲି ଆକଳନ କରାଯାଇଛି। ଆଉ ୯୭ଟି ତେଜସ କିଣାଯିବା ପରେ ଭାରତୀୟ ବାୟୁସେନାରେ ଥିବା ତେଜସ ବିମାନ ସଂଖ୍ୟା ୧୮୦କୁ ବୃଦ୍ଧି ପାଇବ। ଫେବୃଆରୀ ୨୦୨୧ରେ ପ୍ରତିରକ୍ଷା ମନ୍ତ୍ରଣାଳୟ ଭାରତୀୟ ବାୟୁସେନା ପାଇଁ ୮୩ଟି ତେଜସ୍ ଏକ୍ସ-୧ ବିମାନ କିଣିଥିଲା। ଏଥିପାଇଁ ହିନ୍ଦୁସ୍ଥାନ ଏରୋନେଟିକ୍ ଲିମିଟେଡ୍ ସହ ୪୮,୦୦୦ କୋଟି ଟଙ୍କାର ଚୁକ୍ତିନାମା କରାଯାଇଥିଲା। ଯଦି ଏହି ଡିଲ୍ ପୂରଣ ହୁଏ, ତେବେ ଭାରତ ଇତିହାସରେ ସ୍ୱଦେଶୀ ନିର୍ମାତାଙ୍କୁ ମିଳିଥିବା ସର୍ବ ବୃହତ୍ତ ଅର୍ଡର ବୁକ୍ ହେବ। ସେନାର ଆବଶ୍ୟକତାକୁ ଦେଖି ଏହି ଲଢୁଆ ବିମାନ କିଣାକୁ ମଞ୍ଜୁରୀ ପ୍ରଦାନ କରାଯାଇଛି। ପରେ ନିର୍ମାତାମାନଙ୍କ ସହିତ ଚୁକ୍ତିନାମା ବୁଝାମଣା ହେବ।

---

## ମାଗଣା ପାଉଥିବା ଲୋକ ସମାଜକୁ ଫେରାଇବା ଦରକାର: ନାରାୟଣ ମୂର୍ତ୍ତି

**ନୂଆଦିଲ୍ଲୀ:** ଭୋଟରଙ୍କ ମନ ଜିଣିବା ଲାଗି ଘୋଷଣା ହେଉଥିବା ମାଗଣା ସ୍କିମକୁ ଇନଫୋସିସ୍ ସହ ପ୍ରତିଷ୍ଠାତା ଏନ୍ ଆର୍ ନାରାୟଣମୂର୍ତ୍ତି ନାପସନ୍ଦ କରିଛନ୍ତି। ସେ କହିଛନ୍ତି ଯେ ମୁଁ ମାଗଣା ସ୍କିମକୁ ବିରୋଧ କରୁନାହିଁ। ମୁଁ ବି ଗରିବ ପରିବାରରୁ ଆସିଛି। ଏହାର ମହତ୍ୱ ଜାଣିଛି। କିଛି ବି ମାଗଣା ନୁହେଁ। ଯେଉଁମାନେ ରିହାତିରେ ସରକାରଙ୍କଠାରୁ କିଛି ଲାଭ ପାଉଛନ୍ତି ସେମାନେ ସମାଜକୁ କୌଣସି ବାଟରେ ତାହା ଫେରାଇବା ଉଚିତ। ଭାରତକୁ ସମୃଦ୍ଧ ହେବାକୁ ହେଲେ 'କରୁଣା ପୁଞ୍ଜିବାଦ' ଏକମାତ୍ର ସମାଧାନ ବୋଲି ସେ କହିଛନ୍ତି। ଉଦାହରଣ ଦେଇ ସେ କହିଛନ୍ତି ଯେ ଲୋକଙ୍କୁ ମାଗଣା ବିଜୁଳି ଦେବା ଲାଗି ସରକାର ଘୋଷଣା କରିବା ବେଳେ ପ୍ରତିବଦଳରେ ପ୍ରାଥମିକ ଓ ମାଧ୍ୟମିକ ସ୍କୁଲରେ ପିଲାଙ୍କ ସଂଖ୍ୟା ୨୦ ପ୍ରତିଶତ ପର୍ଯ୍ୟନ୍ତ ବଢ଼ିବା ମାଗିବା ଦରକାର। ତାହା ତେବେଯାଇ ମାଗଣାରେ ବିଜୁଳି ଦିଆଯିବ ବୋଲି ସର୍ତ୍ତ ରହିବା ଦରକାର। ମାଗଣା ସୁବିଧା ପାଉଥିବା ଲୋକମାନଙ୍କୁ ନିଜ ପର ପିଢ଼ିର ଭବିଷ୍ୟତକୁ ଆହୁରି ଉନ୍ନତ କରିବା ଲାଗି କିଛିଟା ଦାୟିତ୍ୱ ନିର୍ବାହ କରିବାକୁ ପଡ଼ିବ ବୋଲି ସେ କହିଛନ୍ତି। ଅଧିକ ଟିକସ ହାରକୁ ମଧ୍ୟ ସେ ସମର୍ଥନ କରିଛନ୍ତି। ସେ ଏହା ମଧ୍ୟ କହିଛନ୍ତି ଯେ ଚୀନ୍‌ଠାରୁ ଆଗକୁ ବଢ଼ିବାକୁ ହେଲେ ଭିତ୍ତିଭୂମି କ୍ଷେତ୍ରରେ କାମ କରୁଥିବା କର୍ମଚାରୀମାନଙ୍କୁ ତିନିଟି ସିଫ୍ଟରେ କାମ କରିବାକୁ ହେବ।

---

## ହାତୀଙ୍କୁ ବଞ୍ଚାଇବ ରେଳ ବିଭାଗର 'ଗଜରାଜ'

**ନୂଆଦିଲ୍ଲୀ :** ଟ୍ରେନ ଧକ୍କାରେ ହାତୀ ମୃତ୍ୟୁ ଆମ ଦେଶରେ ଏକ ସାଧାରଣ କଥା ହୋଇଗଲାଣି। ଦିନକୁ ଦିନ ହାତୀମାନଙ୍କ ପାଇଁ ଟ୍ରେନ ଏକ ବଡ଼ ବିପଦରେ ପରିଣତ ହୋଇଛି। ଗତ ୧୦ ବର୍ଷରେ ଟ୍ରେନ ଧକ୍କାରେ ପ୍ରାୟ ୨୦୦ ହାତୀ ମୃତ୍ୟୁବରଣ କରିସାରିଲେଣି। ଏବେ ହାତୀମାନଙ୍କ ଜୀବନ ରକ୍ଷା ପାଇଁ ରେଳ ବିଭାଗ ଏକ ନୂଆ ଉପାୟ ଅବଲମ୍ବନ କରିବାକୁ ଯାଉଛି। ଏହି ଜ୍ଞାନକୌଶଳକୁ କୁହାଯାଉଛି ଗଜରାଜ। ଉତ୍ତର ପୂର୍ବ ସୀମାନ୍ତ ରେଳପଥରରେ ଏହାର ପାଇଲଟ୍ ପ୍ରକଳ୍ପ ଆରମ୍ଭ ହୋଇଯାଇଛି। ଉତ୍ତର ପୂର୍ବ ସୀମାନ୍ତ ରେଳପଥର ଜିଏମ୍ ଅଂଶୁଲ ଗୁପ୍ତା କହିଛନ୍ତି ଯେ କଣ୍ଟ୍ରୋଲ ରୁମ୍, ରେଳ ଷ୍ଟେସନ ଏବଂ ରେଡିଓ ଯୋଗାଯୋଗ ମାଧ୍ୟମରେ ଇଞ୍ଜିନ୍ ସହ ସଂଯୁକ୍ତ ହୋଇଥିବା ରେଳ ଧାରଣା ପାର୍ଶ୍ୱରେ ଅପ୍ଟିକାଲ ଫାଇବର ବିଛାଇ ସେନ୍ସର ଲଗାଯାଇଛି। ଏଭଳି ଭାବେ ହାତୀଟି ଟ୍ରାକ୍ ଉପରେ ଆସିଲେ ତା'ର ଚାପ କମ୍ପନ ସୃଷ୍ଟି କରିବ, ଯାହାର ସୂଚନା କଣ୍ଟ୍ରୋଲ ରୁମ୍, ଷ୍ଟେସନ୍ ମାଷ୍ଟର ଓ ଲୋକୋ ପାଇଲଟଙ୍କ ନିକଟରେ ପହଞ୍ଚିବ। ଖାଲି ସେତିକି ନୁହେଁ, ଆଲାର୍ମ ମଧ୍ୟ ସଙ୍ଗେ ସଙ୍ଗେ ବାଜିବ, ଏହି ଉପାୟରେ ଏକାସାଙ୍ଗରେ ତିନୋଟି ସ୍ଥାନରେ ସୂଚନା ପହଞ୍ଚିବ। କେଉଁଠି କମ୍ପନ ହୋଇଛି, ଲୋକୋ ପାଇଲଟ ସେହି ଅନୁଯାୟୀ ଟ୍ରେନ୍‌ର ବେଗ ହ୍ରାସ କରିବେ କିମ୍ବା ଅଟକାଇବେ। ପାଖାପାଖି ୧୪ଟି ହାତୀ କରିଡରକୁ ଏହି ଜ୍ଞାନକୌଶଳ ରେ ଅନ୍ତର୍ଭୁକ୍ତ କରାଯାଇଛି।

---

## ନାଗରିକତା ସଂଶୋଧନ ଆଇନର କାର୍ଯ୍ୟକାରିତାକୁ କେହି ଅଟକାଇ ପାରିବେ ନାହିଁ: ଶାହା

**କୋଲକାତା :** କେନ୍ଦ୍ର ସରକାର ନାଗରିକତା ସଂଶୋଧନ ଆଇନ (ସିଏଏ) ଲାଗୁ କରିବେ ଏବଂ ଏହାକୁ କେହି ରୋକିପାରିବେ ନାହିଁ ବୋଲି ଗୃହମନ୍ତ୍ରୀ ଅମିତ ଶାହ ବୁଧବାର ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଦଳର ଲୋକସଭା ନିର୍ବାଚନ ପ୍ରଚାର ଅଭିଯାନର ଶୁଭାରମ୍ଭ ପାଇଁ କୋଲକାତାରେ ଆୟୋଜିତ ଏକ ବିଶାଳ ରାଲିକୁ ସମ୍ବୋଧିତ କରି ଶାହା ତୁଷ୍ଟୀକରଣ, ଅନୁପ୍ରବେଶ, ଦୁର୍ନୀତି ଏବଂ ରାଜନୈତିକ ହିଂସା ପ୍ରସଙ୍ଗରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ତୀବ୍ର ସମାଲୋଚନା କରିବା ସହ ଆଗାମୀ ବିଧାନସଭା ନିର୍ବାଚନରେ ତାଙ୍କ ସରକାରକୁ ହଟାଇ ବିଜେପିକୁ ନିର୍ବାଚିତ କରିବାକୁ ଲୋକଙ୍କୁ ଅନୁରୋଧ କରିଛନ୍ତି। ରାଲିରେ ହୋଇଥିବା ବିପୁଳ ସମାଗମକୁ ପ୍ରଶଂସା କରି ସେ କହିଛନ୍ତି ଯେ ଏହା ଲୋକଙ୍କ ମନୋଭାବକୁ ସୂଚାଉଛି ଏବଂ ୨୦୨୬ରେ ରାଜ୍ୟରେ ବିଜେପି



ଦୁଇ ତୃତୀୟାଂଶ ସଂଖ୍ୟାଗରିଷ୍ଠତା ସହ କ୍ଷମତାକୁ ଆସିବ ବୋଲି ଶ୍ରୀ ଶାହା ଦାବି କରିଛନ୍ତି। ୨୦୨୪ ଲୋକସଭା ନିର୍ବାଚନରେ ରାଜ୍ୟରେ ବିଜେପିର ପ୍ରଦର୍ଶନ ବିଧାନସଭା ନିର୍ବାଚନରେ ନିଜର ବିଜୟର ମୂଳଦୁଆ ପକାଇବ ବୋଲି ସେ କହିଛନ୍ତି। ବିବାଦୀୟ ସିଏଏ ପ୍ରସଙ୍ଗକୁ ଦୃଷ୍ଟିରେ ରଖି ସେ କହିଛନ୍ତି, ମମତା ବାନାର୍ଜୀ ଏହାକୁ ବିରୋଧ କରି ଆସୁଛନ୍ତି। କିନ୍ତୁ ଏହି ଆଇନ ବିରୋଧରେ ବିରୋଧୀଙ୍କ କଠୋର ଆଭିମୁଖ୍ୟ ମଧ୍ୟରେ କେନ୍ଦ୍ର ସରକାର ଏପର୍ଯ୍ୟନ୍ତ ନିୟମ ପ୍ରଣୟନ କରି ନଥିବାରୁ ଏହାର କାର୍ଯ୍ୟକାରିତାକୁ କେହି ଅଟକାଇ ପାରିବେ ନାହିଁ। ଏହି ଆଇନର ଉଦ୍ଦିଷ୍ଟ ହିତାଧିକାରୀଙ୍କ ଉଦ୍ଦେଶ୍ୟରେ ଶାହା କହିଛନ୍ତି ଯେ ସେମାନଙ୍କର ନାଗରିକତା ପାଇବାର ଅଧିକାର ଅନ୍ୟମାନଙ୍କ ଭଳି ରହିଛି। ରାଜ୍ୟରେ ଦଳର ଲୋକସଭା ପ୍ରଚାର ପାଇଁ ମନ୍ତ୍ରୀ ଶାହା ଐତିହାସିକ ଏସପ୍ଲାନେଡ୍ରେ ରାଲିକୁ ସମ୍ବୋଧିତ କରିଥିଲେ। ଦଳ ୨୦୧୯ରେ ରାଜ୍ୟର ୪୨ଟି ଆସନ ମଧ୍ୟରୁ ୧୮ଟିରେ ବିଜୟୀ ହୋଇଥିଲା ବିଜେପି, ଯାହା କି ଏଯାବତ୍ ସର୍ବାଧିକ।

---

### କେନ୍ଦ୍ର କ୍ୟାବିନେଟ୍‌ର ବଡ଼ ନିଷ୍ପତ୍ତି

# ଗରିବଙ୍କ ପାଇଁ ଆଉ ୫ ବର୍ଷ ମାଗଣା ଚାଉଳ

**ନୂଆଦିଲ୍ଲୀ :** କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା (ପିଏମଜିକେଏୱାଇ) ଅଧୀନରେ ପ୍ରାୟ ୮୧.୩୫ କୋଟି ହିତାଧିକାରୀଙ୍କୁ ଜାନୁଆରୀ ୧, ୨୦୨୪ରୁ ଆଗାମୀ ୫ ବର୍ଷ ପାଇଁ ମାଗଣା ଖାଦ୍ୟଶସ୍ୟ ଯୋଗାଇ ଦେବେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର କ୍ୟାବିନେଟ୍ ଆଜି ଏହି ନିଷ୍ପତ୍ତିକୁ ଅନୁମୋଦନ କରିଛି। ଏହା ଏକ ଐତିହାସିକ ନିଷ୍ପତ୍ତି ଯାହା ପିଏମଜିକେଏୱାଇକୁ ବିଶ୍ୱର ସର୍ବବୃହତ ସାମାଜିକ କଲ୍ୟାଣକାରୀ ଯୋଜନା ମଧ୍ୟରେ ସ୍ଥାନିତ କରିଛି ଯାହାର ଉଦ୍ଦେଶ୍ୟ ହେଉଛି ୫ ବର୍ଷ ମଧ୍ୟରେ ୧୧ ଲକ୍ଷ ୮୦ ହଜାର କୋଟି ଟଙ୍କା ବ୍ୟୟ ଅଟକଳରେ ୮୧ କୋଟି ୩୫ ଲକ୍ଷ ଲୋକଙ୍କ ପାଇଁ ଖାଦ୍ୟ ଏବଂ ପୋଷଣ ନିରାପତ୍ତା ସୁନିଶ୍ଚିତ କରିବା। ଏହି ନିଷ୍ପତ୍ତି ଜନସଂଖ୍ୟାର ମୌଳିକ ଖାଦ୍ୟ ଏବଂ ପୋଷଣ ଆବଶ୍ୟକତା ପୂରଣ ମାଧ୍ୟମରେ ଦକ୍ଷ ଏବଂ ଲକ୍ଷ୍ୟ ଆଧାରିତ କଲ୍ୟାଣ ଦିଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୃଢ଼ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। ଅମୃତ କାଳରେ ଏହି ସ୍ତରରେ ଖାଦ୍ୟ ନିରାପତ୍ତା ସୁନିଶ୍ଚିତ କରିବା ଏକ ଆକାଂକ୍ଷୀ ଏବଂ ବିକଶିତ ଭାରତ ଗଠନ ଦିଗରେ ପ୍ରୟାସ ସମର୍ପିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ୧.୧.୨୦୨୪ରୁ ୫ ବର୍ଷ ପାଇଁ ପିଏମଜିକେଏୱାଇ ଅଧୀନରେ ମାଗଣା ଖାଦ୍ୟଶସ୍ୟ (ଚାଉଳ, ଗହମ ଏବଂ ମିଲେଟ୍ସ / ବାଜରା) ଖାଦ୍ୟ ସୁରକ୍ଷାକୁ ସୁଦୃଢ଼ କରିବ ଏବଂ ଜନସଂଖ୍ୟାର ଗରିବ ଏବଂ ଦୁର୍ବଳ ବର୍ଗର କୌଣସି ଆର୍ଥିକ ଅସୁବିଧାକୁ ହ୍ରାସ କରିବ। ଏହା ଏକ ସାଧାରଣ ଲୋଗୋ ଅଧୀନରେ ୫ ଲକ୍ଷରୁ ଅଧିକ ସୁଲଭ ମୂଲ୍ୟ ଦୋକାନର ନେଟୱାର୍କ ମାଧ୍ୟମରେ ସମସ୍ତ



ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳରେ ମାଗଣାରେ ଖାଦ୍ୟଶସ୍ୟ ବିତରଣରେ ଦେଶବ୍ୟାପୀ ଏକସମାନତା ପ୍ରଦାନ କରିବ। ଓଏନଓଆରସି- ୱାନ୍ ନେସନ୍ ୱାନ୍ ରାସନ କାର୍ଡ କାର୍ଯ୍ୟକ୍ରମ ଅଧୀନରେ ହିତାଧିକାରୀମାନେ ଦେଶର ଯେକୌଣସି ସୁଲଭ ମୂଲ୍ୟ ଦୋକାନରୁ ମାଗଣାରେ ଖାଦ୍ୟଶସ୍ୟ ଉଠାଇପାରିବେ। ଡିଜିଟାଲ ଇଣ୍ଡିଆ ଅଧୀନରେ ପ୍ରଯୁକ୍ତି ଭିତ୍ତିକ ସଂସ୍କାରର ଏକ ଅଂଶ ଭାବରେ ଉଭୟ ଆନ୍ତଃରାଜ୍ୟ ଏବଂ ରାଜ୍ୟ ଭିତରେ ପୋର୍ଟେବିଲିଟିକୁ ସୁଗମ କରିବା ପାଇଁ ଏହି ପଦକ୍ଷେପ ପ୍ରବାସୀମାନଙ୍କ ପାଇଁ ବହୁତ ଲାଭଦାୟକ ହେବ। ମାଗଣା ଖାଦ୍ୟଶସ୍ୟ ବିତରଣ ବ୍ୟବସ୍ଥା ସମଗ୍ର ଦେଶରେ ୱାନ୍ ନେସନ୍ ୱାନ୍ ରାସନ କାର୍ଡ (ଓଏନଓଆରସି) ଅଧୀନରେ ପୋର୍ଟେବିଲିଟିର ସମାନ କାର୍ଯ୍ୟକାରିତା ସୁନିଶ୍ଚିତ କରିବ ଏବଂ ଏହି ପସନ୍ଦ ଭିତ୍ତିକ ପ୍ଲାଟଫର୍ମକୁ ଆହୁରି ସୁଦୃଢ଼ କରିବ। ପିଏମଜିକେଏୱାଇ ଅଧୀନରେ ଖାଦ୍ୟଶସ୍ୟ ବଣ୍ଟନ ପାଇଁ ପାଞ୍ଚ ବର୍ଷ ମଧ୍ୟରେ ଆନୁମାନିକ ଖାଦ୍ୟ ସବସିଡି ବାବଦରେ ୧୧.୮୦ ଲକ୍ଷ କୋଟି ଟଙ୍କା ଆବଶ୍ୟକ ହେବ। ତେଣୁ ହିତାଧିକାରୀଙ୍କୁ ମାଗଣା ଖାଦ୍ୟଶସ୍ୟ ଯୋଗାଇବା ପାଇଁ ପିଏମଜିକେଏୱାଇ ଅଧୀନରେ ଖାଦ୍ୟ ସବସିଡି ବାବଦରେ କେନ୍ଦ୍ର ସରକାର ଆସନ୍ତା ପାଞ୍ଚ ବର୍ଷ ମଧ୍ୟରେ ପାଖାପାଖି ୧୧ ଲକ୍ଷ ୮୦ ହଜାର କୋଟି ଟଙ୍କା ଖର୍ଚ୍ଚ କରିବେ। ୨୦୨୪ ଜାନୁଆରୀ ପହିଲାରୁ ପାଞ୍ଚ ବର୍ଷ ପାଇଁ ପିଏମଜିକେଏୱାଇ ଅଧୀନରେ ମାଗଣା ଖାଦ୍ୟଶସ୍ୟ ବ୍ୟବସ୍ଥା ଜାତୀୟ ଖାଦ୍ୟ ଏବଂ ପୋଷଣ ନିରାପତ୍ତାକୁ ସୁନିଶ୍ଚିତ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୀର୍ଘକାଳୀନ ପ୍ରତିବଦ୍ଧତା ଏବଂ ଦୃଷ୍ଟିକୋଣକୁ ପ୍ରତିଫଳିତ କରେ। ମାଗଣା ଖାଦ୍ୟଶସ୍ୟ ର ବ୍ୟବସ୍ଥା ସମାଜର ପ୍ରଭାବିତ ବର୍ଗର ଯେକୌଣସି ଆର୍ଥିକ ଅସୁବିଧାକୁ ସ୍ଥାୟୀ ଭାବରେ ହ୍ରାସ କରିବ ଏବଂ ହିତାଧିକାରୀମାନଙ୍କୁ ଶୂନ୍ୟ ଖର୍ଚ୍ଚ ସହିତ ଦୀର୍ଘମିଆଦୀ ମୂଲ୍ୟ ନିର୍ଦ୍ଧାରଣ ରଣନୀତି ସୁନିଶ୍ଚିତ କରିବ ଯାହା ସାଧାରଣ ବଣ୍ଟନ ବ୍ୟବସ୍ଥାର ପ୍ରଭାବଶାଳୀ ପ୍ରସାର ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।




ଉଚ୍ଚସ୍ତରୀୟ ବୈଠକରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି

# ବିନା ଅନୁମତିରେ ରାସ୍ତା ଖୋଳିଲେ ଥାନାରେ ଏତଲା ଦେବ ବିଏମ୍‌ସି

**ଭୁବନେଶ୍ୱର :** ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ବିନା ଅନୁମତିରେ ରାସ୍ତା ଖୋଳିଲେ କିମ୍ବା କଟାକଟି କଲେ ସଂପୃକ୍ତ ସଂସ୍ଥା କିମ୍ବା ବ୍ୟକ୍ତିଙ୍କ ବିରୋଧରେ ଏତାଲା ଦାୟର କରାଯିବ। ଆଜି ବିଏମ୍‌ସି ମୁଖ୍ୟାଳୟରେ ବସିଥିବା ଆନ୍ତଃ ବିଭାଗୀୟ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। କମିସନର ବିଜୟ ଅମୃତା କୁଲାଙ୍ଗେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉଚ୍ଚସ୍ତରୀୟ ବୈଠକରେ ଅତିରିକ୍ତ କମିସନର ସୂର୍ଯ୍ୟବଂଶୀ ମୟୁର ବିକାଶ, ଡେପୁଟି କମିସନର (ରେଭିନ୍ୟୁ) ପ୍ରିୟବ୍ରତ ପାଢୀ, ୱାଟକୋ, ଇଡକୋ ଓ ପୂର୍ତ୍ତ ବିଭାଗର ବରିଷ୍ଠ ଅଧିକାରୀ, ବିଏସ୍‌ଏନ୍‌ଏଲ୍, ଓପିଟିସିଏଲ୍, ଗେଲ୍ ଇଣ୍ଡିଆ ଲିମିଟେଡ, ପାୱାର ଗ୍ରୀଡ, ଜିଓ ରେଲାଏନ୍ସ,



ଭାରତୀ ଏୟାରଟେଲ, ଟାଟା କମ୍ୟୁନିକେଶନ ଲିମିଟେଡ୍, ଭୋଡା ଫୋନ୍ ଆଦି କଂପାନୀର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ। କୌଣସି ସଂସ୍ଥା ଓ ବ୍ୟକ୍ତିବିଶେଷ ରାସ୍ତା କେବୁଲ ବିଛାଇବା, ଖୁଣ୍ଟିପୋତିବା, ଗ୍ୟାସ୍ ପାଇପ ଲାଇନ୍, ସ୍ୱେରେଜ କାମ କିମ୍ବା ନିର୍ମାଣ କାମ ପାଇଁ ରାସ୍ତା ଖୋଳିବା ମନା। ଏହା କରିବା ପୂର୍ବରୁ ନିଶ୍ଚିତ ଭାବେ ବିଏମ୍‌ସିରୁ ଅନୁମତି ନେବାକୁ ପଡିବ। ସୂଚନାଯୋଗ୍ୟ, ବିଏମ୍‌ସିର ଅଭିଯୋଗ ପ୍ରକୋଷ୍ଠକୁ ଏ ସଂକ୍ରାନ୍ତୀୟ ଅନେକ ଆବେଦନ କର୍ତ୍ତୃପକ୍ଷଙ୍କ ହସ୍ତଗତ ହୋଇଛି। ଏପରିକି ବିଏମ୍‌ସିର କର୍ପୋରେସନ ବୈଠକରେ ମଧ୍ୟ କର୍ପୋରେଟରମାନେ ଏହି ଭଳି ସମସ୍ୟା ସଂପର୍କରେ ଦୃଷ୍ଟି ଆକର୍ଷଣ କରିଛନ୍ତି। ଜନସାଧାରଣଙ୍କର ଚଳପ୍ରଚଳ ଏ ଦିଗରେ ଅନେକ ବାଧା ଦେଉଛି ଏବଂ ଛୋଟ ବଡ ଦୁର୍ଘଟଣା ମଧ୍ୟ ଘଟୁଛି। ଅନ୍ୟପକ୍ଷରେ ସହରର ବାସୋପଯୋଗୀତା ଏବଂ ସୌନ୍ଦର୍ଯ୍ୟକରଣ କ୍ଷୁର୍ଣ୍ଣ ହେଉଛି। ଜନସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଯେ କୌଣସି ବିଭାଗ, କର୍ପୋରେସନ, ଅନୁଷ୍ଠାନ ପ୍ରଚଳିତ ନିୟମକୁ ଅନୁସରଣ କରିବାକୁ ପଡିବ। ତେଣୁ ରାସ୍ତା କାଟିବା ପୂର୍ବରୁ ଉପଯୁକ୍ତ କାରଣ ଦର୍ଶାଇବା ସହ ବିଏମ୍‌ସିର ଅନୁମତି ନେବାକୁ ପଡିବ। ଅନୁମତି ଦେବା ପୂର୍ବରୁ ବିଏମ୍‌ସିର ଏକ ଟିମ୍ ସଂପୃକ୍ତ ଘଟଣାସ୍ଥଳ ପରିଦର୍ଶନ କରି ରିପୋର୍ଟ ଦେବା ପରେ, ତାହା ଯଥାର୍ଥ ହୋଇଥିଲେ, ଅନୁମତି ପ୍ରଦାନ କରାଯିବ। ଏଥିରେ ଖିଲାପ ହେଲେ, ସଂପୃକ୍ତ ସଂସ୍ଥା ବା ବ୍ୟକ୍ତିବିଶେଷଙ୍କ ବିରୋଧରେ ଏତଲା ଦାୟର କରାଯିବ ବୋଲି ଏହି ବୈଠକରେ କମିସନର କହିଛନ୍ତି। କେବଳ ସେତିକି ନୁହେଁ, ରାସ୍ତାରେ ନିର୍ମାଣ ଓ ଭଗ୍ନାବଶେଷ ବାଲି, ମାଟି, ଗୋଡି ଆଦି ଗଦା କରିପାରିବେ ନାହିଁ କି କେବୁଲ ଝୁଲାଇ ପାରିବେ ନାହିଁ ବୋଲି କହିଛନ୍ତି କମିସନର।

# ନାକ୍ ଏ+ ଫେରି ପାଇଲା ଉତ୍କଳ

**ଭୁବନେଶ୍ୱର :** ଉତ୍କଳ ବିଶ୍ୱବିଦ୍ୟାଳୟ ନିଜର ନାକ ଏ+ ରାଙ୍କିଂ ଫେରି ପାଇଛି। ନାକ ପକ୍ଷରୁ ଉତ୍କଳ ବିଶ୍ୱବିଦ୍ୟାଳୟକୁ ଏ+ ମାନ୍ୟତା ପ୍ରଦାନ କରାଯାଇଛି। ଏ ନେଇ ନାକ ୱେବସାଇଟରେ ସୂଚନା ଦିଆଯାଇଛି। ନ୍ୟାସନାଲ ଆସେସମେଣ୍ଟ ଆଣ୍ଡ ଆକ୍ରିଡେସନ କାଉନସିଲ (ନାକ) ପକ୍ଷରୁ ପୁନଃ ବିଚାର ପରେ ଉତ୍କଳ ବିଶ୍ୱ ବିଦ୍ୟାଳୟକୁ ଏ+ ମାନ୍ୟତା ପ୍ରଦାନ କରାଯାଇଛି। ଏଥର ଉତ୍କଳ ବିଶ୍ୱବିଦ୍ୟାଳୟ ସିଜିପିଏ ୩.୨୬ ଗ୍ରେଡ ରଖି ଏ+ ମାନ୍ୟତା ପାଇଛି। ଏଠାରେ ସୂଚନା ଯୋଗ୍ୟ ଯେ ମେ ମାସରେ ଆସିଥିବା ନାକ ଟିମ ଉତ୍କଳ ବିଶ୍ୱବିଦ୍ୟାଳୟକୁ ନାକ ଏ ମାନ୍ୟତା ପ୍ରଦାନ କରିଥିଲା। ତେବେ ନାକ ଏ++ ମାନ୍ୟତା ପାଇଁ ଆଶା ରଖିଥିବା ଉତ୍କଳ ବିଶ୍ୱବିଦ୍ୟାଳୟ ପୁନଃ ବିଚାର ପାଇଁ ଆବେଦନ କରିଥିଲେ । ଯାହାର ଫଳାଫଳ ଆଶାନୁରୂପକ ଆସିଛି। ଏ ଗ୍ରେଡକୁ ପରିବର୍ତ୍ତନ କରି ନାକ ଟିମ ଦେଇଛି ଏ+ ଗ୍ରେଡ। ୨୦୧୬ରେ ଉତ୍କଳ ହାତେଇଥିଲା ଏ+ ଗ୍ରେଡ। ଏଥର ବିଶ୍ୱ ବିଦ୍ୟାଳୟ କର୍ତ୍ତୃପକ୍ଷ ଏ++ ପାଇଁ ଆଶା ରଖିଥିଲେ ମଧ୍ୟ ତାହା



ବିଫଳ ହୋଇଛି କିନ୍ତୁ ନାକ ଏ+ ଗ୍ରେଡ ମାନ୍ୟତା ପାଇଥିବାରୁ କର୍ତ୍ତୃପକ୍ଷ ସନ୍ତୋଷ ପ୍ରକାଶ କରିଛନ୍ତି। କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ଗଣମାଧ୍ୟମକୁ କହିଛନ୍ତି ଯେ ଉତ୍କଳ ବିଶ୍ୱବିଦ୍ୟାଳୟ ନାକ ଏ+ ଗ୍ରେଡ ମିଳିଥିବାରୁ ଆମେ ସମସ୍ତେ ବହୁତ ଖୁସି। ଏହା ଏ+ ବିଶ୍ୱବିଦ୍ୟାଳୟ ହୋଇଥିବାରୁ ରୁସା ଓ ବିଶ୍ୱବ୍ୟାଙ୍କରୁ ଅନୁଦାନ ମିଳୁଛି ଏବଂ ଆଗକୁ ମଧ୍ୟ ମିଳିବ, ଯାହାର ସୁବିଧା ଛାତ୍ରଛାତ୍ରୀମାନେ ପାଇପାରିବେ। ଉତ୍କଳ ବିଶ୍ୱବିଦ୍ୟାଳୟ ନାମ ଏ+ ଗ୍ରେଡ ମାନ୍ୟତା ବଜାୟ ରଖିଥିବାରୁ ବହୁତ ଖୁସି ବୋଲି ପ୍ରକାଶ କରିଥିଲେ।

# ଛାତ୍ରଛାତ୍ରୀଙ୍କ ସାଇକେଲରେ ଲାଗିଲା 'ଆମେ ଗଢ଼ିବୁ ନୂଆ ଓଡ଼ିଶା' ଷ୍ଟିକର



**ଭୁବନେଶ୍ୱର :** ରାଜ୍ୟର ସବୁ ସ୍କୁଲର ନବମ ଶ୍ରେଣୀ ଛାତ୍ର ଛାତ୍ରୀଙ୍କ ସାଇକେଲରେ ଲାଗିଲା "ଆମେ ଗଢିବୁ ନୂଆ ଓଡ଼ିଶା"ର ବ୍ରାଣ୍ଡିଂ । ପୂର୍ବରୁ ଏ ନେଇ ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ ପ୍ରତି ସ୍କୁଲକୁ ଚିଠି ମାଧ୍ୟମରେ ନିର୍ଦ୍ଦେଶ ଦେଇଥିଲା। ଆଜି ସେହି କ୍ରମରେ ଭୁବନେଶ୍ୱର କ୍ୟାପିଟାଲ ହାଇସ୍କୁଲରେ ଆରମ୍ଭ ହୋଇଛି କାର୍ଯ୍ୟକ୍ରମ। ସ୍କୁଲର ନବମ ଶ୍ରେଣୀ ପିଲାଙ୍କ ସାଇକେଲରେ ଷ୍ଟିକର ଲାଗିଛି। ଏହା ସହ "ଆମେ ପଢିବୁ ବଢିବୁ ଶ୍ରେଷ୍ଠ ହେବୁର ଷ୍ଟିକର ମଧ୍ୟ ଲଗାଯାଇଛି। ପ୍ରଧାନଶିକ୍ଷୟତ୍ରୀଙ୍କ କହିବା କଥା ସରକାର ନୂଆ ଯୋଜନା ଆଣିଛନ୍ତି। ପିଲାମାନେ କିଭଳି ସ୍ମାର୍ଟ ହେବେ, ସବୁଦିନ ସ୍କୁଲ ଆସିବେ, ଉପସ୍ଥାନ ବଢିବ ସେ ନେଇ ମଧ୍ୟ ଲକ୍ଷ୍ୟ ରଖାଯାଇଛି। ସେପଟେ ଛାତ୍ର ଛାତ୍ରୀ ମଧ୍ୟ ନୂଆ ସାଇକେଲ ଓ ବ୍ରାଣ୍ଡିଂ ଷ୍ଟିକର ନେଇ ବେଶ ଖୁସି।

ମହିଳା ସଶକ୍ତିକରଣରେ ସରକାରଙ୍କ ପ୍ରତିବଦ୍ଧତା

# ୮ ବର୍ଷରେ ଆର୍ଥିକ ସହାୟତା ୧୯ ଗୁଣ ବୃଦ୍ଧି

**ଭୁବନେଶ୍ୱର:** ମହିଳା ସଶକ୍ତୀକରଣ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତା ରାଜ୍ୟରେ ସୃଷ୍ଟି କରିଛି ନୂଆ ବିପ୍ଳବ। ମହିଳାମାନଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବା ସହ ରାଜ୍ୟର ବିକାଶରେ ସେମାନଙ୍କ ଯୋଗଦାନକୁ ସୁନିଶ୍ଚିତ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନର କାର୍ଯ୍ୟକ୍ରମ 'ମିଶନ ଶକ୍ତି' ଏବେ ସଶକ୍ତ ଓ ସମୃଦ୍ଧ ହେବାରେ ଲାଗିଛି। ବିଭାଗୀୟ ସଚିବ ସୁଜାତା ରାଉତ ପାଣ୍ଡିଆନଙ୍କ ବ୍ୟକ୍ତିଗତ ପ୍ରଚେଷ୍ଟା ଯୋଗୁଁ ବିଭାଗ ଆଉ ଏକ ମାଇଲଖୁଣ୍ଟ ସ୍ଥାପନ କରିବାକୁ ଯାଉଛି। ବିଗତ ୮ ବର୍ଷ ମଧ୍ୟରେ ମିଶନ ଶକ୍ତିକୁ ଆର୍ଥିକ ସହାୟତା ପ୍ରଦାନ ୧୯ ଗୁଣ ବୃଦ୍ଧି ପାଇଛି। କେବଳ ଗତ ଆର୍ଥିକ ବର୍ଷ ତୁଳନାରେ ଚଳିତ ଆର୍ଥିକ ବର୍ଷରେ ସ୍ୱୟଂ ସହାୟକ ଗୋଷ୍ଠୀକୁ ଋଣ ପ୍ରବାହ ୧୫ ହଜାର କୋଟି ଅତିକ୍ରମ କରିବ ବୋଲି ସୂଚନା ମିଳିଛି। ଗତ ଆର୍ଥିକ ବର୍ଷରେ ରାଜ୍ୟର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ୧୧୦୦୦ କୋଟି



ଟଙ୍କା ଋଣ ପ୍ରଦାନ କରାଯାଇଥିଲା। ମାତ୍ର ଚଳିତ ବର୍ଷ ଅଧିକ ୪୦୦୦ କୋଟି ଟଙ୍କା ଋଣ ପ୍ରଦାନ ପାଇଁ ବ୍ୟବସ୍ଥା କରାଯିବା ସହ ଏହାର କାର୍ଯ୍ୟାନ୍ୱୟନ ନିମନ୍ତେ ସବୁ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଇଛି। ରାଜ୍ୟର ମହିଳାମାନଙ୍କୁ ଆତ୍ମନିର୍ଭର ସହ ସ୍ୱାବଲମ୍ବୀ କରିବାରେ ଏହି ଋଣ ପ୍ରମୁଖ ଭୂମିକା ଗ୍ରହଣ କରିଥିବାବେଳେ ଏସ୍‌ଏଚ୍‌ଜିରୁ ଏସ୍‌ଏମ୍‌ଇ ଯାତ୍ରାପଥ ସୁଗମ ହୋଇଛି। ଗତ୨୦୧୬-୧୭ରେ ମହିଳା ଗୋଷ୍ଠୀ ପିଛା ହାରାହାରି ୧.୦୬ ଲକ୍ଷ ଟଙ୍କା ଋଣ ପ୍ରଦାନ କରାଯାଇଥିଲା। ସମ୍ପ୍ରତି ଏହା ପ୍ରାୟ ୩ଗୁଣ ଅଧିକ ହୋଇଛି। ବର୍ତ୍ତମାନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ହାରାହାରି ଋଣ ସହାୟତା ୩.୦୧ ଲକ୍ଷରେ ପହଞ୍ଚିଛି ଏବଂ ଆଗାମୀ ଦିନରେ ବିନା ସୁଧରେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ସହାୟତା ଯୋଗାଇ ଦେବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ଅନ୍ୟପକ୍ଷରେ ଗତ ଚାରି ବର୍ଷମଧ୍ୟରେ ୪ ଲକ୍ଷରୁ ଅଧିକ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସୁଧଛାଡ ବାବଦରେ ସିଧାସଳଖ ୫୮୭ କୋଟି ଟଙ୍କା ଫେରସ୍ତ କରାଯାଇଛି ଏବଂ କେବଳ ଗତ ବର୍ଷ ଏ ବାବଦରେ ୨୧୬ କୋଟି ଟଙ୍କା ପ୍ରଦାନ କରାଯାଇଛି। ଗତ ୬ ବର୍ଷ ମଧ୍ୟରେ ଏସ୍‌ଏଚ୍‌ଜି ଋଣର ଏନ୍‌ପିଏ ୧୪.୨ ପ୍ରତିଶତରୁ ୧.୯୯ ପ୍ରତିଶତକୁ ବଡ଼ ହ୍ରାସ ରେକର୍ଡ କରାଯାଇଛି। ସାରା ଦେଶରେ ଏହା ସବୁଠାରୁ ଶ୍ରେଷ୍ଠ ପରିଣାମ ବୋଲି ମଧ୍ୟ କୁହାଯାଉଛି। ପୁନଶ୍ଚ ପ୍ରଥମ ଥର ପାଇଁ ଓଡ଼ିଶାରେ ୧୧୦୩ ଟି ପଞ୍ଚାୟତ ଏନପିଏ ମୁକ୍ତ ହୋଇଥିବାବେଳେ ଏହାକୁ ଭାରତ ସରକାର ମଧ୍ୟ ପ୍ରଶଂସା କରିଛନ୍ତି। ରାଜ୍ୟରେ ୬ଲକ୍ଷ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀରେ ପ୍ରାୟ ୭୦ ଲକ୍ଷ ମହିଳା ସଦସ୍ୟ ରହିଛନ୍ତି। ଏମାନଙ୍କୁ ଆର୍ଥିକ ଦୃଷ୍ଟିରୁ ସଶକ୍ତ କରିବାଲାଗି ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ଏଥି ସହିତ ସ୍ୱୟଂ ସହାୟକ ଗୋଷ୍ଠୀଗୁଡିକର ଉତ୍ପାଦିତ ସାମଗ୍ରୀ ପାଇଁ କିଭଳି ବଜାର ସୃଷ୍ଟି କରାଯାଇ ପାରିବ ସେ ଦିଗରେ ମଧ୍ୟ ପଦକ୍ଷେପ ଗ୍ରହଣ କରୁଛନ୍ତି। ୬୧୭୮ ଗ୍ରାମପଞ୍ଚାୟତସ୍ତରୀୟ ମହାସଂଘ ପାଇଁ କମ୍ୟୁନିଟି ପାଣ୍ଠିର ବ୍ୟବସ୍ଥା, ମହାସଂଘ କର୍ମକର୍ତ୍ତାମାନଙ୍କର ମିଟିଂ ଓ ଗସ୍ତ ଖର୍ଚ୍ଚ ବାବଦକୁ ଆର୍ଥିକ ସହାୟତା, ୭୦ ହଜାର କମ୍ୟୁନିଟି ସହାୟତା କର୍ମଚାରୀମାନଙ୍କ ପାଇଁ ୟୁନିଫର୍ମ ଓ ସ୍ମାର୍ଟଫୋନ୍ ଭତ୍ତା ସମେତ ୨ ହଜାର ବ୍ୟାଙ୍କ ମିତ୍ରଙ୍କ ପାଇଁ ଲ୍ୟାପଟପ୍ର ବ୍ୟବସ୍ଥା କରାଯାଇଛି। ଏହାସହ କର୍ମଚାରୀଙ୍କ ପାଇଁ ମିଶନ ଶକ୍ତି ସ୍କୁଟରର ମଧ୍ୟ ବ୍ୟବସ୍ଥା କରାଯାଇଛି।

# 'ଓଡ଼ିଶାର ଚାଷୀ ନିଜ ପିଲାଙ୍କ ଭବିଷ୍ୟତକୁ ନେଇ ଆତ୍ମବିଶ୍ୱାସୀ'

**ଭୁବନେଶ୍ୱର,(ପିଆଇବି):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଭିଡିଓ କନଫରେନ୍ସି ମାଧ୍ୟମରେ ବିକଶିତ ଭାରତ ସଂକଳ୍ପ ଯାତ୍ରାର ହିତାଧିକାରୀଙ୍କ ସହ ଆଲୋଚନା କରିଛନ୍ତି । ସେ ମଧ୍ୟ ପ୍ରଧାନମନ୍ତ୍ରୀ ମହିଳା କିଷାନ ଡ୍ରୋନ କେନ୍ଦ୍ରର ଲୋକାର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଦେଓଘର ଏମ୍ସ ଠାରେ ୧୦,୦୦୦ତମ ଜନ ଔଷଧି କେନ୍ଦ୍ରକୁ ଲୋକାର୍ପଣ କରିଥିଲେ। ଏହାବ୍ୟତୀତ ଦେଶରେ ଜନ ଔଷଧି କେନ୍ଦ୍ର ସଂଖ୍ୟା ୧୦ ହଜାରରୁ ୨୫ ହଜାରକୁ ବୃଦ୍ଧି କରିବା ପାଇଁ ଏକ କାର୍ଯ୍ୟକ୍ରମକୁ ଶ୍ରୀ ମୋଦୀ ଶୁଭାରମ୍ଭ କରିଛନ୍ତି। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ଡ୍ରୋନ୍ ଯୋଗାଇବା ଏବଂ ଜନ ଔଷଧି କେନ୍ଦ୍ରସଂଖ୍ୟା ୧୦,୦୦୦ରୁ ୨୫,୦୦୦କୁ ବୃଦ୍ଧି କରିବା ଭଳି ଏହି ଦୁଇଟି ପଦକ୍ଷେପ ବିଷୟରେ ପ୍ରଧାନମନ୍ତ୍ରୀ ଚଳିତ



ବର୍ଷ ତାଙ୍କ ସ୍ୱାଧୀନତା ଦିବସ ଅଭିଭାଷଣରେ ଘୋଷଣା କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଦେଇଥିବା ପ୍ରତିଶ୍ରୁତି ପୂରଣ କରିଛନ୍ତି। କାର୍ଯ୍ୟକ୍ରମ ଅବସରେ ଓଡ଼ିଶାର ରାୟଗଡ଼ା ଜିଲ୍ଲାର ଚାଷୀ ପୂର୍ଣ୍ଣ ଚାନ୍ଦ ବେନିଆଙ୍କୁ ପ୍ରଧାନମନ୍ତ୍ରୀ 'ଜୟ ଜଗନ୍ନାଥ' କହି ଅଭିବାଦନ ଜଣାଇଥିଲେ। ଶ୍ରୀ ବେନିଆ ଏକାଧିକ ସରକାରୀ ଯୋଜନାର ହିତାଧିକାରୀ। ଉଜ୍ଜ୍ୱଳା ଭଳି ଯୋଜନାରେ କିପରି ତାଙ୍କ ଜୀବନ ବଦଳିଲା ସେ ବିଷୟରେ ହିତାଧିକାରୀ ବର୍ଣ୍ଣନା କରିଥିଲେ। ଚାଷୀ ଜଣଙ୍କ ପ୍ରଧାନମନ୍ତ୍ରୀଙ୍କୁ ଜଣାଇଥିଲେ ଯେ ବର୍ତ୍ତମାନ ସେ ତାଙ୍କ ପିଲାମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତର ସ୍ୱପ୍ନ ଦେଖିବା ପାଇଁ ଆତ୍ମବିଶ୍ୱାସ ଅନୁଭବ କରୁଛନ୍ତି। ତାଙ୍କ ସୁବିଧା ପାଇଁ ଆଗକୁ କେଉଁ ସବୁ ଯୋଜନା ଉପଲବ୍ଧ ଅଛି ସେ ବିଷୟରେ ବିକଶିତ ଭାରତ ସଂକଳ୍ପ ଯାତ୍ରା ସହିତ ଥିବା ଅଧିକାରୀମାନଙ୍କ ଠାରୁ ପଚାରି ବୁଝିବା ପାଇଁ ପ୍ରଧାନମନ୍ତ୍ରୀ ତାଙ୍କୁ କହିଥିଲେ।

ପରୀକ୍ଷାରେ ସ୍ୱଚ୍ଛତା ପାଇଁ ନୂଆ ପଦକ୍ଷେପ

# +୨ ବୋର୍ଡ ପରୀକ୍ଷାର ହେବ ଲାଇଭ ଷ୍ଟ୍ରିମିଙ୍ଗ

**ଭୁବନେଶ୍ୱର :** ପ୍ରଥମ ଥର ପାଇଁ ଯୁକ୍ତ ଦୁଇ ଶେଷ ବର୍ଷ ବୋର୍ଡ ପରୀକ୍ଷାର ହେବ ଲାଇଭ ଷ୍ଟ୍ରିମିଙ୍ଗ। ଭୁବନେଶ୍ୱରରେ ଗଣଶିକ୍ଷା ବିଭାଗ ଓ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦକୁ ଲାଇଭ ଷ୍ଟ୍ରିମିଙ୍ଗ ଲିଙ୍କ୍ ଦିଆଯିବ। ରାଜ୍ୟର ପ୍ରତି ପରୀକ୍ଷା କେନ୍ଦ୍ର ସହ ପରୀକ୍ଷା ପରିଚାଳନା ହବ୍ରୁ ଲାଇଭ ଷ୍ଟ୍ରିମିଙ୍ଗ ମାଧ୍ୟମରେ ମନିଟରିଂ କରାଯିବ। ପରୀକ୍ଷାରେ ସ୍ୱଚ୍ଛତା ପାଇଁ ବ୍ୟବସ୍ଥା ଗ୍ରହଣ କରିଛି ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ବା ସିଏଚ୍‌ଏସ୍‌ଇ। ପ୍ରତିବର୍ଷ ପରୀକ୍ଷା କେନ୍ଦ୍ରରେ ସିସିଟିଭି ଲାଗୁଛି। ପରୀକ୍ଷା କେନ୍ଦ୍ର ଗୁଡିକରେ ସିସିଟିଭି ଇନଷ୍ଟଲେସନନେଇ ସ୍ଥିତି କଣ ତାହା ଡିସେମ୍ବର ୧୫ ସୁଦ୍ଧା ପରିଷଦକୁ ଜଣାଇବା ଲାଗି ସିଏଚ୍‌ଏସ୍‌ଇ ପରୀକ୍ଷା ନିୟନ୍ତ୍ରକ



ସବୁ କଲେଜ୍ ଅଧକ୍ଷଙ୍କୁ ଚିଠି ଲେଖି ଜଣାଇଛନ୍ତି। ସୂଚନାଯୋଗ୍ୟ, ଆସନ୍ତାବର୍ଷ ଫେବୃୟାରୀ ୧୪ତାରିଖରୁ ଯୁକ୍ତ ଦୁଇ ବାର୍ଷିକ ପରୀକ୍ଷା ଅନୁଷ୍ଠିତ ହେବ। ଏହି ପରୀକ୍ଷା ମାର୍ଚ୍ଚ ୧୩ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଅବଧିରେ ଯୁକ୍ତ ଦୁଇ କଳା, ବାଣିଜ୍ୟ ଓ ବିଜ୍ଞାନ ପରୀକ୍ଷା ହେବ। ପରିଷଦ ପ୍ରଥମଥର ପାଇଁ ପ୍ରାୟ ୬ମାସ ପୂର୍ବରୁ ଫର୍ମ ଫିଲଅପଠୁ ଆରମ୍ଭ କରି ପରୀକ୍ଷା ଓ ଫଳ ପ୍ରକାଶନ ସଂକ୍ରାନ୍ତରେ ବାର୍ଷିକ କ୍ୟାଲେଣ୍ଡର ଜାରି କରି ଦିଆଯାଇଛି ସୂଚନା ଦେଇଛି। ବାର୍ଷିକ ପରୀକ୍ଷା ନିମନ୍ତେ ଡିସେମ୍ବର ୨୫ତାରିଖରେ ଆଡମିଟ୍ କାର୍ଡ ଅନଲାଇନରେ ଇସ୍ୟୁ କରାଯିବ। ସେହିପରି ଜାନୁୟାରୀ ପ୍ରଥମ ସପ୍ତାହରୁ ପ୍ରାକ୍ଟିକାଲ ପରୀକ୍ଷା ଓ ଫେବୃୟାରୀ ୧୪ରୁ ମାର୍ଚ୍ଚ ୧୩ତାରିଖ ପର୍ଯ୍ୟନ୍ତ ଥିଓରୀ ପରୀକ୍ଷା ହେବ। ଆଉ ପରୀକ୍ଷା ଫଳ ଏପ୍ରିଲ ଶେଷ ସପ୍ତାହ ଅବା ମେ' ମାସ ପ୍ରଥମ ସପ୍ତାହରେ ପ୍ରକାଶ ପାଇବ ବୋଲି ପରିଷଦ ପକ୍ଷରୁ ଜାରି ବାର୍ଷିକ ଏକାଡେମିକ କ୍ୟାଲେଣ୍ଡରରେ ଉଲ୍ଲେଖ ରହିଛି।

ସ୍ୱାସ୍ଥ୍ୟ ସେବାରେ ଯୋଗ ଦେଲେ ୩୭୩୨ ନର୍ସିଂ ଅଫିସର

# ରୋଗୀଙ୍କ ଭିତରେ ଭରସା ସୃଷ୍ଟି କର : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର:** ରାଜ୍ୟର ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ରାଜ୍ୟର ବିଭିନ୍ନ ମେଡିକାଲ କଲେଜ ଓ ଡାକ୍ତରଖାନାରେ ୩୭୩୨ ଜଣ ନର୍ସିଂ ଅଫିସର ଯୋଗ ଦେଇଛନ୍ତି। ଏଥିପାଇଁ ସ୍ଥାନୀୟ କଳିଙ୍ଗ ଷ୍ଟାଡିଅମ ଠାରେ ଏକ ନିଯୁକ୍ତି ପର୍ବର ଆୟୋଜନ କରାଯାଇଥିଲା। ଏହି ଅବସରରେ କାର୍ଯ୍ୟକ୍ରମରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନୂତନ ଭାବେ ଯୋଗ ଦେଇଥିବା ନର୍ସିଂ ଅଫିସର ମାନଙ୍କୁ ପଣ୍ଡିତ ଗୋପବନ୍ଧୁ ଦାସ, ଫ୍ଲୋରେନ୍ସ ନାଇଟେଙ୍ଗଲ ଓ ମଦର ଟେରେସାଙ୍କ ପରି ସେବାର ପ୍ରତିମୂର୍ତ୍ତୀ ମାନଙ୍କ ଆଦର୍ଶକୁ ଅନୁସରଣ କରିବା ପାଇଁ ପରାମର୍ଶ ଦେଇଛନ୍ତି। ନିଃସ୍ୱାର୍ଥପର ଭାବେ ନିଷ୍ଠାର ସହ ସେବାର ଏହି ମୂର୍ତ୍ତୀମନ୍ତ ପ୍ରତୀକ ମାନଙ୍କ ଆଦର୍ଶରେ କାମ କଲେ, ନିଜ ପାଇଁ ସେମାନେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ରୋଗୀ ସେବା ପରି ଏକ ମହାନ ସେବାରେ ଯୋଗ ଦେଇଥିବାରୁ ନୂଆ ଅଧିକାରୀ ମାନଙ୍କୁ ଓ ସେମାନଙ୍କ ପରିବାରକୁ ଶୁଭେଚ୍ଛା ଜଣାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆମ ସ୍ୱାସ୍ଥ୍ୟ ସେବାର ମୂଳମନ୍ତ୍ର ହେଉଛି ପ୍ରତି ଜୀବନ ମୂଲ୍ୟବାନ। ଏହି ଆଦର୍ଶ ନେଇ ଆମେ କାମ କରୁଛୁ। ଏ ଦିଗରେ ନର୍ସିଂ ଅଫିସର ମାନଙ୍କ ଗୁରୁ ଦାୟିତ୍ୱ ରହିଛି




ବୋଲି ମତ ଦେଇ ସେ କହିଥିଲେ ଯେ ପ୍ରତି ଲୋକ ଯେପରି ଉତ୍ତମ ସେବା ପାଇପାରିବେ, ସେ ଦାୟିତ୍ୱ ଆପଣମାନଙ୍କର। ଆପଣମାନେ ହିଁ ରୋଗୀ ଭିତରେ ଭରସା ସୃଷ୍ଟି କରିପାରିବେ। ଆପଣମାନଙ୍କ ନିଷ୍ଠା ଓ ସେବା ହିଁ ରୋଗୀର ବିଶ୍ୱାସ ବୃଦ୍ଧି କରିପାରିବ। କରୋନା ସମୟରେ ଡାକ୍ତର ମାନଙ୍କ ସହିତ ନର୍ସିଂ ଅଫିସର ମାନେ ମଧ୍ୟ ବହୁତ ଭଲ କାମ କରିଥିଲେ। କୋଭିଡ ପରିଚାଳନାର ସଫଳତାରେ ନର୍ସିଂ ଅଫିସର ମାନଙ୍କ ବହୁତ ବଡ ଭୂମିକା ଥିଲା ବୋଲି ସେ କହିଥିଲେ। ରାଜ୍ୟ ସରକାରଙ୍କ ୫ଟି ଉପକ୍ରମ ଉପରେ ଆଲୋକପାତ କରି ସେ କହିଥିଲେ ଯେ ଏହି ନୀତି ଦ୍ୱାରା ଆମର ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥା ଫଳପ୍ରଦ ହୋଇପାରିଛି। ସରକାରୀ ଡାକ୍ତରଖାନାରେ ସ୍ୱାସ୍ଥ୍ୟସେବାରେ ରୂପାନ୍ତର ଆଜି ସମସ୍ତେ ଅନୁଭବ କରିପାରୁଛନ୍ତି। ଧନୀ, ଗରିବ ଆଜି ସମସ୍ତେ ସରକାରୀ ହସ୍ପିଟାଲରେ ମାଗଣାରେ ଉତ୍ତମ ଚିକିତ୍ସା ସୁବିଧା ପାଉଛନ୍ତି। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ 'ମୋ ସରକାର' ବ୍ୟବସ୍ଥାରେ ବହୁତ ଭଲ ଫିଡବ୍ୟାକ ଆସୁଛି। ଏହା ବହୁତ ଉତ୍ସାହପ୍ରଦ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନିରଞ୍ଜନ ପୂଜାରୀ କହିଥିଲେ ଯେ ରାଜ୍ୟବାସୀଙ୍କୁ ପର୍ଯ୍ୟାପ୍ତ ଓ ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଆମେ ସବୁବେଳେ ପ୍ରୟାସ କରିଆସିଛୁ। ନୂତନ ମେଡିକାଲ କଲେଜ ପ୍ରତିଷ୍ଠା, ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ସୁଦୃଢ କରିବା ଏବଂ ନୂତନ ନିଯୁକ୍ତି ଜରିଆରେ ସମସ୍ତଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ପ୍ରଦାନକୁ ସୁନିଶ୍ଚିତ କରାଯାଇଛି ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମରେ ୫ଟି ତଥା ନବୀନ ଓଡିଶାର ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ ନବନିଯୁକ୍ତ ନର୍ସିଂ ଅଫିସର ମାନଙ୍କ ସହ ମତ ବିନିମୟ କରି କହିଥିଲେ ଯେ ଆପଣମାନେ ଆଜି ନୂଆ ଚାକିରୀରେ ଯୋଗ ଦେଇ ଯେପରି ଖୁସି ଅଛନ୍ତି, ଆପଣମାନଙ୍କ ପାଖକୁ ଯେଉଁ ଲୋକ ଚିକିତ୍ସା ପାଇଁ ଆସିବେ, ତାଙ୍କୁ ମଧ୍ୟ ଆପଣମାନେ ଏପରି ଖୁସି ଦେବାକୁ ଉଦ୍ୟମ କରନ୍ତୁ। ସେମାନଙ୍କୁ ଭଲ ସେବା ଦିଅନ୍ତୁ। ସେ ଆହୁରି ମଧ୍ୟ କହିଥିଲେ ଯେ ଲୋକମାନେ ପୁଣ୍ୟ ପାଇଁ ମନ୍ଦିର ଯାଆନ୍ତି କିନ୍ତୁ ଆପଣମାନେ ଏପରି ଚାକିରି ପାଇଛନ୍ତି ଯେଉଁଥିରେ ରୋଗୀ ସେବା ଜରିଆରେ ଆପଣ ଭାଗବାନଙ୍କ ଆଶୀର୍ବାଦ ପାଇବେ ଓ ପୁଣ୍ୟ ଅର୍ଜନ କରିବେ. ସ୍ୱଚ୍ଛତାର ସହ ସମସ୍ତଙ୍କୁ ସେବା ପ୍ରଦାନ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ।

# ସ୍ୱାସ୍ଥ୍ୟ ଭିତ୍ତିଭୂମି ପାଇଁ ୧୧୪୦ କୋଟି

**ଭୁବନେଶ୍ୱର :** ସରକାରୀ ସ୍ୱାସ୍ଥ୍ୟ ବ୍ୟବସ୍ଥା ଉପରେ ଲୋକଙ୍କ ଭରଷା ବଢିଛି ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଭିଡିଓ କନ୍‌ଫରେନ୍ସ ଜରିଆରେ ସାରା ରାଜ୍ୟରେ ସ୍ୱାସ୍ଥ୍ୟ ଭିତ୍ତିଭୂମି ପ୍ରକଳ୍ପର ଶୁଭାରମ୍ଭ କରିବା ଅବସରରେ ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି। ମୁଖ୍ୟମନ୍ତ୍ରୀ ଆଜି ସାରା ରାଜ୍ୟରେ ୧୧୪୦ କୋଟି ଟଙ୍କାର ସ୍ୱାସ୍ଥ୍ୟ ଭିତ୍ତିଭୂମି ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି। ୧୪୦ କୋଟି ଟଙ୍କା ବିନିଯୋଗରେ ୧୦୩ଟି ପ୍ରକଳ୍ପ ଉଦ୍‌ଘାଟନ କରିଥିବାବେଳେ ୧୦୦୦ କୋଟି ଟଙ୍କା ବ୍ୟୟରେ ୩୭୨ଟି ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ୫ଟି ଉପକ୍ରମରେ ବିଭନ୍ନ ପଦକ୍ଷେପ ଦ୍ୱାରା ସରକାରୀ ହସ୍ପିଟାଲଗୁଡିକରେ ରୂପାନ୍ତର ଆସିପାରିଛି। ଏହା ଦ୍ୱାରା ସରକାରୀ ସ୍ୱାସ୍ଥ୍ୟ ବ୍ୟବସ୍ଥା ଉପରେ ଲୋକଙ୍କ ଭରଷା ବଢିଛି। ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ଯେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଲୋକଙ୍କ ପାଇଁ ଆଶୀର୍ବାଦ ହୋଇଛି। ଲୋକମାନେ ସୁବିଧାରେ ବିନା ଖର୍ଚ୍ଚରେ ଉତ୍ତମ ସ୍ୱାସ୍ଥ୍ୟସେବା ପାଉଛନ୍ତି। ପ୍ରତି ମାସରେ ୧ ଲକ୍ଷରୁ ଅଧିକ ରୋଗୀ ଚିକିତ୍ସା ସୁବିଧା ପାଉଛନ୍ତି। ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇଦେବା ପାଇଁ ଏହା ଆମ ପ୍ରତିବଦ୍ଧତାର ପ୍ରତିଫଳନ। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଓଡିଶାକୁ ଏକ ରୋଲ୍ ମଡେଲ୍ କରିବା ଆମର ଲକ୍ଷ୍ୟ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଆଜିର ପ୍ରକଳ୍ପଗୁଡିକ ସ୍ୱାସ୍ଥ୍ୟ ଭିତ୍ତିଭୂମି କ୍ଷେତ୍ରରେ ଏକ ବଡ ପରିବର୍ତ୍ତନ ଆଣିବ ବୋଲି ମତ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆମର ଲକ୍ଷ୍ୟ ହେଉଛି 'ସୁସ୍ଥ ଓଡିଶା ସୁଖୀ ଓଡିଶା'। ରାଜ୍ୟର ସବୁ ଲୋକ ଯେପରି ସୁବିଧାରେ ଉତ୍ତମ ସେବା ପାଇପାରିବେ ସେ ଦିଗରେ ଆମେ କାମ କରୁଛୁ। ରାଜ୍ୟର ସରକାରୀ ହସ୍ପିଟାଲଗୁଡିକର ଭିତ୍ତିଭୂମିରେ ବହୁତ ପରିବର୍ତ୍ତନ ଆସିଛି ବୋଲି ପ୍ରକାଶ କରି କହିଥିଲେ ଯେ ଏସ୍.ସି.ବି. ମେଡିକାଲ୍ କଲେଜ୍‌କୁ ବିଶ୍ୱସ୍ତରୀୟ କରିବା ପାଇଁ କାମ ଚାଲିଛି। ନୂଆ ନୂଆ ମେଡିକାଲ କଲେଜ୍ ଖୋଲୁଛି। ବିଭିନ୍ନ ହସ୍ପିଟାଲରେ ନୂଆ ସୁବିଧାର ବିକାଶ ହେଉଛି। ନିୟମିତ ଭାବେ ଡାକ୍ତର ଓ ସହାୟକ କର୍ମଚାରୀ ପଦବୀ ପୂରଣ ହେଉଛି। ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟସେବା ମିଶନରେ ଭିତ୍ତିଭୂମି ବିକାଶ କାମ ଜାରି ରହିଛି। ଗତ ୫ ବର୍ଷରେ ସ୍ୱାସ୍ଥ୍ୟ ଭିତ୍ତିଭୂମିର ବିକାଶ ପାଇଁ ୧୨ ହଜାର କୋଟି ଟଙ୍କା ଖର୍ଚ୍ଚ କରାଯାଇଛି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ରାଜ୍ୟର ସବୁ ସ୍ତରରେ- ପ୍ରାଥମିକ ସ୍ୱାସ୍ଥ୍ୟ, ଗୋଷ୍ଠୀ ସ୍ୱାସ୍ଥ୍ୟ ଓ ଜିଲ୍ଲା ସ୍ୱାସ୍ଥ୍ୟ ସେବା ବ୍ୟବସ୍ଥାକୁ ସୁଦୃଢ କରିବା ଆମର ଲକ୍ଷ୍ୟ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟ ବାହାରେ ରହୁଥିବା ଓଡିଆ ଲୋକଙ୍କ ପାଇଁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ଏକ ସ୍ୱତନ୍ତ୍ର ହେଲ୍‌ପ ଲାଇନ୍- ୧୮୦୦ ୧୨୦ ୧୨୦ ୧୦୪ ଆରମ୍ଭ କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ 'ଆମ ପାଇଁ ପ୍ରତି ଜୀବନ ମୂଲ୍ୟବାନ'।



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୪ - ୧୦ ଡିସେମ୍ବର, ୨୦୨୩

# ବାସ୍ତବରେ ଦୁର୍ବିସହ ଜୀବନ

ଜୀବନ ମୃତ୍ୟୁର ଦୋଛକରେ ମଣିଷ ପ୍ରତିନିୟତ କିଛି ଅନୁଭବ ସାଉଣ୍ଟୁଥାଏ। ଏଥିରେ ହସ, କାନ୍ଦ ଭଳି କିଛି ସୁଖକର ମୁହୂର୍ତ୍ତ ସାମିଲ ଥାଏ। ବାଲ୍ୟ କାଳ ପିତାମାତାଙ୍କ ଆକଟ ଓ ଦେଖାଶୁଣାରେ କଟୁଥିଲା ବେଳେ ଯୌବନରେ ମନ ଆତୁର ଥାଏ। ଶିକ୍ଷା, ଚାକିରୀ ବା ରୋଜଗାରର ଗୋଲକ ଧନ୍ଦା ପରେ ବୈବାହିକ ଜୀବନ ଜଞ୍ଜାଳପୂର୍ଣ୍ଣ ହୋଇଯାଏ। ଏଥିରେ ପରିବାର ଚିନ୍ତା ସହିତ ନିଜର ପ୍ରତିଷ୍ଠାକୁ ନେଇ ମଣିଷ ବେଶ ଚିନ୍ତିତ ରୁହେ। ବାସ୍ତବ ଜୀବନ ଏହିଠାରୁ ହିଁ ଆରମ୍ଭ ହୋଇଥାଏ। ଗାଁରେ ଥିଲେ ଯୌଥ ପରିବାରକୁ ନେଇ ଚିନ୍ତା ତ ସହରରେ ଥିଲେ ଘରଭଡା ଓ ଯାବତୀୟ ଖର୍ଚ୍ଚ ଚିନ୍ତା ଆକ୍ରାମାକ୍ରା କରିଥାଏ। ଏଥିରେ ପିଲାଙ୍କୁ ଭଲ ଶିକ୍ଷାଦାନ କରିବା ଓ ସେମାନଙ୍କୁ ସମାଜରେ ଭଲ ମଣିଷ ରୂପେ ଦେଖିବାର ଇଚ୍ଛା ମଣିଷକୁ ଯେତିକି ଖୁସି ଦେଉଥାଏ ସେତିକି ବିବ୍ରତ କରେ। ଖୁସିର କାରଣ ନିଜ ପରିବାର ଭଲରେ ରହିବା ଓ ବିବ୍ରତର କାରଣ ଏତେଗୁଡିଏ ଖର୍ଚ୍ଚକୁ କିପରି ସମ୍ଭାଳି ପାରିବା। ଯଦି ମାତା ପିତା ପାଖରେ ରହୁଥିବେ ସେମାନଙ୍କ ବାର୍ଦ୍ଧକ୍ୟ ଚିନ୍ତା ବେଳେ ବେଳେ ଏଭଳି ଘାରେ ଯେ ମଣିଷ କଣ କରିବ ବା କଣ ନକରିବ ତାହା ଏକ ବୋଝ ଭଳି ମୁଣ୍ଡରେ ଲଦିହୁଏ।

ପ୍ରତ୍ୟେକ ଖର୍ଚ୍ଚ ବଜାର ଦର ଅନୁସାରେ ହିସାବ କଲେ ଖୁବ ଭାରାକ୍ରାନ୍ତ ଲାଗେ ତଥାପି ଜୀବନ ଜଞ୍ଜାଳର ବିଚିତ୍ର ମୋହ ମଣିଷକୁ ବଞ୍ଚିବାର ରାସ୍ତା ଦେଖାଇ ଚାଲେ। ହେଲେ କୌଣସି ରାସ୍ତା କେବେ ସିଧା ନଥାଏ ବା ସଜଡା ନଥାଏ। କେବେ ସ୍ୱପ୍ନିଳ ମନେହେଉଥିବା ରାସ୍ତା ଧୀରେ ଧୀରେ ଆଗକୁ କଣ୍ଟକିତ ହୋଇପଡେ। ଯେଉଁମାନେ ଭଲ ରାସ୍ତା ଦେଇ ଆଗକୁ ବଢ଼ନ୍ତି ସେମାନଙ୍କ ଜୀବନରେ ହୁଏତ ସୁଖ ଶାନ୍ତି ବୋଲି କିଛି ଥାଏ। କାହାର ପିଲା ଉତ୍ତମ ଶିକ୍ଷା ଲାଭ ପରେ ଭଲ ବୃତ୍ତିରେ ନିଯୁକ୍ତ ହେବା ପରେ ପରିବାର ଭିତରେ ସାମୟିକ ସୁଖ ଶାନ୍ତି ଭରି ଉଠୁଥିଲା ବେଳେ ମାତ୍ରାଧିକ ପରିବାର ସେମାନଙ୍କ ପିଲାଙ୍କ ଆଚରଣ ନେଇ ଚିନ୍ତାରେ ରୁହନ୍ତି। କେତେକ ଲୋକ ତାଙ୍କ ପିଲାଙ୍କ ବେକାରୀ ଓ ଅସ୍ୱାଭାବିକ ବ୍ୟବହାରକୁ ନେଇ ମନେ ମନେ ଦୁଃଖ ଭୋଗ କରୁଥିଲା ବେଳେ ଏହାର ବାହ୍ୟ ପରିପ୍ରକାଶ ହୋଇନଥାଏ। ସେଭଳି ପରିବାରର ପିତା ମାତା ଯେଉଁଭଳି ଅସନ୍ତୋଷ ଭିତରେ ଜୀବନ ବିତାନ୍ତି ତାହା ମୃତ୍ୟୁ ଠାରୁ ଅଧିକ ବେଦନା ଦିଏ। ଆଜିକାଲିର ପିଲାମାନେ ଶିକ୍ଷିତ, ଅର୍ଦ୍ଧ ଶିକ୍ଷିତ ଯାହା ବି ହୁଅନ୍ତୁ ସେମାନେ ଆଗ ପରି ପିତାମାତାଙ୍କ ଆନୁଗତ୍ୟ ସ୍ୱୀକାର କରୁନଥିବା ଦେଖିବାକୁ ମିଳୁଛି କତିପୟ ପିଲାଙ୍କ ବ୍ୟବହାର ପରିବାର ଗ୍ରହଣ ଯୋଗ୍ୟ ହୋଇଥିଲା ବେଳେ ଅଧିକାଂଶ ପିଲା ପରିବାର ପ୍ରତି କୃତଜ୍ଞ ନୁହନ୍ତି ଅବା ସେମାନେ ପରିବାର ପ୍ରତି ଉତ୍ତମ କର୍ତ୍ତବ୍ୟ କରୁନାହାନ୍ତି। ବାପା ମାଆ କେତେ କଷ୍ଟ କରି ପିଲାଙ୍କୁ ବଡ଼ ମଣିଷ କରିଥାନ୍ତି ତାହା ନୂଆ ପିଢ଼ିର ଯୁବକ ବୁଝିବାକୁ ଯେମିତି ନାରାଜ। ବାହ୍ୟ ଚାକଚକ୍ୟ ପ୍ରତି ଅଧିକ ଆକର୍ଷିତ ପିଲାମାନେ ବାସ୍ତବତା ଠାରୁ ଦୂରେଇ ଯିବା ଫଳରେ ପରିବାର ଭିତରେ ଅଶାନ୍ତିର ବାତାବରଣ ଖେଳିଯାଏ। ଆୟ ହଜାରକୁ ବ୍ୟୟ ଦୁଇ ହଜାର ହେଉଥିବା ପରିବାରରେ ଅଭାବ ଅସୁବିଧା ଏତେ ମାତ୍ରାରେ ଥାଏ ଯେ ଏହା ସାଧାରଣରେ ପ୍ରକାଶ କରିବା ମୁସ୍କିଲ ହୋଇପଡେ। କାରଣ ଆଜିକାଲି କେହି କାହାରି ନିଜର ନୁହନ୍ତି, ସମସ୍ତେ ନିଜ ନିଜ ଚିନ୍ତାରେ ଏତେ ମଗ୍ନ ଯେ ଅନ୍ୟର କଥା ବୁଝିବା ବା ଶୁଣିବାକୁ ସମୟ ଦେଉନାହାନ୍ତି। ଗତକାଲି ପରିବା କିଣିବା ସମୟରେ ଦୁଇଜଣ ଅବସରପ୍ରାପ୍ତ କର୍ମଚାରୀ କଥା ହେଉଥିଲେ।



ସମ୍ପାଦକୀୟ
ତାରକ ମହାନ୍ତି

ଯାହା ଶୁଣିଲି ଏଭଳି - ମହିଳା ଜଣକ ପୁରୁଷ ଜଣଙ୍କୁ ପଚାରୁଥାନ୍ତି ଅବସର ପରେ ଆପଣଙ୍କ ସମୟ କିପରି କଟୁଛି ? ପୁରୁଷ ଜଣକ ଉତ୍ତର ଦେଉଥାନ୍ତି ଭଲରେ ଚାଲିଛି। ମହିଳା ପଚାରିଲେ ପିଲାଙ୍କ ଖବର କିପରି ? ଭଦ୍ରବ୍ୟକ୍ତି କହୁଥାନ୍ତି ମୋର ଦୁଇ ପୁଅ ବିଦେଶରେ। ଏଠାରେ ଆମେ ଦୁଇଜଣ। ଘରକାମ ପାଇଁ ସକାଳେ ସଂଜରେ ଜଣେ ସାହାଯିକା ଆସୁଛନ୍ତି। ଏହାପରେ ମହିଳା କହିଲେ ପୁଅ ଦୁଇଟା ଆଜିକାଲିର ପିଲାଙ୍କ ଭଳି ନା ଭଲ ପିଲା? ଭଦ୍ରବ୍ୟକ୍ତି କହିଲେ ନା ନା ମୋ ଦୁଇପୁଅ ସୁନାମୁଣ୍ଡା। ମହିଳା ଟିକେ ବିସର୍ଣ୍ଣ ଦିଶିଲେ ଓ କହିଲେ ଆପଣଙ୍କ ଭାଗ୍ୟ ଭଲ। କାରଣ ଆଜିକାଲିର ପିଲାଙ୍କ କଥା ନକହିବା ଭଲ। ଏତିକିରେ ମୋର ପରିବା କିଣା ସରିଯାଇଥିଲା। ଫେରିବା ବାଟରେ ଭାବୁଥିଲି ସେ ମହିଳା ଜଣଙ୍କ ଯାହା କହିଲେ ତାହା ତ ମିଛ ନୁହେଁ। ମାତ୍ରାଧିକ ପିଲା ଘରର ଦାୟିତ୍ୱ ବୁଝନ୍ତିନି କି ପରିବାର କହିଲେ ସେମାନେ ଓ ତାଙ୍କର ଅଳ୍ପ ସାଙ୍ଗସାଥି। ଏପରିକି ବାପା ମାଆ ଭଉଣୀ ଏମାନେ ଯେପରି କେହି ନୁହଁନ୍ତି। କେବଳ ଟଙ୍କା ପାଇଲେ ତାଙ୍କର ସବୁ ହୋଇଯାଉଛି। ନଚେତ ଘରେ ଅଶାନ୍ତି ସୃଷ୍ଟି କରନ୍ତି। ଏପରିକି ଅଧିକାଂଶ ପିଲା ଉଚ୍ଚ ଶିକ୍ଷା ଗ୍ରହଣ କରିଥିଲେ ସୁଦ୍ଧା ସେମାନେ କର୍ମ ବିମୁଖ ଭଳି ଲାଗୁଛନ୍ତି। ଚାକିରୀ ବା ଉପାର୍ଜନ କଥା କହିଲେ ଚିହିଁକି ଉଠନ୍ତି। ଘରୁ ଟଙ୍କା ନେଇ ଖୋଲାମେଲା ଖର୍ଚ୍ଚ କରିବାକୁ ନିଜ ଅଧିକାର ବୋଲି ଭାବିନେଇଛନ୍ତି। କୌଣସି ସାକ୍ଷାତକାର ପରୀକ୍ଷା ପାଇଁ ଆବେଦନ ନକରି କିଛି ହେଉନି ବୋଲି କହିବୁଲନ୍ତି। ବିନା ପରୀକ୍ଷାରେ ଭଲ ପଦବୀର ଚାକିରୀ ଓ ମୋଟା ଅଙ୍କ ଦରମା ଆଶା କରୁଥିବା ଏଭଳି ଅସଂଖ୍ୟ ପିଲାଙ୍କ ପାଇଁ ବହୁ ପରିବାର ଏବେ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଯାହାଙ୍କ ମାତା ପିତା ସରକାରୀ ଚାକିରିରୁ ଅବସର ନେଇଛନ୍ତି ସେମାନେ ହୁଏତ ପେନସନ ଟଙ୍କାରୁ ପିଲାଙ୍କୁ ଦେଇପାରନ୍ତି। ଅନ୍ୟଥା ଯେଉଁମାନେ ଘରୋଇ ଅଥବା ଛୋଟ ମୋଟ କାମ କରି ପରିବାର ଚଳାଉଛନ୍ତି ସେମାନଙ୍କ ପକ୍ଷେ ଏଭଳି ଅଯଥା ଖର୍ଚ୍ଚ ଭରଣା କରିବା କଷ୍ଟସାଧ। ଏଭଳି ପରିସ୍ଥିତିରେ ପରିବାର ମଧ୍ୟରେ ସୁଖ ଶାନ୍ତି ଆଶା କରିବା ନିର୍ବୋଧତା। କାରଣ ସାରା ଜୀବନ ପରିବାର ପାଇଁ ଅକ୍ଳାନ୍ତ ଶ୍ରମ କରି ନିଜ ସୁଖ ତ୍ୟାଗ କରି ପିଲାଙ୍କୁ ମଣିଷ କରିବାର ଯେଉଁ ସ୍ୱପ୍ନ ତାହା କିପରି ମିଳେଇଯାଏ ତାହା ଅନୁଭବୀ ହିଁ କହିପାରିବ। ଏସବୁ ଦେଖିଲା ପରେ ପିଲାଙ୍କୁ ଭଲ ସ୍କୁଲ ଓ କଲେଜରେ ପଢ଼ାଇଥିବା ପିତା ମାତା କେଉଁ ଦୁଃଖରେ ସମୟ ବିତାଉଥିବେ ତାହା ଭାବିଲେ କଷ୍ଟ ଲାଗେ। ଜୀବନର ପୁଞ୍ଜି ଭାବେ ପିଲାଙ୍କୁ ମଣିଷ କରିବାର ଅଭିଳାଷ ଯେତେବେଳେ ନର୍କଗାମୀ ହୁଏ ତାହା ଦେଖିବାକୁ ବା ଅନୁଭବ କରିବାକୁ ଆଉ ଧୈର୍ଯ୍ୟ ନଥାଏ। ଫଳରେ ଜୀବନ ପ୍ରତି ବିତୃଷ୍ଣା ଆସିଥାଏ। ତେଣୁ ମଣିଷ ଜୀବନରେ ଦେଖିଥିବା ଅନେକ ସ୍ୱପ୍ନ ଅପୂର୍ଣ୍ଣ ରହିଯାଏ। ଆଶା, ଆକାଂକ୍ଷା ଏବଂ ତମାମ କାର୍ଯ୍ୟରେ ରୂପାନ୍ତରଣରେ ଶେଷ ମୁହୂର୍ତ୍ତରେ ସୁଖ କମ ଅଧିକ ଆଘାତ ଦେବା ଫଳରେ ବଞ୍ଚିବା ଦୁର୍ବିସହ ହୋଇପଡେ। ବାର୍ଦ୍ଧକ୍ୟରେ ଦାୟିତ୍ୱ ନେବା ଭଳି ପିଲାଙ୍କ ସଂଖ୍ୟା ହ୍ରାସ ପାଇବା ଏକ ଚିନ୍ତାର ବିଷୟ। ଯେଉଁଥିପାଇଁ ସାମ୍ପ୍ରତିକ ସମୟରେ ଜରାଶ୍ରମର ସଂଖ୍ୟା ବୃଦ୍ଧି ପାଇବା ସମାଜର କେଉଁ ଦିଗକୁ ପ୍ରଦର୍ଶନ କରୁଛି, ତାହା ଏବେ ଭାବିବାର ବେଳ। ଯେଉଁମାନେ ସାରା ଜୀବନ କେବଳ ପିଲା ପିଲା ହେଉଥାନ୍ତି ଓ ଶେଷ ଜୀବନରେ ଏଭଳି ଦୁର୍ବିସହ ଜୀବନ କେତେ ମାରାତ୍ମକ ତାହା ଭାବିଦେଖନ୍ତୁ।

**ଯୋଗାଯୋଗ ଠିକଣା**
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

**ଉଜ୍ଜ୍ୱଳ ଭବିଷ୍ୟତ ଦିଗରେ ଏକ ପ୍ରୟାସ**

# ଭାରତର ଜି-୨୦ ଅଧ୍ୟକ୍ଷତା ଏବଂ ଏକ ନୂତନ ବହୁପକ୍ଷବାଦର ପ୍ରାରମ୍ଭ



ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଭାରତ ଜି-୨୦ ଅଧ୍ୟକ୍ଷତା ଗ୍ରହଣ କରିବାକୁ ଆଜି ୩୬୫ ଦିନ ପୂରିଛି। 'ବସୁଧୈବ କୁଟୁମ୍ବକମ୍'- 'ଏକ ପୃଥିବୀ, ଏକ ପରିବାର, ଏକ ଭବିଷ୍ୟତ'ର ଭାବନାକୁ ପ୍ରତିଫଳିତ କରିବା, ସଂକଳ୍ପବଦ୍ଧ ହେବା ଏବଂ ଏହାକୁ ପୁନର୍ଜୀବିତ କରିବା ପାଇଁ ବର୍ତ୍ତମାନ ଉପଯୁକ୍ତ ମୁହୂର୍ତ୍ତ ଉପନୀତ ହୋଇଛି।

ଗତ ବର୍ଷ ଯେତେବେଳେ ଆମେ ଏହି ଦାୟିତ୍ୱ ଗ୍ରହଣ କରିଥିଲୁ, ବିଶ୍ୱ ପରିଦୃଶ୍ୟ ବହୁମୁଖୀ ଆହ୍ୱାନର ସମ୍ମୁଖୀନ ହୋଇଥିଲା: କୋଭିଡ୍ -୧୯ ମହାମାରୀରୁ ପୁନରୁଦ୍ଧାର, ଜଳବାୟୁ ବିପଦ, ଆର୍ଥିକ ଅସ୍ଥିରତା ଏବଂ ବିକାଶଶୀଳ ରାଷ୍ଟ୍ରମାନଙ୍କରେ ଋଣ ସଙ୍କଟ ସହିତ ହ୍ରାସ ପାଉଥିବା ବହୁପକ୍ଷବାଦ ଚିନ୍ତାର କାରଣ ପାଲଟିଥିଲା। ସଂଘର୍ଷ ଓ ପ୍ରତିଦ୍ୱନ୍ଦ୍ୱିତା ମଧ୍ୟରେ ବିକାଶ ପାଇଁ ସହଯୋଗ କ୍ଷତିଗ୍ରସ୍ତ ହୋଇଛି, ପ୍ରଗତିରେ ବାଧା ସୃଷ୍ଟି ହୋଇଛି।

ଜି-୨୦ ଅଧ୍ୟକ୍ଷତା ଗ୍ରହଣ କରି ଭାରତ ବିଶ୍ୱକୁ ସ୍ଥିତାବସ୍ଥାର ବିକଳ୍ପ ପ୍ରଦାନ କରିବାକୁ ଚାହୁଁଥିଲା, ଯାହା ଜିଡିପି-କେନ୍ଦ୍ରୀତ ଆଭିମୁଖ୍ୟରୁ ମାନବ-କେନ୍ଦ୍ରୀତ ପ୍ରଗତିକୁ ପରିବର୍ତ୍ତିତ ହୋଇଥିଲା। କେଉଁ ସବୁ କାରଣ ଆମକୁ ବିଭାଜିତ କରୁଛି ତାହା ବଦଳରେ ଆମକୁ କେଉଁ କାରଣ ଏକାଠି କରିଥାଏ ତାହା ବିଶ୍ୱକୁ ମନେ ପକାଇବାକୁ ଭାରତ ଲକ୍ଷ୍ୟ ରଖିଥିଲା। ଶେଷରେ, ଏକ ବିଶ୍ୱସ୍ତରୀୟ ବିଚାରବିମର୍ଶ ବିକଶିତ ହୋଇଥିଲା - ଅନେକଙ୍କ ଆକାଂକ୍ଷା ପାଇଁ ଅଳ୍ପ କିଛି ଲୋକଙ୍କ ସ୍ୱାର୍ଥ ବାଧ ହୋଇ ବାଟ ଛାଡ଼ିଥିଲା। ଏଥିପାଇଁ ବହୁପକ୍ଷବାଦର ମୌଳିକ ସଂସ୍କାର ଆବଶ୍ୟକ ଥିଲା ଯାହା ଆମେ ପୂର୍ବରୁ ଜାଣିଥିଲୁ।

ସମାବେଶୀ, ଉଚ୍ଚାକାଂକ୍ଷୀ, କାର୍ଯ୍ୟଭିତ୍ତିକ ଏବଂ ନିର୍ଣ୍ଣାୟକ - ଜି-୨୦ ଅଧ୍ୟକ୍ଷ ଭାବରେ ଏହି ଚାରିଟି ଶବ୍ଦ ଆମର ଆଭିମୁଖ୍ୟକୁ ବ୍ୟାଖ୍ୟା କରିଥିଲା ଏବଂ ସମସ୍ତ ଜି-୨୦ ସଦସ୍ୟଙ୍କ ଦ୍ୱାରା ସର୍ବସମ୍ମତିକ୍ରମେ ଗ୍ରହଣ କରାଯାଇଥିବା ନୂଆଦିଲ୍ଲୀ ନେତୃମଣ୍ଡଳୀଙ୍କ ଘୋଷଣାନାମା (ଏନଡିଏଲଡି) ଏହି ନୀତିଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ଆମର ପ୍ରତିବଦ୍ଧତାର ପ୍ରମାଣ।

ଅନ୍ତର୍ଭୁକ୍ତିକରଣ ଆମ ଅଧ୍ୟକ୍ଷତାର କେନ୍ଦ୍ରରେ ରହିଛି। ଆଫ୍ରିକୀୟ ସଂଘ (ଏୟୁ)କୁ ଜି-୨୦ର ସ୍ଥାୟୀ ସଦସ୍ୟ ଭାବରେ ଅନ୍ତର୍ଭୁକ୍ତ କରିବା ଦ୍ୱାରା ୫୫ଟି ଆଫ୍ରିକୀୟ ଦେଶ ଏହି ମଞ୍ଚରେ ସାମିଲ ହୋଇଥିଲେ ଏବଂ ବିଶ୍ୱ ଜନସଂଖ୍ୟାର ୮୦% ଭାଗକୁ ସାମିଲ କରିବା ପାଇଁ ଏହି ମଞ୍ଚକୁ ବିସ୍ତାର କରିଥିଲେ। ଏହି ସକ୍ରିୟ ଆଭିମୁଖ୍ୟ ବୈଶ୍ୱିକ ଆହ୍ୱାନ ଏବଂ ସୁଯୋଗ ଉପରେ ଅଧିକ ବ୍ୟାପକ ଆଲୋଚନାକୁ ପ୍ରୋତ୍ସାହିତ କରିଛି।

ଦୁଇଟି ସଂସ୍କରଣରେ ଭାରତ ପକ୍ଷରୁ ଆୟୋଜିତ ପ୍ରଥମ 'ଭଏସ୍ ଅଫ୍ ଦି ଗ୍ଲୋବାଲ୍ ସାଉଥ୍ ଶିଖର ସମ୍ମିଳନୀ' ବହୁପକ୍ଷବାଦର ଏକ ନୂତନ ପର୍ଯ୍ୟାୟର ଶୁଭାରମ୍ଭ କରିଛି। ଆନ୍ତର୍ଜାତିକ ଆଲୋଚନାରେ ଗ୍ଲୋବାଲ ସାଉଥର ଚିନ୍ତାକୁ ଭାରତ ମୁଖ୍ୟ ସ୍ରୋତରେ ସାମିଲ କରିଛି ଏବଂ ଏକ ଯୁଗ ଆରମ୍ଭ କରିଛି ଯେଉଁଠାରେ ବିକାଶଶୀଳ ଦେଶମାନେ ବିଶ୍ୱ ପରିଦୃଶ୍ୟକୁ ଆକାର ଦେବାରେ ଉପଯୁକ୍ତ ସ୍ଥାନ ଗ୍ରହଣ କରିବେ।

ଅନ୍ତର୍ଭୁକ୍ତିକରଣ ମଧ୍ୟ ଜି-୨୦ ପ୍ରତି ଭାରତର ଘରୋଇ ଆଭିମୁଖ୍ୟକୁ ପ୍ରୋତ୍ସାହିତ କରିଥିଲା ଏବଂ ଏହାକୁ ଏକ ପିପୁଲ୍ସ ପ୍ରେସିଡେନ୍ସିରେ ପରିଣତ କରିଥିଲା ଯାହା ବିଶ୍ୱର ସର୍ବବୃହତ ଗଣତନ୍ତ୍ର ଅନୁରୂପ ହୋଇପାରିଛି। 'ଜନ ଭାଗିଦାରୀ' କାର୍ଯ୍ୟକ୍ରମ ଜରିଆରେ ଜି-୨୦ ୧୪୦ କୋଟି ନାଗରିକଙ୍କ ନିକଟରେ ପହଞ୍ଚିଛି, ଯେଉଁଥିରେ ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଅଂଶୀଦାର ଭାବେ ସାମିଲ ହୋଇଛନ୍ତି। ଆହୁରି ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ ରୂପରେ ଭାରତ ସୁନିଶ୍ଚିତ କରିଛି ଯେ ଜି-୨୦ର ଉଦ୍ଦେଶ୍ୟ ଅନୁରୂପ ବ୍ୟାପକ ବିକାଶମୂଳକ ଲକ୍ଷ୍ୟ ପ୍ରତି ଆନ୍ତର୍ଜାତିକ ସମୁଦାୟର ଦୃଷ୍ଟି ଆକର୍ଷଣ କରିବା।

୨୦୩୦ ଏଜେଣ୍ଡାର ଗୁରୁତ୍ୱପୂର୍ଣ୍ଣ କେନ୍ଦବିନ୍ଦୁରେ ଭାରତ ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ (ଏସଡିଜି)ର ଅଗ୍ରଗତିକୁ ତ୍ୱରାନ୍ୱିତ କରିବା ପାଇଁ ଜି-୨୦ କାର୍ଯ୍ୟଯୋଜନା ୨୦୨୩ ପ୍ରଦାନ କରିଛି। ସ୍ୱାସ୍ଥ୍ୟ, ଶିକ୍ଷା, ଲିଙ୍ଗଗତ ସମାନତା ଏବଂ ପରିବେଶ ସ୍ଥାୟିତ୍ୱ ସମେତ ପରସ୍ପର ସହ ଜଡିତ ପ୍ରସଙ୍ଗଗୁଡିକ ପାଇଁ ଏକ କାର୍ଯ୍ୟକାରିତା ଭିତ୍ତିକ ଆଭିମୁଖ୍ୟ ଗ୍ରହଣ କରିଛି।

ଏହି ଅଗ୍ରଗତିର ଏକ ପ୍ରମୁଖ କ୍ଷେତ୍ର ହେଉଛି ସୁଦୃଢ଼ ଡିଜିଟାଲ ସାର୍ବଜନୀନ ଭିତ୍ତିଭୂମି (ଡିପିଆଇ)। ଆଧାର, ୟୁପିଆଇ ଓ ଡିଜିଲକର ଭଳି ଡିଜିଟାଲ ଉଦ୍ଭାବନର ବୈପ୍ଳବିକ ପ୍ରଭାବ ପ୍ରତ୍ୟକ୍ଷ ଭାବେ ଦେଖିଥିବା ଭାରତ ଏଠାରେ ନିଜ ସୁପାରିସ କରିବାରେ ନିର୍ଣ୍ଣାୟକ ସାଜିଥିଲା। ଜି-୨୦ ଜରିଆରେ ଆମେ ସଫଳତାର ସହ ଡିଜିଟାଲ ପବ୍ଲିକ ଇନଫ୍ରାଷ୍ଟ୍ରକଚର ରିପୋଜିଟୋରୀକୁ ସମ୍ପୂର୍ଣ୍ଣ କରିଛୁ, ଯାହାକି ବିଶ୍ୱ ବୈଷୟିକ ସହଯୋଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ୧୬ଟି ଦେଶର ୫୦ରୁ ଅଧିକ ଡିପିଆଇଙ୍କୁ ନେଇ ଗଠିତ ଏହି ଭଣ୍ଡାର ଗ୍ଲୋବାଲ ସାଉଥକୁ ଡିପିଆଇ ନିର୍ମାଣ, ଗ୍ରହଣ ଏବଂ ବିସ୍ତାର କରିବାରେ ସହାୟକ ହେବ।

ଆମର ଏକ ପୃଥିବୀ ପାଇଁ, ଆମେ ଜରୁରୀ, ସ୍ଥାୟୀ ଏବଂ ସମାନ ପରିବର୍ତ୍ତନ ସୃଷ୍ଟି କରିବା ଲାଗି ଉଚ୍ଚାକାଂକ୍ଷୀ ଏବଂ ସମାବେଶୀ ଲକ୍ଷ୍ୟ ପ୍ରଚଳନ କରିଛୁ। ଘୋଷଣାନାମାର 'ସବୁଜ ବିକାଶ ଚୁକ୍ତି' ସମ୍ପାଦିତ ହୋଇଛି। ନିଯୁକ୍ତି ଓ ପରିବେଶ ପରସ୍ପରର ଅନୁପୂରକ ହେବା, ଉପଭୋଗ ଜଳବାୟୁ ସଚେତନ ହେବା ଏବଂ ଉତ୍ପାଦନ ପୃଥିବୀ ଅନୁକୂଳ ହେବା ପାଇଁ ଏକ ବିସ୍ତୃତ ରୋଡମ୍ୟାପ ପ୍ରସ୍ତୁତ କରିବା ଜରିଆରେ କ୍ଷୁଧା ମୁକାବିଲା ଓ ପୃଥିବୀର ସୁରକ୍ଷା ମଧ୍ୟରେ ରହିଥିବା ଆହ୍ୱାନର ସମାଧାନ କରିବା ନିମନ୍ତେ ଏଥିରେ ଗୁରୁତ୍ୱ ଦିଆଯାଇଛି। ଏଥିସହିତ ଜି-୨୦ ଘୋଷଣାନାମାରେ ୨୦୩୦ ସୁଦ୍ଧା ବିଶ୍ୱ ଅକ୍ଷୟ ଶକ୍ତି କ୍ଷମତାକୁ ତିନି ଗୁଣା ବୃଦ୍ଧି କରିବାକୁ କୁହାଯାଇଛି। ବିଶ୍ୱ ଜୈବ ଇନ୍ଧନ ମେଣ୍ଟ ପ୍ରତିଷ୍ଠା ଏବଂ ସବୁଜ ହାଇଡ୍ରୋଜେନ ପାଇଁ ମିଳିତ ପ୍ରୟାସ ଏବଂ ଏକ ସ୍ୱଚ୍ଛ, ସବୁଜ ବିଶ୍ୱ ଗଠନ ପାଇଁ ଜି-୨୦ର ଆକାଂକ୍ଷା ଅନସ୍ୱୀକାରଯୋଗ୍ୟ। ଏହା ସର୍ବଦା ଭାରତର ନୀତି ରହିଆସିଛି। ଦୀର୍ଘସ୍ଥାୟୀ ବିକାଶ ପାଇଁ ଜୀବନଶୈଳୀ (ଏଲଆଇଏଫଇ) ମାଧ୍ୟମରେ ବିଶ୍ୱ ଆମର ବହୁ ପୁରୁଣା ସ୍ଥାୟୀ ପରମ୍ପରାରୁ ଉପକୃତ ହୋଇପାରିବ।

ଏହାବ୍ୟତୀତ, ଏହି ଘୋଷଣାନାମା ଜଳବାୟୁ ନ୍ୟାୟ ଏବଂ ସମାନତା ପ୍ରତି ଆମର ପ୍ରତିବଦ୍ଧତାକୁ ସୂଚାଇ ଦେଇଛି ଏବଂ ଗ୍ଲୋବାଲ ନର୍ଥଠାରୁ ଯଥେଷ୍ଟ ଆର୍ଥିକ ଏବଂ ବୈଷୟିକ ସହାୟତା ପାଇଁ ଅନୁରୋଧ କରିଛି। ପ୍ରଥମ ଥର ପାଇଁ, ବିକାଶ ଅର୍ଥଯୋଗାଣର ପରିମାଣରେ ଆବଶ୍ୟକ ବୃଦ୍ଧି ଲାଗି ସ୍ୱୀକୃତି ମିଳିଛି, ଯାହା ବିଲିୟନ ଡଲାରରୁ ଟ୍ରିଲିୟନ ଡଲାରକୁ ବୃଦ୍ଧି ପାଇଛି। ଜି-୨୦ ସ୍ୱୀକାର କରିଛି ଯେ ବିକାଶଶୀଳ ଦେଶଗୁଡ଼ିକ ୨୦୩୦ ସୁଦ୍ଧା ସେମାନଙ୍କର ଜାତୀୟ ସଂକଳ୍ପବଦ୍ଧତା ଅବଦାନ (ଏନଡିସି) ପୂରଣ କରିବା ପାଇଁ ୫.୯ ଟ୍ରିଲିୟନ ଡଲାର ଆବଶ୍ୟକ କରନ୍ତି।

ଆବଶ୍ୟକ ବିପୁଳ ସମ୍ବଳକୁ ଦୃଷ୍ଟିରେ ରଖି ଜି-୨୦ ଉନ୍ନତ, ବୃହତ ଏବଂ ଅଧିକ ପ୍ରଭାବଶାଳୀ ବହୁପାକ୍ଷିକ ବିକାଶ ବ୍ୟାଙ୍କର ଗଠନ ଉପରେ ଗୁରୁତ୍ୱାରୋପ କରିଥିଲା। ଏହା ସହିତ ଭାରତ ଜାତିସଂଘ ସଂସ୍କାର, ବିଶେଷକରି ଜାତିସଂଘ ନିରାପତ୍ତା ପରିଷଦ ଭଳି ପ୍ରମୁଖ ଅଙ୍ଗର ପୁନର୍ଗଠନରେ ଅଗ୍ରଣୀ ଭୂମିକା ଗ୍ରହଣ କରୁଛି, ଯାହା ଅଧିକ ସମାନ ବୈଶ୍ୱିକ ବ୍ୟବସ୍ଥା ସୁନିଶ୍ଚିତ କରିବ।

ଏହି ଘୋଷଣାନାମାରେ ଲିଙ୍ଗଗତ ସମାନତାକୁ ଗୁରୁତ୍ୱ ଦିଆଯାଇଛି, ଯାହା ଆସନ୍ତା ବର୍ଷ ମହିଳା ସଶକ୍ତିକରଣ ଉପରେ ଏକ ସମର୍ପିତ କାର୍ଯ୍ୟକାରୀ ଗୋଷ୍ଠୀ ଗଠନ ସହିତ ସାକାର ରୂପ ନେବ। ଭାରତର ମହିଳା ସଂରକ୍ଷଣ ବିଲ୍ ୨୦୨୩, ଦେଶର ସଂସଦ ଏବଂ ରାଜ୍ୟ ବିଧାନସଭାରେ ଏକ ତୃତୀୟାଂଶ ଆସନ ମହିଳାଙ୍କ ପାଇଁ ସଂରକ୍ଷଣ କରିବ ଯାହାକି ମହିଳାଙ୍କ ନେତୃତ୍ୱାଧୀନ ବିକାଶ ପାଇଁ ଆମର ପ୍ରତିବଦ୍ଧତାକୁ ଦର୍ଶାଉଛି।

ନୀତି ସମନ୍ୱୟ, ବିଶ୍ୱସନୀୟ ବାଣିଜ୍ୟ ଏବଂ ଉଚ୍ଚାକାଂକ୍ଷୀ ଜଳବାୟୁ କାର୍ଯ୍ୟ ଉପରେ ଗୁରୁତ୍ୱ ଦେଇ ଏହି ପ୍ରମୁଖ ପ୍ରାଥମିକତା ଗୁଡ଼ିକରେ ସହଯୋଗର ଏକ ନୂତନ ଭାବନାକୁ ନୂଆଦିଲ୍ଲୀ ଘୋଷଣାନାମାରେ ପ୍ରତିଫଳିତ କରାଯାଇଛି। ଏହା ଗର୍ବର ବିଷୟ ଯେ ଆମ ଅଧ୍ୟକ୍ଷତା କାଳରେ ଜି-୨୦ ୮୭ଟି ପରିଣାମ ବିଶିଷ୍ଟ ଏବଂ ୧୧୮ଟି ଗୃହୀତ ଦସ୍ତାବିଜ ହାସଲ କରିଛି, ଯାହା ଅତୀତ ତୁଳନାରେ ଉଲ୍ଲେଖନୀୟ ବୃଦ୍ଧି।

ଆମର ଜି-୨୦ ଅଧ୍ୟକ୍ଷତା ସମୟରେ ଭାରତ ଭୂ-ରାଜନୈତିକ ପ୍ରସଙ୍ଗ ଏବଂ ଆର୍ଥିକ ଅଭିବୃଦ୍ଧି ଏବଂ ବିକାଶ ଉପରେ ଏହାର ପ୍ରଭାବ ଉପରେ ଆଲୋଚନାର ନେତୃତ୍ୱ ନେଇଥିଲା। ଆତଙ୍କବାଦ ଏବଂ ସାଧାରଣ ନାଗରିକଙ୍କ ଅଯଥା ହତ୍ୟା ଗ୍ରହଣୀୟ ନୁହେଁ ଏବଂ ଆମକୁ ଶୂନ୍ୟ ସହନଶୀଳତା ନୀତି ସହିତ ଏହାର ସମାଧାନ କରିବାକୁ ହେବ। ଶତ୍ରୁତାକୁ ଛାଡି ମାନବିକତାକୁ ଆମେ ଗ୍ରହଣ କରିବା ଉଚିତ ଏବଂ ଏହା ଯୁଦ୍ଧର ଯୁଗ ନୁହେଁ ବୋଲି ଦୋହରାଇବା ଉଚିତ୍।

ମୁଁ ଆନନ୍ଦିତ ଯେ ଆମ ଅଧ୍ୟକ୍ଷତା କାଳରେ ଭାରତ ଅସାଧାରଣ ସଫଳତା ହାସଲ କରିଛି: ଏହା ବହୁପକ୍ଷବାଦକୁ ପୁନର୍ଜୀବିତ କରିଛି, ଗ୍ଲୋବାଲ ସାଉଥର ସ୍ୱରକୁ ବିସ୍ତାର କରି, ବିକାଶକୁ ପ୍ରୋତ୍ସାହିତ କରିଛି ଏବଂ ସବୁଠି ମହିଳା ସଶକ୍ତିକରଣ ପାଇଁ ଲଢ଼େଇ କରିଛି।

ଯେତେବେଳେ ଆମେ ବ୍ରାଜିଲକୁ ଜି-୨୦ ଅଧ୍ୟକ୍ଷତା ହସ୍ତାନ୍ତର କରୁଛୁ, ଆମର ଏହି ବିଶ୍ୱାସ ରହିଛି ଯେ ଜନସାଧାରଣ, ପୃଥିବୀ, ଶାନ୍ତି ଏବଂ ସମୃଦ୍ଧି ପାଇଁ ଆମର ସାମୂହିକ ପଦକ୍ଷେପ ଆଗାମୀ ବର୍ଷଗୁଡ଼ିକରେ ଉତ୍ତମ ପରିଣାମ ଆଣିବ।

*- ପିଆଇବି*

# ସମ୍ବିଧାନ ଦିବସର ଐତିହାସିକ ମହତ୍ୱ



ଅସିତ ମହାନ୍ତି

ପ୍ରତିବର୍ଷ ୨୬ ନଭେମ୍ବରରେ ସମ୍ବିଧାନରେ ଦର୍ଶାଯାଇଥିବା ମୂଲ୍ୟବୋଧ ଏବଂ ନୀତିଗୁଡ଼ିକ ବିଷୟରେ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ବିଭିନ୍ନ କାର୍ଯ୍ୟକଳାପ ଆୟୋଜିତ ହୋଇଥାଏ। ସମ୍ବିଧାନ ଦିବସ, ଯାହାକୁ ଜାତୀୟ ଆଇନ ଦିବସ ମଧ୍ୟ କୁହାଯାଏ, ଭାରତରେ ସମ୍ବିଧାନ ଗ୍ରହଣକୁ ସ୍ମରଣ କରିଥାଏ। ୧୯୪୯ ମସିହାରେ ଏହି ଦିନ, ଅର୍ଥାତ୍ ୨୬ ନଭେମ୍ବର, ୧୯୪୯ ରେ, ସମ୍ବିଧାନ ସଭା କୁ ଆନୁଷ୍ଠାନିକ ଭାବରେ ଗ୍ରହଣ କରାଯାଇଥିଲା, ଯାହା ପରେ ୨୬ ଜାନୁୟାରୀ ୧୯୫୦ ରେ କାର୍ଯ୍ୟକାରୀ ହୋଇଥିଲା। ସାମାଜିକ ନ୍ୟାୟ ଏବଂ ସଶକ୍ତିକରଣ ମନ୍ତ୍ରଣାଳୟ ୨୬ ନଭେମ୍ବର, ୨୦୧୫ରେ 'ସମ୍ବିଧାନ ଦିବସ' ଭାବରେ ପାଳନ କରିବାକୁ ଭାରତ ସରକାରଙ୍କ ନିଷ୍ପତ୍ତିକୁ ସୂଚିତ କରିଥିଲା। ଭାରତୀୟ ସମ୍ବିଧାନ ସହ ଜଡିତ ଗୁରୁତ୍ୱପୂର୍ଣ୍ଣ ତଥ୍ୟ: ଭାରତର ସମ୍ବିଧାନ ପ୍ରସ୍ତୁତ କରିବାର କାର୍ଯ୍ୟ ୨ ବର୍ଷ, ୧୧ ମାସ ୧୮ ଦିନ ମଧ୍ୟରେ ସମାପ୍ତ ହୋଇଥିଲା। ଭାରତୀୟ ସମ୍ବିଧାନର ମୂଳ କପି ଟାଇପ୍ କିମ୍ବା ମୁଦ୍ରିତ ହୋଇନଥିଲା, ବରଂ ଏହି କପିଗୁଡ଼ିକ ହାତ ଲେଖା ଦ୍ୱାରା ପ୍ରସ୍ତୁତ କରାଯାଇଥିଲା। ବର୍ତ୍ତମାନ ସମ୍ବିଧାନର ମୂଳ କପି ସଂସଦର ଲାଇବ୍ରେରୀ ଭିତରେ ଏକ ହିଲିୟମ୍ ଭର୍ତ୍ତି ବାକ୍ସ / କେସରେ ରଖାଯାଇଛି। ପ୍ରସିଦ୍ଧ ସୁଲେଖକ ( କଲିଗ୍ରାଫର) ପ୍ରେମ ବିହାରୀ ନାରାୟଣ ରାୟଜାଦା ସମ୍ବିଧାନର ମୂଳ କପି ପ୍ରସ୍ତୁତ କରିଥିଲେ। ମୂଳତଃ ଭାରତର ସମ୍ବିଧାନ ଇଂରାଜୀ ଏବଂ ହିନ୍ଦୀ ଭାଷାରେ ଲେଖାଯାଇଥିଲା। ଯେତେବେଳେ ଭାରତୀୟ ସମ୍ବିଧାନ ସୃଷ୍ଟି ହେଲା, ଏହାର କିଛି ବୈଶିଷ୍ଟ୍ୟ ବ୍ରିଟେନ, ଆୟର୍ଲାଣ୍ଡ, ଜାପାନ, ଆମେରିକା, ଦକ୍ଷିଣ ଆଫ୍ରିକା, ଜର୍ମାନୀ, ଅଷ୍ଟ୍ରେଲିଆ ଏବଂ କାନାଡା ସମେତ ଅନ୍ୟାନ୍ୟ ଦେଶର ସମ୍ବିଧାନରୁ ଗଠନରୁ ନିଆଯାଇଥିଲା। ଭାରତୀୟ ସମ୍ବିଧାନର ମୌଳିକ ଗଠନ ଭାରତ ସରକାର ଅଧିନିୟମ, ୧୯୩୫ ଉପରେ ଆଧାରିତ। ଏହା ହେଉଛି ଦୁନିଆର ସବୁଠାରୁ ଲମ୍ବା ସମ୍ବିଧାନ। ସମ୍ବିଧାନ ଦିବସ ବିଷୟରେ ବିସ୍ତାର ଭାବେ ଜାଣିବକି ହେଲେ, କିଛି ମହତ୍ୱପୂର୍ଣ୍ଣ ତଥ୍ୟ ବିଷୟରେ ଜାଣିବା ଆବଶ୍ୟକ. ୧୯୩୪ ମସିହାରେ, ଏମ.ଏନ. ରୟଙ୍କ ଦ୍ୱାରା ପ୍ରଥମ ଥର ପାଇଁ ଏକ ସମ୍ବିଧାନ ସଭାର ଧାରଣା ଉପସ୍ଥାପିତ ହୋଇଥିଲା। ୧୯୪୬ ମସିହାର କ୍ୟାବିନେଟ ମିଶନ ଯୋଜନା ଅନୁଯାୟୀ, ସମ୍ବିଧାନ ସଭା ଗଠନ ପାଇଁ ନିର୍ବାଚନ ଆୟୋଜିତ ହୋଇଥିଲା। ଡ୍ରାଫ୍ଟ କମିଟିରେ ୭ ଜଣ ସଦସ୍ୟ ରହିଥିଲେ: ଆଲ୍ଲାଦି କୃଷ୍ଣସ୍ୱାମୀ ଆୟର, ଏନ ଗୋପାଳସ୍ୱାମୀ, ଭୀମ୍ ରାଓ ଆମ୍ବେଦକର, କେ ଏମ ମୁନ୍ସି,, ମହମ୍ମଦ ସାଦୁଲ୍ଲା, ବି ଏଲ ମିତ୍ତର ଏବଂ ଡି ପି ଖଇତାନ। ଅଗଷ୍ଟ ୩୦, ୧୯୪୭ ରେ ଏହାର ପ୍ରଥମ ବୈଠକରେ ଡ୍ରାଫ୍ଟ କମିଟି ଭୀମ୍ ରାଓ ଆମ୍ବେଦକରଙ୍କୁ ଏହାର ଅଧ୍ୟକ୍ଷ ଭାବରେ ମନୋନୀତ କରିଥିଲା।

ସର୍ବପ୍ରଥମେ ତିନୋଟି ବିଷୟରେ ଜାଣିବା ଜରୁରୀ, ୧୫ ଅଗଷ୍ଟ, ୨୬ ନଭେମ୍ବର ଏବଂ ୨୬ ଜାନୁଆରୀ। ୧୫ ଅଗଷ୍ଟ ୧୯୪୭ – ସ୍ୱାଧୀନତା ଦିବସ, ୨୬ ଜାନୁଆରୀ ୧୯୫୦ – ଗଣତନ୍ତ୍ର ଦିବସ, ଏହି ଦୁଇଟି ଦିବସ ମଧ୍ୟରେ ଆଉ ଏକ ଦିନ ଅଛି ଯାହାର ଗୁରୁତ୍ୱ ରହିଛି – ସମ୍ବିଧାନ ଦିବସ ୨୬ ନଭେମ୍ବର ୧୯୪୯। ଅର୍ଥାତ, ୧୯୪୯ ରୁ ୧୯୫୦ ମଧ୍ୟରେ ଏହି ଯାତ୍ରା କ'ଣ ? ଏହି ବିଷୟଟି ବୁଝିବାପାଇଁ ପାଇଁ, ଆମକୁ ୪ ଟି ବିଷୟ ପ୍ରତି ଧ୍ୟାନ ଦେବାକୁ ପଡିବ। ୧ – କଲୋନୀ କିମ୍ବା ନିର୍ଭରଶୀଳତା – ୧୫ ଅଗଷ୍ଟ ୧୯୪୭ ପୂର୍ବରୁ, ଆମେ ବ୍ରିଟେନର ଏକ ଉପନିବେଶ ଥିଲୁ, ଅର୍ଥାତ୍ ଭାରତ ବ୍ରିଟେନର ଦଖଲରେ ଥିଲା। ୨ – ପ୍ରୋଟେକ୍ଟରେଟ୍- କିଛି ଦେଶ ଅଛି ଯାହାକୁ ସଂରକ୍ଷିତ ରାଜ୍ୟ କୁହାଯାଏ। ତାହା ହେଉଛି, ପ୍ରତ୍ୟେକ ଦେଶ ଅଳ୍ପ କିଛି ଜିନିଷ (ପ୍ରତିରକ୍ଷା ଏବଂ ବାହ୍ୟ ବ୍ୟାପାର ପରି)ବ୍ୟତୀତ ଅନ୍ୟ ଦେଶ ଉପରେ ନିଜର ନିଷ୍ପତ୍ତି ନେଇପାରିବେ । ୩ – ଡୋମିନିଅନ୍ – ଏହାର ଅର୍ଥ ହେଉଛି ଗୋଟିଏ ଦେଶ ଅନ୍ୟ ଦେଶର ମୁଖିଆ ଅଧୀନରେ କାର୍ଯ୍ୟ କରିବ। ଏହାର ଅର୍ଥ ଗୋଟିଏ ଦେଶ ଯାହା ଚାହିଁବ ତାହା କରିପାରିବ, କିନ୍ତୁ ଡକ୍ୟୁମେଣ୍ଟରେ ଦସ୍ତଖତ ଅଧିକାର ଅନ୍ୟ ଦେଶର ରହିବ। ଏହାର ଅର୍ଥ ହେଉଛି ବ୍ରିଟେନ୍ ଦେଶର ମୁଖ୍ୟ ହେବ, ଯାହାକୁ ଡୋମିନିଅନ୍ ଷ୍ଟେଟ୍ କୁହାଯାଏ। ୪ – ସାର୍ବଭୌମ ରାଜ୍ୟ – ଏହାର ଅର୍ଥ ହେଉଛି ଏକ ଦେଶ ସମ୍ପୂର୍ଣ୍ଣ ସ୍ୱାଧୀନ, ଏହା ଉପରେ କାହାର କୌଣସି ନିୟନ୍ତ୍ରଣ ନାହିଁ। ବାସ୍ତବରେ ଏହି ସ୍ଥିତି ଭାରତ ସହିତ ସ୍ୱାଧୀନତା ପୂର୍ବରୁ ଘଟିଥିଲା।

ତେଣୁ ଯଦି ଆମେ ୧୯୪୭ ରୁ ୧୯୫୦ ମଧ୍ୟରେ ଯାତ୍ରାକୁ ୫ ଭାଗରେ ବିଭକ୍ତ କରୁ, ତେବେ ୧ – ୧୫/୮/୧୯୪୭ ପୂର୍ବରୁ – ଭାରତ ବ୍ରିଟେନର ଏକ ଉପନିବେଶ ଥିଲା। ୨ – ୧୫ ଅଗଷ୍ଟ ୧୯୪୭ ରେ ବ୍ରିଟେନର ହାଉସ ଅଫ୍ କମନ୍ସରେ ଏକ ଆକ୍ଟ ପାରିତ ହୋଇଥିଲା ଯାହାକୁ ଭାରତୀୟ ସ୍ୱାଧୀନତା ଆଇନ(ଇଣ୍ଡିଆନ ଇଣ୍ଡିପେଣ୍ଡେନ୍ସ ଆକ୍ଟ) କୁହାଯାଏ। ୩ – ସମ୍ବିଧାନ ନିର୍ମାଣ – ସ୍ୱାଧୀନତା ପୂର୍ବରୁ, ନଭେମ୍ବର ୧୯୪୬ରେ ସମ୍ବିଧାନସଭା ଗଠନ କରାଯାଇଥିଲା, ଏହାର ନିର୍ମାଣ କାର୍ଯ୍ୟ ଡିସେମ୍ବର ୧୯୪୬ ରେ ଆରମ୍ଭ ହୋଇଥିଲା। ଡ୍ରାଫ୍ଟ କମିଟିର ଚେୟାରମ୍ୟାନ୍ ଡକ୍ଟର ବି.ଆର. ଆମ୍ବେଦକର, ଡକ୍ଟର ରାଜେନ୍ଦ୍ର ପ୍ରସାଦ ଅଧ୍ୟକ୍ଷ ଭୂମିକାରେ ଥିଲେ ଏବଂ ନେହେରୁ ମଧ୍ୟ ଏହି କମିଟିର ସଦସ୍ୟ ଥିଲେ। ସମାପ୍ତ ହେବାକୁ ପ୍ରାୟ ୩ ବର୍ଷ ଲାଗିଗଲା ଏବଂ ଶେଷରେ ୨୬ ନଭେମ୍ବର ୧୯୪୯ରେ କାର୍ଯ୍ୟ ସମାପ୍ତ ହେଲା, ସେଥିପାଇଁ ଆମେ ୨୬ ନଭେମ୍ବର ସମ୍ବିଧାନ ଦିବସ ବୋଲି କହିଥାଉ। ୪ – ସେଥିପାଇଁ ୨୬/୧୧/୧୯୪୯ ହେଉଛି ସେହି ଦିନ, ଯାହାକୁ ସମ୍ବିଧାନ ଦିବସ କୁହାଯାଏ। ୫ – ୨୬/୧/୧୯୫୦ – ସମ୍ବିଧାନର ନିର୍ମାତାମାନେ କହିଥିଲେ ଯେ ସମ୍ବିଧାନ ପ୍ରସ୍ତୁତ ହୋଇଛି, କିନ୍ତୁ ଆମେ ଏହାକୁ ୨୬ ଜାନୁୟାରୀ ୧୯୫୦ ରେ କାର୍ଯ୍ୟକାରୀ କରିବୁ। ଏହାର କାରଣ କଣ ଥିଲା ? ପ୍ରକୃତରେ ବ୍ରିଟିଶମାନେ କହିଥିଲେ ଯେ ସେମାନେ ୧୯୪୮ ପୂର୍ବରୁ ଭାରତ ଛାଡିବେ, କିନ୍ତୁ ସେମାନେ ସେମାନଙ୍କର ମତ ବଦଳାଇ ଶୀଘ୍ର କାର୍ଯ୍ୟ କରିବା ଆରମ୍ଭ କଲେ ଏବଂ ଶେଷରେ ୧୮ ଜୁଲାଇ ୧୯୪୭ ରେ ସେଠାକାର ଦୁଇଟି ହାଉସ ରେ ଅଧିନିୟମ ପାସ ହେବାପରେ ସେଠାକାର ରାଜା ଜର୍ଜ ଦସ୍ତଖତ କରିଦେଇଥିଲେ। ସେହି ଅଧିନିୟମରେ ଏହା ଲେଖାଯାଇଥିଲା ଯେ ଏହା ୧୫ ଅଗଷ୍ଟ ୧୯୪୭ ରେ ଆଇନଗତ ଭାବରେ କାର୍ଯ୍ୟକାରୀ ହେବ। ସେଥିପାଇଁ ୧୫ ଅଗଷ୍ଟ ୧୯୪୭ ରେ ଆମ ଦେଶ ଆଇନଗତ ଭାବରେ ସ୍ୱାଧୀନ ହେଲା। ଅର୍ଥାତ୍ ଏହି ଦିନ ହିଁ ଏହି ନିୟମ ଲାଗୁ ହେଲା। ଏହାର ଅର୍ଥ ଭାରତ ସ୍ୱାଧୀନ ହେଲା। ଏହି ନିୟମ ଲାଗୁ ହେବା ପରେ କ'ଣ ହେଲା ? ଏହି ଆଇନରେ କ'ଣ ଲେଖାଯାଇଥିଲା ? ୧ – ବ୍ରିଟିଶ ନିୟମର ସମାପ୍ତି – ବ୍ରିଟିଶ ଶାସନ ଶେଷ ହେବ। ୨ – ଭଏସ ରାୟ – ସେହି ସମୟରେ ବ୍ରିଟିଶ ରାଜାଙ୍କର ଜଣେ ପ୍ରତିନିଧୀ ଥିଲେ ଯାହାକୁ ଭଏସ ରାୟ କୁହାଯାଉଥିଲା ଏବଂ ଭାରତର ଯନ୍ ନେଉଥିବା ଗଭର୍ଣ୍ଣର ଜେନେରାଲ ମଧ୍ୟ ଥିଲେ। ଏହି ଆକ୍ଟରେ ଲେଖାଯାଇଥିଲା ଯେ ୧୫ ଅଗଷ୍ଟ ୧୯୪୭ ପରେ ବ୍ରିଟେନ'ର କୌଣସି ଭଏସ ରାୟ ଭାରତରେ ରହିବେ ନାହିଁ। ୩ – ଏହି ଆକ୍ଟ'ରେ ଲେଖାଥିଲା ଗଭର୍ନରର ପଦ କିଛି ଦିନ ପାଇଁ ରହିବ, କାରଣ ସଂକ୍ରମଣ କାଳକୁ ଅଚାନକ ଗୋଟିଏ ଦେଶ ସମ୍ମୁଖୀନ ହୋଇପାରିବ ନାହିଁ। ଏଥିରେ ଆହୁରି ଲେଖାଥିଲା ଯେ ଭାରତ'ର ଯେଉଁ କ୍ୟାବିନେଟ ହେବ, ସେମାନେ ଗଭର୍ଣ୍ଣର ବାଛିବେ ୪ – ଏହି ଆକ୍ଟ ରେ ଲେଖାଥିଲା – ଭାରତ ଦୁଇଟି ଡୋମିନିଅନ ଷ୍ଟେଟରେ ଭାଗ ହେବ , ଗୋଟିଏ ହେଉଛି ଭାରତ ଏବଂ ଅନ୍ୟଟି ହେଉଛି ପାକିସ୍ତାନ। ଏଥିରେ ଲେଖାଥିଲା ଯେ ଯେଉଁ ଗଭର୍ଣ୍ଣର ଜେନେରାଲ ନିଯୁକ୍ତ ହେବେ ସେ ଦୁଇଟି ଦେଶର ଗଭର୍ଣ୍ଣର ଭାବେ କାର୍ଯ୍ୟ କରିପାରିବେ। ୫ – ଏହି ଆକ୍ଟରେ ଲେଖାଥିଲା – ଯେପର୍ଯ୍ୟନ୍ତ ଭାରତର ସମ୍ବିଧାନ କାର୍ଯ୍ୟ ଶେଷ ନହୋଇଛି , ସେତେବେଳ ପର୍ଯ୍ୟନ୍ତ ବ୍ରିଟେନ ପାର୍ଲିଆମେଣ୍ଟ ଦ୍ୱାରା ତିଆରି କରାଯାଇଥିବା The govt of Indian Act ,୧୯୩୫ ଦ୍ୱାରା ଶାସନ ହେବ। ଉଲ୍ଲେଖନୀୟ ବିଷୟ ହେଉଛି ସମୁଦାୟ ୩୯୫ ଅଧିନିୟମ ମଧ୍ୟରୁ ୨୦୦ ଅଧିନିୟମ ଏହି ଆକ୍ଟ (The govt of Indian Act ,୧୯୩୫)ରୁ ନିଆଯାଇଛି ଯାହା ବର୍ତ୍ତମାନ ସମ୍ବିଧାନରେ ସ୍ଥାନ ପାଇଛି। ୬– ବିଧାନସଭାକୁ ସମ୍ପୂର୍ଣ୍ଣ କ୍ଷମତା – ଏହି ଅଧିନିୟମରେ ଲେଖାଥିଲା ଯେ ଭାରତର ବିଧାନସଭାକୁ ସମ୍ପୂର୍ଣ୍ଣ କ୍ଷମତା ଦିଆଯାଇଥିଲା, ଭାରତର ବିଧାନସଭା ଯେକୌଣସି ଆଇନ କରିପାରିବ। ତେଣୁ ୨୬ ନଭେମ୍ବର ୧୯୪୯ ରେ, ସମ୍ବିଧାନ ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିଲା। ଅର୍ଥାତ୍ ସେହି ଦିନଟି ଗଣତନ୍ତ୍ର ଦିବସ ଭାବରେ ପାଳନ କରାଯିବା ଉଚିତ୍, କିନ୍ତୁ ଏହା କାହିଁକି ପାଳନ କରାଯାଇନଥିଲା ? ଏହା ପଛରେ ଏକ କାରଣ ଅଛି। ସମ୍ବିଧାନର ଧାରା ୩୯୪ ରେ ଏହା ଲେଖାଯାଇଥିଲା ଯେ ଏହି ସମ୍ବିଧାନ ୨୬ /୧/୧୯୫୦ ରୁ କାର୍ଯ୍ୟକାରୀ ହେବ। କିନ୍ତୁ ଏଥିରେ ଏକ ବ୍ୟବସ୍ଥା ଥିଲା ଯେ କିଛି ପ୍ରବନ୍ଧ ତୁରନ୍ତ ପ୍ରଭାବ ସହିତ କାର୍ଯ୍ୟକାରୀ ହେବ। ଯେମିତି ନାଗରିକତ୍ୱ, ନିର୍ବାଚନ ଏବଂ ଏହା ବ୍ୟତୀତ କିଛି ଟେମ୍ପରାରି ଆର୍ଟିକଲକୁ ଲାଗୁ କରିଦିଆଯାଇଥିଲା। ଏହା ଛଡା ବାକି ସମସ୍ତ ଆର୍ଟିକଲ ୨୬ /୧ /୧୯୫୦ ରେ ଲାଗୁ ହେବ। ତାହେଲେ ପ୍ରଶ୍ନ ଉଠେ ଏହି ୨ ମାସ ସମୟ କାହିଁକି ନିଆଗଲା ? ଏହା ଜାଣିବା ପାଇଁ ଆମକୁ ଇତିହାସର ପୃଷ୍ଠା ଓଲଟାଇବାକୁ ପଡିବ। ବାସ୍ତବରେ ଏହି ଦିନର ଏକ ଐତିହାସିକ ମହତ୍ତ୍ୱ ରହିଛି। ଏହା ୧୯୨୯ ବର୍ଷ, ତାରିଖ ୩୧ ଏବଂ ଡିସେମ୍ବର ମାସ, ଲାହୋରର କଂଗ୍ରେସ ଅଧିବେଶନ ଚାଲିଥିଲା। ନେହେରୁ ସେତେବେଳେ କଂଗ୍ରେସର ସଭାପତି ଥିଲେ, ନେତାଜୀ ଏବଂ ନେହେରୁଙ୍କ ମଧ୍ୟରେ ସମ୍ପର୍କ ଭଲ ଥିଲା, କିନ୍ତୁ ପରେ ମତଭେଦ ଦେଖାଗଲା। କଂଗ୍ରେସରେ କିଛି ଲୋକ ଥିଲେ ଯେଉଁମାନେ କହିଥିଲେ ଯେ ଯଦି ଆମେ ବ୍ରିଟିଶମାନଙ୍କଠାରୁ ଡୋମିନିଅନ୍ ଷ୍ଟେଟ୍ ପାଇଥାଉ ତେବେ ଯଥେଷ୍ଟ ହେବ, କିନ୍ତୁ ନେତାଜୀ ଏବଂ ନେହେରୁ ଏହା ବିରୁଦ୍ଧରେ ଥିଲେ। ସେମାନେ କହିଥିଲେ ଯେ ଆମେ ସମ୍ପୂର୍ଣ୍ଣ ସାର୍ବଭୌମତ୍ୱ ଚାହୁଁ, କାହିଁକି ଆମେ ବ୍ରିଟିଶ ସମ୍ରାଟଙ୍କ ଅଧୀନରେ ରହିବା ? ତା'ପରେ ୩୧/୧୨/୧୯୨୯ ରାତିରେ ଏକ ସଂକଳ୍ପ ପାରିତ ହେଲା ଏବଂ ଅଧ୍ୟକ୍ଷ ଭାବରେ ନେହେରୁ ଏକ ଭାଷଣ ଦେଇଥିଲେ ଏବଂ କହିଥିଲେ ଯେ ଆମେ ବ୍ରିଟିଶମାନଙ୍କଠାରୁ ସମ୍ପୂର୍ଣ୍ଣ ସ୍ୱାଧୀନତା ଚାହୁଁଛୁ। ସେହି ଦିନ ତ୍ରିରଙ୍ଗା ପତାକା ଉତ୍ତୋଳନ କରାଯାଇଥିଲା ଏବଂ ଏହା ସହିତ କୁହାଯାଇଥିଲା ଯେ 'ଆମେ ୨୬ ଜାନୁଆରୀ ୧୯୩୦ ସୁଦ୍ଧା ବ୍ରିଟିଶମାନଙ୍କଠାରୁ ସ୍ୱାଧୀନତା ହାସଲ କରିବୁ' ଅର୍ଥାତ୍ ଭାରତୀୟ ଜାତୀୟ କଂଗ୍ରେସ ସ୍ୱୀକାର କଲା ଯେ ଭାରତର ସ୍ୱାଧୀନତା ଦିବସ ୨୬ ଜାନୁୟାରୀ ୧୯୩୦। ଅର୍ଥାତ୍ ୧୯୩୦ ରୁ ୧୯୪୭ ପର୍ଯ୍ୟନ୍ତ, ଭାରତ ୨୬ ଜାନୁଆରୀ କୁ ସ୍ୱାଧୀନତା ଦିବସ ରୂପେ ପାଳନ କରି ଆସୁଥିଲା , ସେଥିପାଇଁ ୨୬ ଜାନୁଆରୀର ଏକ ଐତିହାସିକ ମହତ୍ତ୍ୱ ରହିଛି।

*ସୁଜନପୁର , ଯାଜପୁର*
*ଦୂରଭାଷ : ୯୩୪୮୭୬୮୮୧୨*

## ଧାରାବାହିକ ଉପନ୍ୟାସ

# ଦୋଷ ଦୃଶ୍ୟ



**କ୍ଷୀରୋଦ ଦାସ**

ଭାଗ-୨୩



(ପୂର୍ବପ୍ରକାଶ ଉତ୍ତାରୁ)

ତାଙ୍କ ଧର୍ମପତ୍ନୀ, ରାଜଲକ୍ଷ୍ମୀ ତେବେ ତାଙ୍କ ପ୍ରତି ବେଇମାନି କରି, ତାଙ୍କ ଅଜାଣତରେ ସେତକ ଅର୍ଥ ଦେଇ ଜେଲ୍‌ରୁ ବେଲ୍‌ରେ ଆଣିଛନ୍ତି ନିଜ କୁଳନନ୍ଦନକୁ!

ଏପରି ଜଘନ୍ୟ ଅପରାଧ ଭିଆଇଥିବା ଅପରାଧୀମାନଙ୍କର ଦଣ୍ଡ କଣ ଏତିକି! ଏତେ ମାମୁଲି!

ଶୁଭକାନ୍ତଙ୍କ ଅନ୍ତରାତ୍ମା ହାହାକାର କରି ଉଠିଲା। ତାଙ୍କ ଆଖି ଆଗରେ ସହସା ଉଭା ହୋଇଗଲା ଯନ୍ତ୍ରଣା ଜର୍ଜରିତ ଏକ ନିରିମାଖି ମୁହଁ। ବଡ ମରମ ଘେନା ସେଇ ମୁହଁର ଆବେଦନ। ବଡ ହୃଦୟ ବିଦାରକ ସେଇ ଝିଅର ଅସହ୍ୟ କଷ୍ଟ।

ଅପରାହ୍‌ଣ ପରଠାରୁ ସେ ଆଉ ବାହାରି ନ ଥିଲେ ନିଜ ବଖରା ଭିତରୁ। କିଏ ଜଣେ ରାତି ନ'ଟା ବେଳକୁ ଆସି କବାଟ ବାଡଉଥିଲା। ବୋଧହୁଏ ପୂଝାରୀ ପିଲା। ରାତି ଖାଇବା ପାଇଁ। ଅଥଚ ତାଙ୍କର ନା ଥିଲା ଭୋକ ନା ଶୋଷ! ନିଜ ଭିତରେ ଭିତରେ ସେ ସତେଅବା ନୋଷଡି ପଡୁଥିଲେ। ନିଃଶେଷ ହୋଇଯାଉଥିଲେ। ସାରା ରାତି ସେ ବସିରହିଥିଲେ ନିଜ ବିଛଣାରେ। ଧାପେ ମାତ୍ର ନିଦ ନଥିଲା ତାଙ୍କ ଆଖିରେ।

ସେ ଆପାତତଃ ସ୍ଥିର କରିସାରିଥିଲେ ନିଜର ପରବର୍ତ୍ତୀ କାର୍ଯ୍ୟପନ୍ଥା।

ତା ପରଦିନ ସକାଳ ଦଶଟାବେଳେ ଶୁଭକାନ୍ତ ପଦାକୁ ବାହାରିବା ବେଳେ ଦେଖିଲେ ମା' ପୁଅ ଦୁହେଁ ଖୁସିରେ ବିଭୋର ହୋଇ କିଛି ଗୋଟାଏ ଉଲ୍ଲାସପ୍ରଦ ଆଲୋଚନାରେ ମାତିଛନ୍ତି। ତାଙ୍କୁ ଦେଖିପକାଇ ସେମାନେ ଚୁପ୍ ହୋଇଗଲେ। ତାଙ୍କୁ ଶୁଣାଇ ଶୁଣାଇ ରାଜଲକ୍ଷ୍ମୀ ସଂଜୟକୁ କହିଲେ- "ଏଣିକି ତୋ କଥା ତୁ ନିଜେ ବୁଝରେ ପୁଅ! ଆମର ଆଗକୁ ପଛକୁ କେହି ନାହାନ୍ତି!"

ରାଜଲକ୍ଷ୍ମୀଙ୍କର ଏ ପ୍ରକାର ବ୍ୟଙ୍ଗାତ୍ମକ ବକ୍ତବ୍ୟ କିଛି ବି ପ୍ରଭାବ ପକାଇଲା ନାହିଁ ଶୁଭକାନ୍ତଙ୍କ ମନ ଉପରେ। ସେ ଆଡକୁ ମନ ନ ଦେଇ ସେ ବାହାରକୁ ବାହାରିଯାଇ ବସିଲେ କାର୍‌ରେ ଏବଂ ପ୍ରଦୀପ୍ତକୁ ଆଦେଶ ଦେଲେ- 'ଚଲା ଗାଡି।'

: କୁଆଡେ ଯିବା ଆଜ୍ଞା! -ପଚାରିଲା ଡ୍ରାଇଭର ପ୍ରଦୀପ୍ତ।

: ରାମପୁର ଥାନାକୁ। - ନିର୍ଦ୍ଦେଶ ଦେଲେ ଶୁଭକାନ୍ତ।

: ଥାନାକୁ କାଇଁକି ଆଉ ଯିବା ଆଜ୍ଞା! ସଂଜୁବାବା ତ ଘରକୁ ଫେରିଆସିଲେଣି। ମା' ପରା ମୋ ହାତରେ ଟଙ୍କା ଦେଇ ମିଠା ଦଶ କିଲୋ ଆଣିବାକୁ କହିଛନ୍ତି!"- ପ୍ରଦୀପ୍ତ କହିଲା।

: ଠିକ୍ ଅଛି। ମୁଁ ଗାଡିରୁ ଓହ୍ଲାଇପଡି ଚାଲି ଚାଲି ଯାଉଛି ଥାନାକୁ। ତୋର ତୁ ମିଠା ନେଇ ଘରୁ ଯା'। -ଗାଡିରୁ ଓହ୍ଲାଇ ପଡିବାର ଉପକ୍ରମ କଲେ ଶୁଭକାନ୍ତ।

ଆଉ କିଛି ନ କହି ପ୍ରଦୀପ୍ତ ଗାଡି ଚଳାଇଲା।

ଥାନା ଇନିସ୍‌ପେକ୍ଟର ନିଜ ଚେୟାରରେ ହାଲୁକା ମୁଦ୍ରାରେ ବସି ଚା' ପିଉ ପିଉ ଗପୁଥିଲେ। ଲେଡି-ସବ୍‌ଇନିସ୍‌ପେକ୍ଟରଙ୍କ ସହିତ। ସେମାନଙ୍କ ଭିତରେ କ'ଣ ଗୋଟାଏ ମଜାଳିଆ କଥା ପଡିଥିଲା ଯେ ଦୁହେଁ ହସି ହସି ବେଦମ୍



ହେଉଥିଲେ। ଲେଡି ସବ୍-ଇନିସ୍‌ପେକ୍ଟର ଜଣକ ଏକଦମ୍ ଆଉଜି ପଡିଥିଲେ ଇନିସ୍‌ପେକ୍ଟରଙ୍କ ବିଶାଳ ଶରୀର ଉପରକୁ।

ଅସମୟରେ ଶୁଭକାନ୍ତଙ୍କ ଆଗମନ ତାଙ୍କୁ ବିଶେଷ ଖୁସି ଦେଲା ନାହିଁ। ତଥାପି ଖୁବ୍ ଆଗ୍ରହ ଓ ଆନ୍ତରିକତା ସହ ସେ ସ୍ୱାଗତ କଲେ ଶୁଭକାନ୍ତଙ୍କୁ। ନମସ୍କାର କଲେ ଯୋଡହସ୍ତରେ ଏବଂ ପାଖରେ ପଡିଥିବା ଚେୟାର ଆଡକୁ ଦେଖାଇଦେଇ କହିଲେ- "ବସନ୍ତୁ ଆଜ୍ଞା!"

କୌଣସି ଉତ୍ତର ଦେଲେ ନାହିଁ ଶୁଭକାନ୍ତ କିମ୍ବା ବସିଲେ ନାହିଁ, ତାଙ୍କୁ ପ୍ରଦାନ କରାଯାଇଥିବା ଚେୟାର ଉପରେ!

: ଏନି ପ୍ରୋବ୍ଲେମ୍ ସାର୍! - ପଚାରିଲେ ଇନିସ୍‌ପେକ୍ଟର ଏବଂ ହସ ହସ ମୁହଁରେ ଯୋଗଲେ- "ପୁଅକୁ ତ ଜାମିନ୍ ମିଳିଗଲା। କାଲିଠାରୁ ସେ ଘରେ ପହଞ୍ଚି ଯିବଣି ନିଶ୍ଚୟ। ଯାହା କୁହନ୍ତୁ ଆଜ୍ଞା, ମୁଁ କିନ୍ତୁ ବ୍ୟକ୍ତିଗତ ଭାବରେ ଖୁବ୍ ଖୁସି। ଆପଣଙ୍କ ପରି ବିଶିଷ୍ଟ ବ୍ୟକ୍ତିଙ୍କ ପୁଅ ଜେଲ୍‌ରେ ରହିବ, ଏକଥା ମୋତେ ବାଧୁଥିଲା ଭାରି। ସେଦିନ ସିନା ମୁହଁଖୋଲି ଆପଣ ମୋତେ କିଛି କହିପାରିଲେ ନାହିଁ! ମୁଁ କ'ଣ ଆପଣଙ୍କର ଛାତି ତଳର ଦୁଃଖ ପଢ଼ିପାରି ନଥିଲି! କେତୋଟି ଦଫା ମୁଁ ଜାଣିଶୁଣି କୋହଳ କରିଥିଲି। ଯାହା ଜାମିନ୍ ମିଳିବାର ବାଟକୁ ସୁଗମ କଲା। ଏବେ ପୁଣି ଆପଣଙ୍କର କି ଚିନ୍ତା?"

: ମୋ ଚିନ୍ତାର କାରଣ ଆପଣ। - ରୋକ୍‌ଠୋକ୍ କହିଲେ ଶୁଭକାନ୍ତ- "ଦଫା କୋହଳ କରିବା ପାଇଁ କେତେ ମୂଲଚାଲ ହୋଇଥିଲା? ପାଞ୍ଚଲକ୍ଷ ନା ତାଠୁ ଅଧିକ!"

ଧଳା କାଗଜ ପରି ହୋଇଗଲା ଇନିସ୍‌ପେକ୍ଟରଙ୍କ ମୁହଁ। ଡାକ୍ତରଙ୍କ ତୀକ୍ଷ୍‌ଣ କଥାରେ ସେ ହଠାତ୍ ହଡବଡେଇ ଗଲେ। ସେ କିଛି କହିବା ପୂର୍ବରୁ ପୁଣି କହିଲେ ଶୁଭକାନ୍ତ- "ସେଦିନ ଆପଣ ଓ ଆପଣଙ୍କ ଥାନା, ସର୍ବୋପରି ସମଗ୍ର ପୋଲିସ୍ ବିଭାଗ ଉପରେ ଯେଉଁ ସକାରାତ୍ମକ ଟିପ୍‌ପଣୀ ମୁଁ ଦେଇଥିଲି, ବାସ୍ତବିକ ତାହା ମୋର ଭୁଲ୍ ଥିଲା। ପୋଲିସ୍ ବିଭାଗ ପ୍ରତି ସାଧାରଣ ଲୋକଙ୍କ ଆସ୍ଥା ସ୍ଥାପନ କରିବାର ସମୟ ଆସିବାକୁ ବୋଧହୁଏ ଆହୁରି ଅନେକ ଡେରି ଅଛି, ଅଫିସର! ସେଦିନ ମୁଁ କହିଥିବା କଥାକୁ ଫେରାଇ ନେବାକୁ ଆସିଛି।...।"

(କ୍ରମଶଃ)

## 'ସୂର୍ଯ୍ୟାସ୍ତ'

**ସ୍ୱାଗତିକା ସାହୁ**



ବିଚିତ୍ର ସୃଷ୍ଟି ଏ ପରମେଶ୍ୱରଙ୍କ
ଜଳ ସ୍ଥଳ ଅଗ୍ନି ବାୟୁ
ସୁଖ ଦୁଃଖ ଭୋଗ ନର୍କ ମୋକ୍ଷ ପ୍ରାପ୍ତି
ଜୀବନ ପରିଧି ଆୟୁ।
ଜନ୍ମ ଯା'ର ଅଛି ମୃତ୍ୟୁ ବି ନିଶ୍ଚିନ୍ତ
ବିଧିର ବିଧାନ ଯେଣୁ
ସମୟକୁ କରି ସଦୁପଯୋଗରେ
ବଜାଇ ସଂସାରେ ବେଣୁ।
ସୁଖ ଆସିଛି ତ ଭୁଲି ଯାଅ ନାହିଁ
ଦୁଃଖ ତାର ଚିର ସାଥି
ଉଦବେଳନରେ ଭଳି ଯାଅନାହିଁ
କୁଣ୍ଠିତ ନକରି ମତି।
ଭଲ ଭଲ କହି ଟେକୁଥାଏ ଯିଏ
ସେହି ଏକା ମନ୍ଦ ଗୁଣି
ଭଲପାଇବାର ଗାରିମା ଦେଖାଇ
ପ୍ରତାରଣା ଦିଏ ମଣି।
ରାଗ ଅଟେ ସତେ ପ୍ରକାଣ୍ଡ ରାକ୍ଷସ
ନିୟନ୍ତ୍ରଣ କରି ଶିଖ
ସାରିଦିଏ ସିଏ ହସ ଖୁସି ପ୍ରୀତି
ଭାବି ଆତ୍ମଜ୍ଞାନେ ଦେଖ।
ପ୍ରଭାତେ ଉଦୟ ହୋଇ ଦିବାକର
ଅସ୍ତଗାମୀ ସାନ୍ଧ୍ୟ କାଳେ
ଅଭିନୟ ସାରି ଏଜୀବନ ତରୀ
ବାହୁଡ଼ିବ କାଳ ବଳେ।

ଜୀବନ ଅଟଇ ରଙ୍ଗମଞ୍ଚଟିଏ
ଆମେ ସବୁ ଅଭିନେତା
ଚରିତ୍ର ଚିତ୍ରଣ କରିନପାରିଲେ
ପାଇବୁ ସଭିଙ୍କ ଚିତା।
ଜୀବନ ବ୍ୟକ୍ତିତ୍ୱ କର ଉଜ୍ଜ୍ୱଳିତ
ଥାଇ ସତ୍ୟ ନ୍ୟାୟ ଧର୍ମେ
କରିଚାଲୁ ଥାଅ ଜୀବନ ସଂଘର୍ଷ
ଥାଇ ହେ ନିୟତି କର୍ମେ।
ଜୀବନ ଆୟୁଷ ଶେଷ ହୋଇଯିବ
କାଢ଼ିଦେ ମନରୁ ଘୃଣା
ସତ କର୍ମ କରି କାଳିଆକୁ ବରି
ସଞ୍ଚିଥା ଶେଷ ପାଉଣା।
ଶେଷ ପାଉଣାଟି ଅଟେ ମନେ ଭକ୍ତି
ଅଟେ ତୁମ କର୍ମ ଫଳ
ଯେମିତି କରିବୁ ସେଫଳ ପାଇବୁ
କଥାଟି ଅଟେ ନିଶ୍ଚଳ।
ଜୀବନ ଦୀପଟି ଲିଭିବା ପୂର୍ବରୁ
ବୁଝିଯା ମନର ପକ୍ଷୀ
ସୂର୍ଯ୍ୟାସ୍ତ ପୂର୍ବରୁ ବସା ନ ଖୋଜିଲେ
ମିଳିବେନି କେହି ସଖୀ।

*କନ୍ଧମାଳ*

## ବିଶେଷ କବିତା

## ଅକବିତା

**ସ୍ମୃତି ରଞ୍ଜନ ତ୍ରିପାଠୀ**



ଏ ଜହ୍ନ!
କାଲି ଟିକେ ସଅଳ ସୂର୍ଯ୍ୟ ହେବୁ ତ
ଚନ୍ଦ୍ରାୟତ କ୍ଷତ ସ୍ଥାନରେ
ଲେପା ହେବେ ଖରା ସବୁ
ନିରୀହ ବାତୁଆ ସ୍ୱେଦରୁ
ହଳଦିଆ ସ୍ମୃତି ସବୁ ଝରିଯିବେ,
ପାଣିଚିଆ ଆକାଶ କହିଛି
ମଥାକୁ ଦେବ ସଙ୍କଳ୍ପର ଗହଣା
ପାହାନ୍ତି ତାରା ସବୁ
ଦିନ ତମାମ ଜଗିବେ
ଓଢଣା ଫାଙ୍କରେ କୁଆଁରୀ ବୟସ
କାତି ଛାଡୁଥିବ
ପ୍ରତିଶ୍ରୁତି ହାତ କଢେଇ ନେଉଥିବ
ବେଶ୍ ସନ୍ତର୍ପଣରେ
କୁହୁଡ଼ିଆ ଦାଣ୍ଡ ସବୁ ରାସ୍ତା ହେବେ
ମୁଁ ବି କାକର ସବୁକୁ ସାଉଁଟି
ଲୁହ ହେଉଥିବି
ପୁଣି ଗଢ଼ା ହେଉଥିବ
ଆଉ ଗୋଟେ ସମ୍ମୋହନର ଦିଗଟିଏ ମୋ ପାଇଁ।

ମୁଁ ବି ଅଭ୍ୟସ୍ତ
ମିଛି ମିଛିକା କଣ୍ଢେଇ
ବାହାଘର ପରେ କେମିତି
ଚାଲିବାକୁ ହୁଏ
ନିଃସଙ୍ଗତାର ତମାମ ରାସ୍ତା,
ଆଉଥରେ ମନେ ପକେଇଦେଲି
ଏ ଜହ୍ନ
କାଲି ଟିକେ ସଅଳ ସୂର୍ଯ୍ୟ ହେବୁ ତ!!

*ଜଟଣୀ, ଖୋର୍ଦ୍ଧା*
*ଦୂରଭାଷ : ୯୪୩୮୩୧୫୩୮୧*

## ଆଉ ନଫେରିବି

**ସ୍ୱପ୍ନା ମିଶ୍ର**



ଯିବି
ଯିବି ମୋ ଆୟୁଷ ବାହାରେ
ସେଇ ଫୁଲ ବଗିଚାକୁ
ଯେଉଁଠି ଆକାଶୁ ଓହ୍ଲେଇ ଆସି ଜହ୍ନ
ବୁଲେ ଫୁଲଙ୍କ ମେଳରେ
ଯିବି ସେ ସମୁଦ୍ର କୂଳକୁ
ଯେଉଁଠି ଜଳପରି ମାନେ
ଲହଡି ଭାଙ୍ଗନ୍ତି ସକାଳର ସୂର୍ଯ୍ୟକିରଣରେ।
ଯିବି ସେ ଯୁଦ୍ଧ ପଡିଆକୁ
ଯେଉଁଠି ଅଶ୍ୱାରୋହୀ ମାନେ
ଖେଦି ଆସୁଥାନ୍ତି ଘୋଡା ଝପଟାଇ।
ଯିବି ପବନର ଡେଣା ପିନ୍ଧି
ଯିବି ଉଡିଉଡି
ପଷ ଟେବୁଲର ଗଦାଗଦା
ବହିଙ୍କ ଭିତରେ ଅଣନିଃଶ୍ୱାସୀ ଶବ୍ଦଙ୍କ ଭିତରେ
ହଜିଯିବି ଅର୍ଥ ଗୋଟେ ହୋଇ।
ଏଠି ତ ଠିଆହୋଇଚି ସମୟ
ପଥର ଖୁଣ୍ଟେ ପରି
ହାତ ହଲଉଚି ଗଛ ହେଲେ
ଓଠରେ ତାର ଶବ୍ଦ ଗୋଟେ ନାହିଁ।
ଯିବି,
ଲକ୍ଷେ କଇଁ ଲକ୍ଷେ ପଦ୍ମ ଫୁଟୁଥାନ୍ତି
ଯେଉଁ ପୋଖରୀରେ
ସେ ପୋଖରୀରେ ସଜ ତୁଠ ହେବି,
ପୁରୁଣା ଲୁଗାଟି ପରି ମଇଳା ଦିଶୁଚି
ଏ ଯେଉଁ ସକାଳ
ତାକୁ ଧୋଇଧୋଇ ଦେବି।
ନିଶ୍ଚେ ଯିବି ସେ ସମାଧି ସ୍ଥଳକୁ
ସମ୍ପର୍କର ଶୀତ ଆକାଶରେ
ରୋଇଦେବି ଜହ୍ନର ଛୋଟ ଫୁଲଚାରା।
କୁହୁଳିଆ ବର୍ଷାରେ ଭିଜି ଭିଜି ଜୋଛନାର ଫୁଲ
ଫୁଟେଇବି।
ସ୍ନେହ ଆଉ ସରାଗର ହସନ୍ତ ବସନ୍ତ ପାଖେ
ଏ ପୃଥିବୀ କେଡେ ଛୋଟ ସଭିଙ୍କୁ ବୁଝାଇ
କହିବି।

ଯଦି ସେଠି ବୃହତ୍ତର ହୋଇ ରହିଯିବି
ପୂର୍ଣ୍ଣତ୍ତାର ହୋଇ ରହିଯିବି
ଆଉ ନଫେରିବି।

*ଭୁବନେଶ୍ୱର*

# ଗୋଟେ ଘଣ୍ଟାର କାହାଣୀ

ମୂଳ ଇଂରାଜୀ-କାଟେ କୋପିନ୍
ଅନୁସୃଜନ-ମୋନାଲିସା ଷଡ଼ଙ୍ଗୀ





ଜୋସେଫାଇନ ଭାବିପାରୁ ନଥିଲେ ଏ ଖବର କେମିତି କହିବେ? ଖୁସି ଖବର ତ ନଥିଲା। ଭାବି ଭାବି ଦୁଆରମୁହଁରେ ପହଞ୍ଚି ଗଲେଣି। ଘରେ ତାର ଭଉଣୀ ଛଡା ଆଉ କେହି ନଥିବେ।ଖବର ଶୁଣି କଣ ଅବସ୍ଥା ହେବ ତାର! ଶ୍ରୀମତୀ ମଲାର୍ଡ଼ ଜୋସେଫାଇନର ବଡ ଭଉଣୀ। ଅଳ୍ପ ଦିନ ପୂର୍ବରୁ ସେ ହୃଦଘାତରେ ପିଡ଼ିତ ଥିଲେ। ଏ ଭଳି ଏକ ଦୁଃଖଦ ଖବରକୁ ସେ କଣ ସହି ପାରିବେ? ଜୋସେଫାଇନ ଶବ୍ଦର ଅନ୍ୱେଷଣରେ ଥିଲେ।

ଶ୍ରୀମତୀ ମଲାର୍ଡଙ୍କର ସ୍ୱାମୀଙ୍କର ମୃତ୍ୟୁର ଖବରକୁ ଯଥାସମ୍ଭବ ଧୀରେଧୀରେ ଭଙ୍ଗା ବାକ୍ୟରେ ପ୍ରକାଶ କରିବାକୁ ସ୍ଥିର କଲେ। ତାଙ୍କ ସାଙ୍ଗରେ ଶ୍ରୀମଲାର୍ଡଙ୍କର ବଂଧୁ ରିଚାର୍ଡସ ମଧ୍ୟ ଥିଲେ। ରେଳ ଦୁର୍ଘଟଣାର ସୂଚନା ମିଳିବା ସମୟରେ ସେ ଖବରକାଗଜ କାର୍ଯ୍ୟାଳୟରେ ଥିଲେ। ଶ୍ରୀ ମଲାର୍ଡ ଯେ ଦୁର୍ଘଟଣାର ସମ୍ମୁଖୀନ ରେଳ ଯାତ୍ରୀ ଥିଲେ ଏ ଖବର ସେ ଜୋସେଫାଇନକୁ ଦେବାପରେ ଜୋସେଫାଇନ ସହିତ ଶ୍ରୀ ମଲାର୍ଡଙ୍କ ଘରକୁ ମଧ୍ୟ ଆସିଥିଲେ।

ଭଙ୍ଗା ଭଙ୍ଗା ବାକ୍ୟରେ ଜୋସେଫାଇନ ଏ ମର୍ମନ୍ତୁଦ ଓ ଦୁଃଖଦ ଖବର ନିଜର ବଡ ଭଉଣୀଙ୍କୁ ଶୁଣାଇଲେ। ଉଚ୍ଚ ସ୍ୱରରେ କାନ୍ଦିକାନ୍ଦି ଶ୍ରୀମତୀ ମଲାର୍ଡ ଲୋଟି ଗଲେ ଭଉଣୀ କୋଳରେ। ଦୁଃଖର ଏ ଝଡ କିଛି ସମୟ ପରେ ଶାନ୍ତ ହେଲା। ନିଜର ଭାରୀ ପାଦକୁ ଘୋସାରି ଘୋସାରି ଶ୍ରୀମତୀ ମଲାର୍ଡ ନିଜର ବେଡ୍‌ରୁମକୁ ଏକାକୀ ଚାଲିଗଲେ। ଗଲାବଳେ କହିଗଲେ- ଜୋସେଫାଇନ ମୋତେ ଟିକିଏ ଏକା ରହିବାକୁ ଦେ।

କୋଠରୀରେ ଏକ ବଡ ଝରକାକୁ ମୁହଁ କରି ଶ୍ରୀମତୀ ମଲାର୍ଡ ଗୋଟେ ଆରାମ ଚଉକି ଉପରେ ନିଜର ଭାରାକ୍ରାନ୍ତ ଦେହକୁ ଫୋପାଡି ଦେଲେ। ମାନସିକ ଓ ଶାରିରିକ କ୍ଳାନ୍ତି ଧୀରେଧୀରେ ତାଙ୍କର ଆତ୍ମାକୁ ହନ୍ତସନ୍ତ କରିବାକୁ ଲାଗିଲା। ଆଖିର ଲୁହ ଶୁଖି ଯାଇଥିଲେ ବି ଆତ୍ମା କାନ୍ଦୁଥିଲା। ଭାବି ପାରୁନଥିଲେ ଆଗକୁ କେମିତି ବଞ୍ଚିବେ, କାହା ପାଇଁ ବଞ୍ଚିବେ।

ବାହାରେ ବର୍ଷା ଆରମ୍ଭ ହୋଇ ଯାଇଥିଲା। ଶୁଖିଲା ମାଟିରେ ପ୍ରଥମ ବର୍ଷାର ବାସ୍ନା କେଜାଣି କାହିଁକି ଭଲ ଲାଗିଲା ତାଙ୍କୁ। ସେ ନିରେଖି ଦେଖିଲେ ଘର ଆଗରେ ଖୋଲା ପଡିଆରେ ଥିବା ଗଛର ଛୋଟଛୋଟ କଅଁଳ ପତ୍ର ଯେମିତି ନୂତନ ବସନ୍ତର ଆଗମନକୁ ସ୍ୱାଗତ କରୁଥିଲା।

ଅଣଦେଖା କରିପାରିଲେ ନାହିଁ ଝରକା ରୁ ବାହାର ର ଦୃଶ୍ୟ ଚଢେଇ ମାନଙ୍କ ର ଚିଁ ଚିଁ ଶବ୍ଦ, ଫେରିବାଲାର ଡାକ, ଦୂରରୁ ଭାସି ଆସୁଥିବା ଏକ ବଂଶୀର ସ୍ୱର। ସେ ଝରକା ଆହୁରି ପାଖକୁ ଉଠି ଗଲେ। ନୀଳ ଆକାଶରେ ଭାସି ବୁଲୁଥିବା ବାଦଲ ଯେମିତି ଏକାଠି ମିଶି ଜମି ଯିବେ ତାଙ୍କର ଝରକା ଉପରେ। ବାହାରର ଶୀତଳ ଶାନ୍ତ ବାତାବରଣ ଧୀରେ ଧୀରେ ତାଙ୍କ ଭିତର ମନକୁ ମଧ୍ୟ ଶାନ୍ତ କରୁଥିଲା। ସେ ଚେୟାରର କୁଶନ ଉପରେ ମୁଣ୍ଡକୁ ଡେରି ଦେଇ ବସି ପଡିଲେ। ଚେୟାରଟି ଧୀରେ ଧୀରେ ଝୁଲି ବାକୁ ଲାଗିଲା କାନ୍ଦ ଗଳା କୋହ ରେ ପରିଣତ ହୋଇ ସାରିଥିଲା। ଧୀରେ ଧୀରେ ତାଙ୍କ ଆଖି ପତା ଭାରି ହୋଇ ଆସୁଥିଲା। ଯେମିତି ଛୋଟପିଲା କାନ୍ଦି କାନ୍ଦି ଶୋଇ ଯାଆନ୍ତି ଠିକ୍ ସେମିତି।

ସେ ଅନୁଭବ କଲେ ସତେ ଯେପରି ତାଙ୍କ ପାଖକୁ କିଛି ମାଡି ଆସୁଛି ଏବଂ ସେ ଭୟଭୀତ ହୋଇ ଅପେକ୍ଷା କରିଥିଲେ। ଏହା କଣ ଥିଲା? ସେ ଜାଣି ନଥିଲେ କେବଳ ଅନୁଭବ କଲେ ଆକାଶରୁ ଝରି ଆସୁଥିବା ଏକ ମଧୁର ସ୍ୱର, ସୁଗନ୍ଧ ଓ ମନଲୋଭା ରଙ୍ଗ। ତାଙ୍କର ପୂରା ଘର ପରିପୂର୍ଣ୍ଣ କରି ମାଡି ଆସୁଛି ତାଙ୍କ ଆଡ଼କୁ। ଏବେ ତାଙ୍କ ଛାତି ଧଡ ଧଡ କରୁଛି।

ସେ ଖୁବ୍ ଉତ୍ତେଜିତ ହୋଇ ଯାଇଛନ୍ତି। ସେ ଏହାକୁ ଚିହ୍ନିବାକୁ ଆରମ୍ଭ କରିଦେଲେ ଯୋଉଟା ତାଙ୍କ ନିକଟରେ ପହଞ୍ଚିବାକୁ ଯାଉଥିଲା। ଏହା ତାଙ୍କ ଦେହକୁ ପୂରା କବଳିତ କରିଦେଲା। ସେ ଏହାକୁ ନିଜର ହାତରେ ପିଟିବାକୁ ଚେଷ୍ଟା କରୁଥିଲେ।କିନ୍ତୁ ତାଙ୍କର ହାତ ଯେପରି ଦୁଇ ଧଳା ପତଳା ପ୍ରଜାପତିର ଡେଣା ପରି ବଳହୀନ ହୋଇ ଯାଇଛି ଧୀରେ ଧୀରେ ସେ ଏହି ଜିନିଷକୁ ଚିହ୍ନିବାକୁ ଆରମ୍ଭ କରିଦେଲେ ଯୋଉଟା ତାଙ୍କୁ ଅଧିକାର କରିବାକୁ ଆସୁଥିଲା। ଟିକିଏ ଫୁସଫୁସ୍ ଶବ୍ଦ ବାହାରି ଆସିଲା ତାଙ୍କର ସାମାନ୍ୟ ବିଭାଜିତ ଓଠରୁ। ସେ ଏହାକୁ ବାରମ୍ବାର ଉଚ୍ଚାରିତ କରି ଲାଗିଲେ "ମୁକ୍ତି, ମୁକ୍ତି,ମୁକ୍ତି"। ତାଙ୍କର ଆଖି ଖୋଲି ଗଲା। ଡର, ଭୟ ଓ ଦୁଃଖ ତାଙ୍କ ଆଖିରୁ ଚାଲିଯାଇ ଥିଲା। ତାଙ୍କର ମୁହଁ,ଆଖି ଉଜ୍ଜ୍ୱଳ ହେଇ ଉଠିଲା। ନାଡିର ଗତି ବଢିବାରେ ଲାଗିଲା ଓ ଗରମ ରକ୍ତର ପ୍ରବାହ ଦେହର ପ୍ରତ୍ୟେକଟି ଭାଗକୁ ଆରାମ ଦେଲା। ସେ ନିଜକୁ ପଚାରି ବାକୁ ଲାଗିଲେ ତାଙ୍କୁ ସଂପୂର୍ଣ୍ଣ ଭାବରେ ଅଧିକାର କରିଥିବା ଜିନିଷ ଟା ଅଦ୍ଭୁତ ଆନନ୍ଦ ତ ନୁହେଁ? କିନ୍ତୁ ତାଙ୍କର ବିବେକ ଏହି ଧାରଣାକୁ ପ୍ରତ୍ୟାଖ୍ୟାନ କରିବାକୁ ଲାଗିଲା।

ସେ ପୁଣି ଥରେ କାନ୍ଦିବେ, ଭାଙ୍ଗି ପଡିବେ ତାଙ୍କର ସ୍ୱାମୀଙ୍କର ମୃତ ଶରୀରକୁ ଦେଖିଲେ। କୋକେଇରେ ବନ୍ଧା ହେଇଥିବା ଶରୀର ଯାହାକି କୋମଳ ଓ ଥଣ୍ଡା, ଶେତା ଚେହେରା ଯେଉଥିରେ ସେ କେବେବି ପ୍ରେମର ଭାବକୁ ଦେଖିନଥିଲେ, ଏବେ ସେ ସ୍ଥିର ଓ ନିସ୍ତେଜ। କିନ୍ତୁ ସେ ସେହି ମୁହୂର୍ତ୍ତରୁ ଆଗକୁ ଏକ ସମୟ ଦେଖିଲେ ଯାହା ସମ୍ପୂର୍ଣ ଭାବରେ ତାଙ୍କର ହେବ। ଏବଂ ସେ ସେହି ସମୟକୁ ଆଲିଙ୍ଗନ କଲେ। ଆଗାମୀ ଜୀବନ ତାଙ୍କୁ ଏକା ବଞ୍ଚି ବାକୁ ପଡିବ କେବଳ ନିଜ ପାଇଁ। କାହାର ଅବାଞ୍ଛିତ ଇଛା ପାଖରେ ତାଙ୍କୁ ମୁଣ୍ଡ ନୋଇ ବାକୁ ପଡିବ ନାହିଁ। କାହାର ଆଦେଶକୁ ନିଜର ଇଛା ବିରୁଦ୍ଧ ରେ ମାନିବାକୁ ପଡିବ ନାହିଁ। ସ୍ୱାମୀର ସମସ୍ତ ଇଛାକୁ ମୁଣ୍ଡେଇ ସହିବା ଏକ କୃର ଅପରାଧ ଠାରୁ କିଛି କମ୍ ନୁହେଁ। ସେହି ମୁହୂର୍ତ୍ତରେ ସେ ଏହା ଭାବୁ ଥିଲେ ତଥାପି ସେ ତାଙ୍କ ସ୍ୱାମୀଙ୍କୁ ଭଲ ପାଉଥିଲେ। ବେଳେବେଳେ, ପ୍ରାୟତଃ ସେ ଭଲ ପାଉବି ନ ଥିଲେ। କିନ୍ତୁ ଏହାର ମୂଲ୍ୟ କଣ ଥିଲା? ପ୍ରେମ କଣ ଏକ ଅସମାହିତ ରହସ୍ୟ ନା ଏକ ଆତ୍ମଧାରଣା ଯାହା ହଠାତ୍ ଏବେ ତାଙ୍କର ଧାରଣା ରେ ଆସିଛି। ଯାହାକୁ ସେ ଏବେ ଚିହ୍ନି ପାରିଛନ୍ତି ଏକ ଦୃଢ ଆବେଗ ରୂପରେ। "ମୁକ୍ତି,ଶରୀର ଏବଂ ଆତ୍ମାର ମୁକ୍ତି"; ସେ ପାଟି କରି କହିଲେ। ଜୋସେଫାଇନ ବନ୍ଦ ଦୁଆର ଆଗରେ ଚାବିର କଣାରେ ଆଖିମୁଜି ଦେଖିବାକୁ ଚେଷ୍ଟାକଲେ କିନ୍ତୁ ବିଫଳ ହୋଲେ। ପରେ କବାଟକୁ ପିଟି ଥିଲେ ଓ କହିଲେ "ଲୁଇସ୍ କବାଟ ଖୋଲ! ମୁଁ ନେହୁରା ହେଉଛି ଦୟାକରି କବାଟ ଖୋଲ,ତୁମେ ନିଜ କୁ ଅସୁସ୍ଥ କରିଦେବ। ତମେ କଣ କରୁଛ? ମୋ ରାଣ ଖୋଲ।

"ଯାଅ! ମୁଁ ନିଜକୁ ଅସୁସ୍ଥ କରୁ ନାହିଁ। "ଖୋଲା ଝରକାରୁ ଜୀବନର ଅମୃତକୁ ପାନ କରୁ ସେ କହିଲେ। ତାଙ୍କର ଆଗାମୀ ଦିନ ତାଙ୍କ ମନରେ ଉପଦ୍ରବ କରୁଥିଲେ। ବସନ୍ତର ଦିନ, ଗରମର ଦିନ ଓ ସବୁପ୍ରକାରର ଦିନ ଯାହା କେବଳ ତାଙ୍କର ନିଜର ହେବ। ସେ ଭଗବାନଙ୍କ ପାଖରେ ପ୍ରାର୍ଥନା କଲେ ତାଙ୍କର ଆଗାମୀ ଦିନର ଶୁଭ ମନାସି। ଗତକାଲି ସେ ଏକ ଦୀର୍ଘ ନିଶ୍ୱାସର ସହିତ ଭାବିଥିଲେ ଯେ ଜୀବନ ଲମ୍ୱା ବି ହେଇପାରେ।

ହଠାତ୍ ସେ ଉଠିଗଲେ ଓ ଭଉଣୀଙ୍କୁ କବାଟ ଖୋଲିଦେଲେ। ତାଙ୍କର ଆଖିରେ ଜିତିବାର ନିଶା ଥିଲା, ତାଙ୍କର ଚାଲିରେ ବିଜୟୀର ଅହଂକାର ଥିଲା। ସେ ଭଉଣୀର ଅଣ୍ଟାକୁ ଜାବୁଡି ଧରିଲେ ଓ ସେମାନେ ସିଡିରୁ ତଳକୁ ଓହ୍ଲେଇଲେ। ରିଚାର୍ଡସ ସେମାନଙ୍କୁ ତଳେ ଅପେକ୍ଷା କରିଥିଲେ। କେହି ଜଣେ ବାହାରୁ ଚାବି ଖୋଲିବାର ଶବ୍ଦରେ ସମସ୍ତେ ସେହି ଆଡକୁ ଚାହିଁଲେ। ହଠାତ୍ ଲୁଇସ୍ ଏକ ଚିତ୍କାର କରି ତଳେପଡି ଗଲେ। ରିଚାର୍ଡସ, ଲୁଇସ୍ କବାଟ ଖୋଲି କିଏ ଆସିଲେ ଦେଖନ୍ତୁ ଏହା ଚାହୁଁନ ଥିଲେ କିନ୍ତୁ ସେ ବିଫଳ ହେଲେ। କବାଟଖୋଲି ଶ୍ରୀମାନ ମଲାର୍ଡ ହିଁ ପ୍ରବେଶ କରିଥିଲେ। ତାଙ୍କର ଦେହରେ ଦୁର୍ଘଟଣାର କୌଣସି ଦାଗ ନ ଥିଲା। ତାଙ୍କ ହାତରେ ପ୍ରତ୍ୟେକ ଦିନ ଭଳି ଥିଲା ଏକ ଛୋଟ ବ୍ୟାଗ ଓ ଛତା। ସେ ଦୁର୍ଘଟଣା ବିଷୟରେ କିଛି ଜାଣି ନ ଥିଲେ। ଜୋସେଫାଇନଙ୍କର ବିଚିତ୍ର କାନ୍ଦରେ ସେ ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ। ଏ ଘଟଣା କଣ ପାଇଁ ଘଟିଗଲା ସେ ଏହା ଜାଣି ନ ଥିଲେ।

ଡାକ୍ତର ଆସିଲେ ଓ କହିଲେ ଲୁଇସ୍‌ଙ୍କର ହୃଦଘାତରେ ମୃତ୍ୟୁ ହୋଇଯାଇଛି । ସେ ବୋଧ ହୁଏ ଏହି ଖୁସି ଖବରକୁ ସହି ପାରିଲେ ନାହିଁ।

*୨୦୧, ଗୁଡ୍‌ଉଇଲ ହାରମୋନି*
*ସେକ୍ଟର-୧୯,ପ୍ଲଟ -ନଂ-୭୬*
*ଏରୋଲି, ନବି ମୁମ୍ବାଇ*
*ମହାରାଷ୍ଟ୍ର, ପିନ୍ ନଂ-୪୦୦୭୦୮*
*ଦୂରଭାଷ : ୭୦୨୧୬୬୬୦୯୩*

# ବିଧାୟକଙ୍କ ଗଡରେ ପରିବର୍ତ୍ତନ ସମାବେଶ କଲେ ବୌଦ୍ଧ ବ୍ଲକ ଅଧ୍ୟକ୍ଷ

**ସୁବର୍ଣ୍ଣପୁର :** ୨୦୨୪ ସାଧାରଣ ନିର୍ବାଚନ ଯେତେ ପାଖେଇ ଆସୁଛି ବୌଦ୍ଧ ଜିଲ୍ଲାରେ ରାଜନୈତିକ ଦଳଗୁଡିକ ମଧ୍ୟରେ ସେତିକି ପରିମାଣର ଉଷ୍ମତା ଦେଖାଦେଇଛି । ଜିଲ୍ଲାରେ ଦୁଇଗୋଟି ବିଧାନସଭା ନିର୍ବାଚନ ମଣ୍ଡଳୀ ଥିବା ବେଳେ କଣ୍ଟାମାଳ ନିର୍ବାଚନ ମଣ୍ଡଳୀରେ ପୁରାପୁରି ରାଜନୀତି ଉଷ୍ମତା ବଢିଯାଇଛି ।କଣ୍ଟାମାଳ ନିର୍ବାଚନ ମଣ୍ଡଳୀରେ ପରିବର୍ତ୍ତନ ସମାବେଶ ନାରେ ମହୀଧର ହଟାଅ ଅଭିଯାନ ଜୋରଦାର ହୋଇଛି । ବୁଧବାର ପରିବର୍ତ୍ତନ ସମାବେଶକୁ ଦେଖିଲେ ଶାସକ ଦଳର ବିଧାୟକଙ୍କ ବିରୋଧରେ ଅସନ୍ତୁଷ୍ଟ ଜନପ୍ରତିନିଧିଙ୍କ ସଂଖ୍ୟା ବଢୁଥିବା ସ୍ପଷ୍ଟ ବାରିହୋଇପଡୁଛି । କଣ୍ଟାମାଳ ବିଧାନସଭା ନିର୍ବାଚନ ମଣ୍ଡଳୀ ଅର୍ନ୍ତଗତ ନାରାୟଣପ୍ରସାଦ ପଞ୍ଚାୟତର ବରିଷ୍ଠ ବିଜେଡି ନେତା ସତ୍ୟନାରାୟଣ ମାଝୀଙ୍କ ଅଧ୍ୟକ୍ଷତାରେ ରିଙ୍ଗାପଡା ଉଚ୍ଚ ବିଦ୍ୟାଳୟ ପଡ଼ିଆରେ ପରିବର୍ତ୍ତନ ସମାବେଶ ଅନୂଷ୍ଠିତ ହୋଇଯାଇଛି । ଏହି ସମାବେଶ କଣ୍ଟାମାଳ ବିଧାୟକ ମହୀଧର ରଣାଙ୍କ ଗଡ ୧ ନମ୍ବର ଜୋନ୍ ରେ ଅନୁଷ୍ଠିତ ହୋଇଥିବାରୁ ଏହାକୁ ନେଇ ରାଜନୈତିକ ଚର୍ଚ୍ଚା ଜୋର ଧରିଛି । ବିଜେଡିର ପୁରୁଖା ନେତା ତଥା ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ (ବବି) ରଥଙ୍କ ପରିବର୍ତ୍ତନ ସମାବେଶରେ ବିଜେଡିର ବହୁ ଛାମୁଆ ନେତା ଓ ଜନପ୍ରତିନିଧି ମାନେ ଯୋଗ ଦେଇ ମହୀଧରଙ୍କ ୧୦ ବର୍ଷର ବିଧାୟକତ୍ୱ କାଳରେ ଅଞ୍ଚଳର ବିକାଶ ପରିବର୍ତ୍ତେ ବିନାଶ ହୋଇଛି ବୋଲି ନିଜ ନିଜର ଭାଷଣରେ ବିଷ ଓଗାଳିବା ସହିତ ଶାସକ ଦଳର ସମସ୍ତ ପୁରୁଖା ନେତା ମହୀଧରଙ୍କୁ ଖୋଲାଖୋଲି ବିରୋଧ କରିଥିଲେ । ନେତା ମାନେ ଆଗାମୀ ସାଧାରଣ ନିର୍ବାଚନରେ ଜଣେ ଶିକ୍ଷିତ ପ୍ରାର୍ଥୀଙ୍କୁ ଚୟନ କରିବାକୁ ଆହ୍ୱାନ ଦେଇଥିଲେ । କଣ୍ଟାମାଳ ନିର୍ବାଚନ ମଣ୍ଡଳୀର ବିଭିନ୍ନ ସ୍ଥାନରେ ବବି ରଥଙ୍କ ନେତୃତ୍ୱରେ ଚାଲିଥିବା ଏହି ପରିବର୍ତ୍ତନ ସମାବେଶରେ ଖୋଲାଖୋଲି ଭାବରେ ମହୀଧରଙ୍କ ନେତୃତ୍ୱକୁ ବିରୋଧ କରାଯାଇଛି । ବୁଧବାର ହୋଇଥିବା ନେତୃତ୍ୱରେ ପରିବର୍ତ୍ତନ ସମାବେଶରେ ମହୀଧର ଅନ୍ୟ ଦଳରେ ନେତାଙ୍କୁ ଆମଦାନୀ କରି ଠିକା କାମ କରି ଅର୍ଥ ଆତ୍ମସାତ କରୁଥିବା ବେଳେ କଣ୍ଟାମାଳ ନିର୍ବାଚନ ମଣ୍ଡଳୀରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ଜଳସେଚନ ଆଦି କ୍ଷେତ୍ରରେ ପଛରେ ରହିଥିବା ନେତାମାନେ ଅଭିଯୋଗ କରିଥିଲେ । କଣ୍ଟାମାଳ ନିର୍ବାଚନ ମଣ୍ଡଳୀ ରେ ବିଦ୍ୟାଳୟ ଗୁଡିକରେ ଶିକ୍ଷକର ଅଭାବ, ଯେଉଁଠି ବ୍ରିଜ ଦରକାର ନାହିଁ ସେଠାରେ ଚାଲିଛି ବ୍ରିଜ ନିର୍ମାଣ, ଚେକଡ୍ୟାମର ଦୁର୍ନୀତି, ଓ ଫାସେଡଠାରେ ଏକ ଯୁକ୍ତ ଦୁଇ ସରକାରଙ୍କ ଅନୁମତି ନ ହୋଇଥିବା ବେସରକାରୀ କଲେଜ ହୋଇଥିବା ବେଳେ ସରକାରୀ ବିଦ୍ୟାଳୟରେ ଶ୍ରେଣୀଗୃହରେ କିପରି ଚାଲୁଅଛି ବୋଲି ନେତା ମାନେ ଅଭିଯୋଗ କରିଥିଲୋ । ବର୍ତ୍ତମାନ କଣ୍ଟାମାଳ ନିର୍ବାଚନ ମଣ୍ଡଳୀରେ ବିଜେଡି ବଦନାମ ହୋଇସାରିଥିବାବେଳେ କେବଳ ଠିକାଦାର ଓ ଦୁର୍ନୀତିଖୋର ଲୋକମାନେ ଏଥିରେ ସାମିଲ ହୋଇ ମୁଖ୍ୟମନ୍ତ୍ରୀଙ୍କ ଛବିକୁ ଖରାପ କରୁଥିବା ନେଇ ଦଳର ଛାମୁଆଁ ନେତାମାନେ ପ୍ରଶ୍ନ ଉଠାଇଛନ୍ତି । ତେଣୁ ଦଳରେ ନେତୃତ୍ୱ ପରିବର୍ତ୍ତନ ଜରୁରୀ ବୋଲି ବହୁ ସଂଖ୍ୟାରେ ଯୋଗ ଦେଇଥିବା ସରପଞ୍ଚ,ସମିତିସଭ୍ୟ, ପୂର୍ବତନ ଜନପ୍ରତିନିଧିମାନେ ମତପ୍ରକାଶ କରିଥିଲେ । କଣ୍ଟାମାଳ ନିର୍ବାଚନ ମଣ୍ଡଳୀର ବିକାଶ ପାଇଁ ରାଜ୍ୟ ସରକାର ପର୍ଯ୍ୟାପ୍ତମାତ୍ରାରେ ଅର୍ଥ ଯୋଗାଇଦେଉଥିଲେ ମଧ୍ୟ ବିଧାୟକ ମହୀଧରଙ୍କ ଛତ୍ରଛାୟା ତଳେ ଅନେକ ଦୁର୍ନୀତୀଖୋର ବ୍ୟକ୍ତିବିଶେଷ ସେସବୁ ବାଟମାରଣା କରିବାରେ ଲାଗିଛନ୍ତି ବୋଲି ଖୋଦ ବୌଦ୍ଧ ବ୍ଲକ ଅଧ୍ୟକ୍ଷ ଶ୍ରୀରଥ ଅଭିଯୋଗ କରିଥିଲେ । ନିର୍ବାଚନ ମଣ୍ଡଳୀକୁ ମିଳୁଥିବା ବିଧାୟକ ପାଣ୍ଠି ବିଭିନ୍ନ ମନ୍ଦିର ପରିସରର ଉନ୍ନୟନ, ମୋରମ ବିଛା ଓ ପୋଖରୀ ଖନନ ଆଦି ପ୍ରକଳ୍ପ ଦେଖାଇ ହରିଲୁଟ କରାଯାଉଅଛି ଓ ମନରେଗା କାର୍ଯ୍ୟକୁ ଦେଖାଇ ବିଧାୟକ ପାଣ୍ଠି, ପଶ୍ଚିମଓଡିଶା ବିକାଶ ପରିଷଦ ପାଣ୍ଠିରୁ ପୁନର୍ବାର କାର୍ଯ୍ୟ ଦେଖାଇ ମିଛ ବିଲ କରି ଟଙ୍କା ଆତ୍ମସାତ କରୁଥିବା ନେଇ ଅନେକ ନେତା ପ୍ରକାଶ କରିଛନ୍ତି । କଣ୍ଟାମାଳ ସ୍ୱତନ୍ତ୍ର ନିର୍ବାଚନ ମଣ୍ଡଳୀ ହୋଇଥିଲେ ମଧ୍ୟ ଆଜି ଜିଲ୍ଲାରେ କଣ୍ଟାମାଳ ବ୍ଲକ ଏକ ଅବହେଳିତ ଅଞ୍ଚଳ ହୋଇ ରହିଥିବା ନେଇ ନେତାମାନେ ଏହାର କାରଣ ଦୁର୍ବଳ ନେତୃତ୍ୱ ବୋଲି କହିଥିଲେ । ଏଣୁ ନିର୍ବାଚନ ମଣ୍ଡଳୀରେ ଆଗାମୀ ନିର୍ବାଚନରେ ନେତୃତ୍ୱ ପରିବର୍ତ୍ତନ ଜରୁରୀ ବୋଲି ଏହି ସମାବେଶରେ ମତପ୍ରକାଶ ପାଇଥିଲା । ପରିବର୍ତ୍ତନ ସମାବେଶରେ ବରପଦର ଗ୍ରାମର ବରିଷ୍ଠ ବିଜେଡି ନେତା ପ୍ରମୋଦ ରଣା, ଟପର୍ଣ୍ଣାର ଲିଙ୍ଗରାଜ ରଣା, ବିଜୟ କୁମାର ସାହୁ, ବିଜୁ ଜନତା ଦଳ ର ପୂର୍ବତନ ଜିଲା ପରିଷଦସଭ୍ୟ ତଥା ବର୍ତ୍ତମାନର ଖଳିଆପାଲି ପଞ୍ଚାୟତର ସମିତିସଭ୍ୟ କେଦାର ସାହୁ, ପୁର୍ବତନ ବ୍ଲକ ଅଧ୍ୟକ୍ଷ ପୟଧର ମହାକୁଡ, ଲିକି ଦେହୁରୀ, ଗୁନ୍ଦୁଲିଆ ସରପଞ୍ଚ ଧବଳେଶ୍ୱର ସିଂ, ବହିରା ସରପଞ୍ଚ ଯଯାତି କେଶରି ମହାଲିକ, ବାଉଁଶୁଣୀ ସମିତିସଭ୍ୟ ପ୍ରମୋଦ କୁମାର ଦେହୁରୀ, ଗୁନ୍ଦୁଲିଆ ସମିତିସଭ୍ୟ ବଳଦେବ କର୍ମୀ, ପୁର୍ଣ୍ଣଚନ୍ଦ୍ର ପୋଢ, ପ୍ୟାରୀମୋହନ ନାଏକ, ପୁର୍ବତନ ସମିତିସଭ୍ୟ ପୁର୍ଣ୍ଣଚନ୍ଦ୍ର ସାହୁ, ବିଜେଡି କର୍ମୀ ରାମହରି ପ୍ରଧାନ, ରେଙ୍ଗାଲି ସମିତିସଭ୍ୟ ଶୁଶିଲ ପୁରୋହିତ, ନାଏବ ସରପଞ୍ଚ ହୃଷି ଦନ୍ତା,ବିଜେଡି ନେତା ଦୁର୍ଯ୍ୟୋଧନ ଖଟୁଆ, ପୁର୍ବତନ ସମିତିସଭ୍ୟ ବିବସ୍ଵ କହଁର, ନାରାୟଣ ପ୍ରସାଦ ପୂର୍ବତନ ସରପଞ୍ଚ ଟଙ୍କଧର ମହାକୁଡ,ରମାରଞ୍ଜନ ସାହୁ,ନାରାୟଣ ପ୍ରସାଦ ସେବା ସମବାୟ ସମିତିର ସଭାପତି ବିନୋଦ କୁମାର ସାହୁ ବରପଦର ୱାର୍ଡ ସଭ୍ୟ ଯୋଗୀନ୍ଦ୍ର ରଣା, ଗୁରୁ ଚରଣ ରଣା, ପ୍ରମୋଦ ରଣା, ହେମନ୍ତ ସାହୁ, ପର୍ଶୁରାମ ରଣାଙ୍କ ସମେତ ବହୁ ସଂଖ୍ୟାରେ ନେତା ଓ ୫୦୦୦ରୁ ଅଧିକ ମହିଳା ଓ ପୁରୁଷ କର୍ମୀ ସାମିଲ ହୋଇଥିଲେ । ଏହି ପରିବର୍ତ୍ତନ ସମାବେଶ ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସେମିଫାଇନାଲ୍‌ରେ ...

ଶାସନ କ୍ଷମତାରେ ଥିଲା । ତେଣୁ ଏଥର ହାଟ୍ରିକ୍ ବିଜୟ ହାସଲ ଆଶାରେ ଥିଲେ ଚନ୍ଦ୍ରଶେଖର । କିନ୍ତୁ କଂଗ୍ରେସ ତାଙ୍କ ସ୍ୱପ୍ନକୁ ଅଧୁରା ରଖିଦେଲା । ବିଜେପିକୁ ସବୁଠାରୁ ବଡ ସଫଳତା ମିଳିଲା ମଧ୍ୟପ୍ରଦେଶରେ । ୨୩୦ ଆସନ ବିଶିଷ୍ଟ ଏହି ରାଜ୍ୟରେ ବିଜେପି-କଂଗ୍ରେସ ମଧ୍ୟରେ ସିଧାସଳଖ ମୁକାବିଲା ହୋଇଥିଲା ଏବଂ କଂଗ୍ରେସକୁ ବହୁ ପଛରେ ପକାଇ ବିଜେପି ୧୬୩ ଆସନ ହାସଲ କରିଛି । କଂଗ୍ରେସକୁ ମାତ୍ର ୬୬ ଆସନରେ ସନ୍ତୁଷ୍ଟ ହେବାକୁ ପଡିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲୋକପ୍ରିୟତା ଏବଂ ମହିଳା ମାନଙ୍କ ପାଇଁ ଅନେକ କଲ୍ୟାଣକାରୀ ଯୋଜନାକୁ ଆଧାର କରି ବିଜେପି ରାଜ୍ୟରେ କ୍ଷମତା ବଜାୟ ରଖିବାରେ ସଫଳ ହୋଇଛି । ୨୦୧୮ ତୁଳନାରେ ଏଥର ଦୁଇଭାଗ ଅଧିକ ମହିଳା ଭୋଟର ଦେଇଛନ୍ତି ଏବଂ ଏହି ଭୋଟ ବିଜେପି ସପକ୍ଷରେ ଯାଇଛି । ସେଭଳି ରାଜସ୍ଥାନରେ ୧୯୯ ଆସନରୁ ବିଜେପି ୧୧୫ ଆସନ ହାସଲ କରି ସମସ୍ତଙ୍କୁ ଚକିତ କରାଇଛି । ଏଠାରେ କ୍ଷମତାକୁ ଆସିବାକୁ ସବୁ ଶକ୍ତି ଖଟାଇଥିବା କଂଗ୍ରେସ ମାତ୍ର ୭୦ ଆସନରେ ବିଜୟୀ ହୋଇଛି । ଅନ୍ୟମାନଙ୍କୁ ମାତ୍ର ୧୨ଟି ଆସନ ମିଳିଛି । ରାଜ୍ୟରେ କଂଗ୍ରେସ ଭିତରେ ଫାଟ ଏହି ବିପର୍ଯ୍ୟୟର କାରଣ ବୋଲି କୁହାଯାଉଛି । ଗେହେଲଟ ଏବଂ ପାଇଲଟଙ୍କ ମଧ୍ୟରେ ବିବାଦ ଯୋଗୁଁ ଏଠାରେ ଗୋଷ୍ଠୀକନ୍ଦଳ ଦେଖିବାକୁ ମିଳିଥିଲା । ତେବେ ଛତିଶଗଡରେ କଂଗ୍ରେସକୁ ସବୁଠାରୁ ବଡ ଝଟକା ଦେଖିବାକୁ ମିଳିଛି । ଏଠାରେ କଂଗ୍ରେସ ସପକ୍ଷରେ ସମସ୍ତ ଏକଜିଟ୍ ପୋଲ ଆକଳନ କରିଥିବା ବେଳେ ଏଡା ଫେଲ୍ ମାରିଛି । ବିଜେପିକୁ ଏଠାରେ ଅପ୍ରତ୍ୟାଶିତ ବିଜୟ ମିଳିଛି । ଏଠାରେ ୯୦ ଆସନରୁ ବିଜେପି ୫୪ ଆସନ ହାସଲ କରି ସମସ୍ତଙ୍କୁ ଚମକାଇ ଦେଇଛି । ୨୦୧୮ ବିଧାନସଭା ନିର୍ବାଚନ ତୁଳନାରେ ବିଜେପି ଏଥର ଅଧିକ ୩୯ ଆସନ ହାସଲ କରି କ୍ଷମତାକୁ ଫେରିଛି । ୧୧୯ ଆସନ ବିଶିଷ୍ଟ ତେଲେଙ୍ଗାନାରେ କଂଗ୍ରେସ ୬୫ ଆସନରେ ବିଜୟୀ ହୋଇ କେସିଆର ସରକାରର ପତନ ଘଟାଇଛି । ମାତ୍ର ୨୦୧୮ ବିଧାନସଭା ନିର୍ବାଚନରେ ବିଜେପି ଏଠାରୁ ଗୋଟିଏ ଆସନ ପାଇଥିଲା । ହେଲେ ଏଥର ୮ ଆସନ ହାସଲ କରିଛି । ସାଧାରଣ ନିର୍ବାଚନ ପୂର୍ବରୁ ସେମିଫାଇନାଲରେ ବାଜି ମାରିଛି ବିଜେପି । ମଧ୍ୟପ୍ରଦେଶ ବିଧାନସଭା ନିର୍ବାଚନରେ ବିଜେପିର ମହାବିଜୟ ସହ ତିନି ରାଜ୍ୟରେ ମୋଦି ମ୍ୟାଜିକ୍ କାମ କରିଛି । ଫଳାଫଳରୁ ଜଣାପଡିଛି ଯେ, ଲୋକମାନେ ମୋଦିଙ୍କ ଗ୍ୟାରେଣ୍ଟିରେ ବିଶ୍ୱାସ କରୁଥିଲେ । ତେଣୁ ଲୋକେ କଂଗ୍ରେସକୁ ପ୍ରତ୍ୟାଖ୍ୟାନ କଲେ । ୪ଟି ରାଜ୍ୟରେ ଅନୁଷ୍ଠିତ ବିଧାନସଭା ନିର୍ବାଚନରେ ବିଜେପି ଏଥର ନୂଆ ରଣନୀତି ନେଇ ଅବତୀର୍ଣ୍ଣ ହୋଇଥିଲା । ବିଜେପିର ଏଭଳି ଚମକରେ ମୋଦିଙ୍କ ପ୍ରତି ଭୋଟରଙ୍କ ଆସ୍ଥା ବଳବତ୍ତର ଥିବା ପ୍ରମାଣିତ ହୋଇଛି । ଯାହା ୨୦୨୪ ସାଧାରଣ ନିର୍ବାଚନରେ ବିଜେପିକୁ ଅଧିକ ସଫଳତା ଆଣିଦେବ ।

### ୪ ଜାତିର ...

ନାରୀ ଶକ୍ତି ସୁରକ୍ଷା ଦେବେ, ସେତେବେଳେ କେହି ରୋକି ପାରିବେନାହିଁ । ଏ ବିଜୟ ସହିତ ମୋର ଦାୟିତ୍ୱ ଆହୁରି ବଢିଯାଇଛି ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ । ମୋଦି କହିଛନ୍ତି, ଯୁବ ଶକ୍ତି ଜାଣିଛନ୍ତି ବିଜେପି ସରକାର ହିଁ ବିକାଶ କରିବ । ସେଥିପାଇଁ ୩ଟି ରାଜ୍ୟରେ ଥିବା ସରକାର ବଦଳିବାକୁ ଯାଉଛି । ଆଦିବାସୀ ଅଞ୍ଚଳରେ କଂଗ୍ରେସ ପୂରା ସଫା ହୋଇ ଯାଇଛି । ଆଦିବାସୀମାନେ ବୁଝିଛନ୍ତି ବିଜେପି ହିଁ କେବଳ ବିକାଶ କରିପାରିବ । ଡବଲ ଇଞ୍ଜିନ ସରକାର ଦ୍ୱାରା ବିକାଶ ସମ୍ଭବ ବୋଲି ଲୋକେ ବୁଝିଲେଣି । ନିର୍ବାଚନ ପରିଚାଳନା ନେଇ ସଭାପତି ଜେପି ନଡ୍ଡାଙ୍କୁ ଉଚ୍ଚ ପ୍ରଶଂସା କଲେ ମୋଦି । ଏଥିସହ ବିଜୟ ଲାଗି ଦଳୀୟ କାର୍ଯ୍ୟକର୍ତ୍ତାଙ୍କୁ ମଧ୍ୟ ଭୁରି ଭୁରି ପ୍ରଶଂସା କଲେ । ପ୍ରଧାନମନ୍ତ୍ରୀ ଆହୁରି କହିଛନ୍ତି, ମଧ୍ୟପ୍ରଦେଶରେ ଦୁଇ ଦଶନ୍ଧି ହେଲା ବିଜେପି ସରକାର ରହିଛି । ମଧ୍ୟ ପ୍ରଦେଶବାସୀ ଜାଣିଛନ୍ତି ବିଜେପିର କେହି ବିକଳ୍ପ ନାହାନ୍ତି । ତେଲେଙ୍ଗାନାର ବିକାଶ ପାଇଁ ପ୍ରତିଶ୍ରୁତିବଦ୍ଧ, କମ୍ କରାଯାଇ ପାରିବନି । ଲୋକେ ବୁଝିଲେଣି ସ୍ଥିର ସରକାର ଦ୍ୱାରା ହିଁ ବିକାଶ ସମ୍ଭବ । ଜିତିବା ପାଇଁ ବଡ଼ ବଡ଼ ଘୋଷଣାକୁ ଭୋଟର ଗ୍ରହଣ କରୁ ନାହାନ୍ତି । ଏହି ହାଟ୍ରିକ, ୨୦୨୪ ମସିହାରେ ହାଟ୍ରିକ୍ ପାଇଁ ଗ୍ୟାରେଣ୍ଟି ଦେଇଦେଲେ । ଭ୍ରଷ୍ଟାଚାର ଓ ପରିବାରବାଦକୁ ବିଜେପି ପ୍ରତିହତ କରିପାରିବ । ଏହି ବିଜୟ ଭ୍ରଷ୍ଟାଚାର ବିରୋଧରେ ଜନାଦେଶ । ପୁଣି ଥରେ କଂଗ୍ରେସ ନେତୃତ୍ୱାଧୀନ ଗଠବନ୍ଧନକୁ 'ଘମଣ୍ଡିଆ' କହିଲେ ମୋଦି । ନୂଆ ଯୋଜନା ଆରମ୍ଭ ମାତ୍ରେ କଂଗ୍ରେସର ସହଯୋଗୀ ବିରୋଧ କରୁଛନ୍ତି । ଏପରି କଲେ ଲୋକେ ଏସବୁ ଦଳକୁ ଚୁନା ଚୁନା କରି ଦେବେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ୩ ରାଜ୍ୟରେ ବିଜୟ ପରେ ଦିଲ୍ଲୀସ୍ଥିତ ବିଜେପି ମୁଖ୍ୟାଳୟରେ ବିଜୟ ଉତ୍ସବ ଅନୁଷ୍ଠିତ ହୋଇଛୀ । ବିଜୟ ଉତ୍ସବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉପସ୍ଥିତ ରହିଥିବା ବେଳେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଓ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେପି ନଡ୍ଡା ଉପସ୍ଥିତ ରହିଥିଲେ ।

### ଜନାଦେଶକୁ ...

ଏହା ସହିତ ସେ ଦଳୀୟ କର୍ମୀଙ୍କ କଠିନ ପରିଶ୍ରମ ପାଇଁ ଧନ୍ୟବାଦ ଦେଇଛନ୍ତି । ସେହିପରି କଂଗ୍ରେସ ନେତା ପ୍ରିୟଙ୍କା ଗାନ୍ଧି ଏକ୍ସରେ ଲେଖିଛନ୍ତି, ତେଲେଙ୍ଗାନାର ଜନତା କଂଗ୍ରେସ ସପକ୍ଷରେ ଜନାଦେଶ ଦେଇଛନ୍ତି, ଇତିହାସ ସୃଷ୍ଟି କରିଛନ୍ତି । ଏହା ପ୍ରଜାଲା ତେଲେଙ୍ଗାନାର ବିଜୟ । ଏହା ହେଉଛି ରାଜ୍ୟବାସୀ ଓ କଂଗ୍ରେସ ଦଳର ପ୍ରତ୍ୟେକ କର୍ମକର୍ତ୍ତାଙ୍କ ବିଜୟ । ତେଲେଙ୍ଗାନାବାସୀଙ୍କୁ ମୋର ହୃଦୟରୁ ଧନ୍ୟବାଦ । ତେଲେଙ୍ଗାନାରେ ଶାନ୍ତି, ସମୃଦ୍ଧି ଓ ପ୍ରଗତି ପାଇଁ କଂଗ୍ରେସ ପ୍ରତିଶ୍ରୁତିବଦ୍ଧ । ରାଜସ୍ଥାନ, ମଧ୍ୟପ୍ରଦେଶ ଓ ଛତିଶଗଡ଼ର ଜନତା କଂଗ୍ରେସ ଦଳକୁ ବିରୋଧୀ ଦଳ ଦାୟିତ୍ୱ ଦେଇଛନ୍ତି । ଲୋକଙ୍କ ରାୟ ଶିରୋଧାର୍ଯ୍ୟ ।

### ୧୪ରେ ପ୍ଲାନ୍ ...

ହେଲେ ବି ଦଳୀୟ ଶୃଙ୍ଖଳା ଦୃଷ୍ଟିରୁ କେବଳ ଔପଚାରିକ ପାଇଁ ସ୍ୱାଗତ କରୁଥିବା କହିଛନ୍ତି ପ୍ରଦୀପ । କେବଳ ଏତିକି ନୁହେଁ ବରଂ ତାଙ୍କୁ ହରାଇବାକୁ ୨୦୧୯ରେ ପ୍ଲାନ ହେଲା କିନ୍ତୁ ସକ୍ସେସ୍ ହେଲାନାହିଁ ବୋଲି କହିଛନ୍ତି ପ୍ରଦୀପ । ଏହାସହ ବର୍ତ୍ତମାନ ପାଣ୍ଡିଆନ୍ କୌଣସି ଅଫିସର ନାହାନ୍ତି ତେଣୁ ତାଙ୍କୁ ଏତେ ସୁରକ୍ଷା କାହିଁକି ଦିଆଯାଉଛି ବୋଲି ପ୍ରଶ୍ନ କରିଛନ୍ତି ପ୍ରଦୀପ । ଏହାସହ ରୁବେନ ବାନାର୍ଜୀଙ୍କ ଲେଖାକୁ ନେଇସେ କହିଛନ୍ତି ଯେ, ଆମେ ସିନା ଲେଖିଲେ ସନ୍ଦେହ କରିବେ ବିଜେଡି ଲୋକ, କିନ୍ତୁ ରୁବେନ ଅଭିଯୋଗ ସମ୍ବନ୍ଧରେ ଯାହା ଲେଖିଛନ୍ତି ତାହାକୁ ନେଇ ମୁହଁ ଖୋଲୁନାହାନ୍ତି ଶଙ୍ଖ ଦଳର ନେତା । କାରଣ ସିଏ ସତ ଲେଖିଛନ୍ତି । ସେ ଯାହା ବି ହେଉ ପାଣ୍ଡିଆନ୍‌ଙ୍କୁ ନେଇ କିଛିଦିନ ହେବ ଚର୍ଚ୍ଚା ଜୋର ଧରିଥିଲା । ଏହାରି ଭିତରେ ବିଜେଡିରେ ସାମିଲ ହେବା ପରେ ଚର୍ଚ୍ଚାକୁ ଆହୁରି ଖୁରାକ ଯୋଗାଇଛି ପ୍ରଦୀପଙ୍କ ମନ୍ତବ୍ୟ ।

### ସାଧାରଣ ଲୋକ ...

ପ୍ଲଟ୍‌ର କିଛି ଅଂଶ (ପାର୍ଟ ପ୍ଲଟ) ବିକ୍ରି କରିବାକୁ ହେଲେ ପ୍ରଥମେ ବିଡିଏ ନିକଟରେ ଲେଆଉଟ୍ ଅନୁମୋଦନ ପାଇଁ ଦରଖାସ୍ତ କରିବାକୁ ପଡିବ । ଏଥିପାଇଁ ଆବଶ୍ୟକୀୟ ଫିସ୍ ଜମା କରିବା ପରେ ଯଦି ବିଡିଏ ଏହାକୁ ଅନୁମୋଦନ କରନ୍ତି ତାହାହେଲେ ରେରାର ଅନୁମୋଦନ ପରେ ଯାଇ ସମ୍ପୃକ୍ତ ବ୍ୟକ୍ତି ନିଜ ପ୍ଲଟର କିଛି ଅଂଶ ବିକ୍ରି କରିପାରିବେ । ସୂଚନାଥାଉ କି, ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ ଅଧିନରେ ପ୍ରାୟ ୭୦୦ରୁ ଊର୍ଦ୍ଧ୍ୱ ମୌଜା ଆସୁଅଛି । ଏହି ମୌଜା ଗୁଡିକ ମଧ୍ୟରୁ ପ୍ରାୟ ୨୦୦ ମୌଜାର କମ୍ପ୍ରେସିଭ୍ ଡେଭିଲପମେଣ୍ଟ ପ୍ଲାନ (ସିଡିପି) ପ୍ରସ୍ତୁତ ହୋଇଥିବା ବେଳେ ୫୦୦ରୁ ଊର୍ଦ୍ଧ୍ୱ ମୌଜାର ସିଡିପି ଅଦ୍ୟାବଧି ପ୍ରସ୍ତୁତ ହୋଇନାହିଁ । ବିଡିଏ କେବଳ କାଗଜକଲମରେ ଏହି ମୌଜା ଗୁଡିକୁ ନିଜ ଅଧିନକୁ ନେଇଅଛି । କିନ୍ତୁ ବାସ୍ତବ କ୍ଷେତ୍ରରେ ଏହି ମୌଜା ଗୁଡିକରେ ବିଡିଏ କୌଣସି ଉନ୍ନତିମୂଳକ କାମ କରିନାହିଁ । ବରଂ ଏହି ମୌଜା ଗୁଡିକରେ ହେଉଥିବା ଜମି ବିକାକିଣାରେ ରୋକ ଲଗାଇ ଲେଆଉଟ୍ ଆପ୍ରୁଭାଲ ନାମରେ ସାଧାରଣ ଲୋକଙ୍କୁ କିପରି ହଇରାଣ କରାଯାଇପାରିବ ଏବଂ ମୋଟା ଅଙ୍କରେ ଟଙ୍କା ଆଦାୟ କରାଯାଇପାରିବ ସେ ଦିଗରେ ତତ୍ପର ହୋଇପଡିଛି । ବିଡିଏ ଦ୍ୱାରା କରାଯାଇଥିବା ଲେଆଉଟ୍ ଆପ୍ରୁଭାଲ ପାଇଁ କୌଣସି ନିର୍ଦ୍ଦିଷ୍ଟ ସମୟସୀମା ନଥିବା ବେଳେ ଏହା ଅତ୍ୟଧିକ ବ୍ୟୟ ସାପେକ୍ଷ । ସାଧାରଣ ଲୋକଟିଏ ନିଜର ଜମିକୁ ଖୁସିରେ ବିକ୍ରି କରିନଥାଏ । ନିଜର ପୁଅ, ଝିଅ ବାହାଘର, ପିଲାଙ୍କ ଉଚ୍ଚଶିକ୍ଷା, ନୂତନ ଗୃହ ନିର୍ମାଣ, ଗୃହ ମରାମତି କିମ୍ବା ହସ୍ପିଟାଲ ଖର୍ଚ୍ଚ ବହନ କରିବା ନିମନ୍ତେ ସାଧାରଣ ଲୋକଟିଏ ନିଜର ଜମିକୁ ବିକ୍ରି କରିଥାଏ । କିନ୍ତୁ ବର୍ତ୍ତମାନ ଯଦି ଜଣେ ସାଧାରଣ ଲୋକ (ଋଷୀ)ର ପୁଅ/ଝିଅ/ସ୍ତ୍ରୀ ଡାକ୍ତରଖାନାରେ ପଡିଥିବ ଏବଂ ଡାକ୍ତରଖାନାର ବିଲ୍ ଭରିବା ପାଇଁ ସେ ନିଜର ୧ ଏକର ଚାଷ ଜମିରୁ କିଛି ଅଂଶ ବିକ୍ରି କରିବା ପାଇଁ ଚାହିଁବ, ପ୍ରଥମେ ତାକୁ ପୁରା ୧ ଏକର ଜମିକୁ ଘରବାରିକୁ କନଭର୍ସନ କରିବା ପାଇଁ ପଡିବ । ଯେଉଁଥିରେ କି ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ ହେବ । ତା'ପରେ ସେ ବିଡିଏ ନିକଟରେ ଲେଆଉଟ୍ ଆପ୍ରୁଭାଲ ପାଇଁ ଆବେଦନ କରିବେ, ଯାହାକି କେତେଦିନ ଭିତରେ ମିଳିବ ତାହାର କୌଣସି ସ୍ୱଷ୍ଟତା ନାହିଁ । ବିଡିଏ ଲେଆଉଟ୍ ଆପ୍ରୁଭାଲ ପାଇଁ ମଧ୍ୟ ସମ୍ପୂର୍ଣ୍ଣ ଜମି ଉପରେ ତାଙ୍କୁ ଫିସ ଜମା କରିବାକୁ ପଡିବ । ବିଡିଏରୁ ଆପ୍ରୁଭାଲ ମିଳିବା ପରେ ସମ୍ପୃକ୍ତ ଜମି ମାଲିକଙ୍କୁ ରେରା ନିକଟରେ ଆପ୍ରୁଭାଲ ପାଇଁ ଆବେଦନ କରିବାକୁ ପଡିବ, ଯାହାକି ବ୍ୟୟ ସାପେକ୍ଷ ଏବଂ ସମୟ ସାପେକ୍ଷ । ରେରାର ଆପ୍ରୁଭାଲ ପାଇବା ପରେ ଯାଇ ସମ୍ପୃକ୍ତ ବ୍ୟକ୍ତି ନିଜର ଜମିକୁ ବିକ୍ରି କରିପାରିବେ । ଏହିସବୁ କାମ କରିବା ଭିତରେ ସମ୍ପୃକ୍ତ ବ୍ୟକ୍ତିଙ୍କର ରୋଗୀଟି ଡାକ୍ତରଖାନାରେ ଚିକିତ୍ସା ଅଭାବରୁ ମରିଯାଇଥିବ । ଏଠାରେ ପ୍ରଶ୍ନ ଉଠୁଛି ଯେଉଁ ଲୋକ ନିଜେ ପଇସା ଅଭାବରୁ ନିଜର ଜମିକୁ ବିକ୍ରି କରିବା ପାଇଁ ଚାହୁଁଛି ସେ ଏହିସବୁ ଆପ୍ରୁଭାଲ ପାଇଁ ଏତେ ପଇସା ଆଣିବ କେଉଁଠୁ ? ବିଡିଏ କିମ୍ବା ରେରାର ଆପ୍ରୁଭାଲ ନିମନ୍ତେ କୌଣସି ନିର୍ଦ୍ଦିଷ୍ଟ ସମୟସୀମା ଧାର୍ଯ୍ୟ କରାଯାଇଅଛି କି ? ଯେଉଁ ଋଷ ଜମିକୁ ରାସ୍ତାଘାଟ କିଛିନାହିଁ ସେହି ଜମିର ଲେଆଉଟ୍ ଆପ୍ରୁଭାଲ ପାଇଁ ବିଡିଏରେ ଆବେଦନ କଲେ ଆପ୍ରୁଭାଲ ମିଳିବ ତ ?

ଭୁବନେଶ୍ୱର ଏବଂ ଏହାର ଆଖପାଖ ଅଞ୍ଚଳର ଶହଶହ ଏକର ସରକାରୀ ଜମିକୁ ଜବରଦଖଲ କରି ବାସଗୃହ ଓ ଦୋକାନ ଘର କରି ରହିଥିବା ଲୋକଙ୍କୁ ହଟାଇ ସରକାରୀ ଜମିକୁ ନିଜ ଅକ୍ତିଆରକୁ ନେବାରେ ବ୍ୟର୍ଥ ହୋଇଥିବା ବେଳେ ସରକାର ସାଧାରଣ ଲୋକଟିର ନିଜସ୍ୱ ଜମି ବିକ୍ରି କରିବା ଉପରେ ଏଭଳି କଟକଣା ଲଗାଇବା ହାସ୍ୟାସ୍ପଦ ଓ ପରିତାପର ବିଷୟ । ସରକାରଙ୍କର ଏହିପରି ନୀତି ଦ୍ୱାରା ଗରିବ ଓ ମଧ୍ୟବିତ୍ତ ଶ୍ରେଣୀର ଲୋକ ବିଶେଷ ଭାବରେ କ୍ଷତିଗ୍ରସ୍ତ ହେଉଛନ୍ତି । କେତେକ କ୍ଷେତ୍ରରେ ବିଡିଏ ଏବଂ ରେରା ଆପ୍ରୁଭାଲରୁ ମୁକ୍ତି ପାଇବା ପାଇଁ ଏବଂ ତତ୍କ୍ଷଣାତ୍ ଟଙ୍କାର ଆବଶ୍ୟକତା ହେତୁ ନିଜର ଅନିଚ୍ଛା ସତ୍ତ୍ୱେ ପୁରା ପ୍ଲଟ୍‌କୁ ଶାଗମାଛ ଦରରେ ବିକ୍ରି କରିବା ପାଇଁ ଗରିବ ଋଷୀଟିଏ ବାଧ୍ୟ ହେଉଛି । ଏଥିପାଇଁ ଧୀରେ ଧୀରେ ଜନଅସନ୍ତୋଷ ବଢ଼ିବାରେ ଲାଗିଛି । ଭୁବନେଶ୍ୱର ଆଖପାଖରେ ଥିବା ଗ୍ରାମ ଗୁଡିକରେ ଏନେଇ ଚହଳ ସୃଷ୍ଟି ହୋଇଛି । ଗ୍ରାମବାସୀମାନେ ଏହି ନିୟମ ବିରୁଦ୍ଧରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ସଜବାଜ ହେଉଥିବା ଜଣାପଡିଛି । କେତେକ ଗ୍ରାମରେ ଗ୍ରାମବାସୀମାନେ ଆନ୍ଦୋଳନାତ୍ମକ ପନ୍ଥା ଆପଣେଇବା ପାଇଁ ମଧ୍ୟ ଯୋଜନା କରୁଛନ୍ତି । ତେଣୁ ସରକାର ସାଧାରଣ ଗରିବ ଲୋକଙ୍କର ସ୍ୱାର୍ଥକୁ ଆଖିଆଗରେ ରଖି ପାର୍ଟ ପ୍ଲଟ୍ ବିକାକିଣାରେ ରହିଥିବା ପ୍ରତିବନ୍ଧକକୁ ହଟାଇ ଏହାର ସରଳୀକରଣ କରିବା ପାଇଁ ସାଧାରଣରେ ଦାବି ହେଉଛି ।

### ୫ ବର୍ଷରେ ...

ଭୂସ୍ଖଳନ ଘଟିଛି । ଏହି ଭୁଶୁଡିବା ଘଟଣା ଅତି ସାଧାରଣ । ପ୍ରତ୍ୟେକ ପ୍ରକଳ୍ପ ନିର୍ମାଣ ସମୟରେ ଏପରି ଘଟେ, କିନ୍ତୁ ଦୁର୍ଭାଗ୍ୟବଶତଃ ଆମ ଶ୍ରମିକମାନେ ସୁଡ଼ଙ୍ଗରେ ଫସି ଯାଇଥିଲେ । ଖାଲଖୋ ଆହୁରି କହିଛନ୍ତି, ସିଲ୍କିଆରା ପାର୍ଶ୍ୱରେ ଏବଂ ଟନେଲର ବାରକୋଟର ଶେଷ ଭାଗ 'ଆବର୍ଜନା' ନାମରେ ଜଣାଶୁଣା । ଏହି ସ୍ଥାନରେ ଅଧିକ ପତନ ଘଟିଛି । ସିଲ୍କିଆରା ପ୍ରାନ୍ତରୁ ଟନେଲ୍ ମୁହଁରୁ ୧୬୦ରୁ ୨୬୦ ମିଟର ପର୍ଯ୍ୟନ୍ତ ଅଞ୍ଚଳକୁ 'ରେଡ୍ ଜୋନ୍' ବା 'ଶିଅର୍ ଜୋନ୍' ବୋଲି କୁହାଯାଏ । ଏଠାରେ ପଥରର ଭଗ୍ନାବଶେଷ ଚିହ୍ନଟ କରାଯାଇଥିଲା । ଏହି ଅଞ୍ଚଳକୁ ମଜବୁତ କରିବା ପାଇଁ ଅତିରିକ୍ତ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ଖାଲଖୋ କହିଛନ୍ତି । ଟନେଲ ନିର୍ମାଣ ସହ ଜଡ଼ିତ ଅନ୍ୟ ଜଣେ ଅଧିକାରୀ କହିଛନ୍ତି ଯେ, ଏହି ଅଞ୍ଚଳର ଭୂ ଅବସ୍ଥିତି ଟନେଲ୍ ନିର୍ମାଣକୁ ଅଧିକ ଆହ୍ୱାନପୂର୍ଣ୍ଣ କରିଛି । ପ୍ରକାଶ ଥାଉ କି, ନଭେମ୍ବର ୧୨ରେ ସମଗ୍ର ଦେଶ ଦୀପାବଳି ମନାଉ ଥିବାବେଳେ ଉତ୍ତରାଖଣ୍ଡ ସିଲ୍କିଆରା-ବାରକୋଟ ଟନେଲ ଭୁଶୁଡି ପଡ଼ିଥିଲା । ଏଥିରେ ୪୧ ଶ୍ରମିକ ୧୭ ଦିନ ଧରି ଫସି ରହିଥିଲେ । ଶତ ପ୍ରଚେଷ୍ଟା ଓ କୋଟିଏ ପୂଜାପାଠ ପରେ ଶେଷରେ ନଭେମ୍ବର ୨୮ରେ ସେମାନଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଛି । ଚାର୍ ଧାମ ରୋଡ୍ ପ୍ରକଳ୍ପ ଅଧୀନରେ ଏହି ନିର୍ମାଣ କାର୍ଯ୍ୟ ଚାଲିଥିଲା । ଉତ୍ତରକାଶୀରୁ ଯମୁନୋତ୍ରି ଧାମ ପର୍ଯ୍ୟନ୍ତ ଯାତ୍ରାକୁ ୨୬ କିଲୋମିଟର ହ୍ରାସ କରିବାକୁ ଲକ୍ଷ୍ୟ ରଖାଯାଇ ଏହି ଟନେଲ୍ ନିର୍ମାଣ କରାଯାଉଥିଲା ।

### ବର୍ଷକୁ ...

ଏହି ସ୍ଥିତିରେ ଯକୃତ ଖରାପ ହେବାର ବିପଦ ମଧ୍ୟ ବଢ଼ିଥାଏ । ଫ୍ୟାଟି ଲିଭର ବଢ଼ି ଧିରେ ଧିରେ ସିରୋସିସ, ଫାଇବ୍ରୋସିସକୁ ବଦଳି ଯାଇଥାଏ । ଆଣ୍ଟିବାୟୋଟିକ ଅଧିକ ନେଲେ ଶରୀରରୁ ଭଲ ଜୀବାଣୁ ଶେଷ ହୋଇଯାଆନ୍ତି । ପେଟ ଦରଜ, ଡାଇରିଆ ଆଦି ହୋଇଥାଏ । ମହିଳାଙ୍କ ମଧ୍ୟରେ ଭଜାଇନାଲ ୟିଷ୍ଟ ଇନଫେକ୍ସନର ବିପଦ ବଢ଼ିଥାଏ । କିଡ଼ନୀ ଖରାପ ହେବାର ମଧ୍ୟ ସମ୍ଭାବନା ଥାଏ । ହଜମରେ ସମସ୍ୟା ହୋଇଥାଏ । ଭୟ ବଢ଼ିଥାଏ । ହୃଦ୍ଘାତ ସହିତ ହାଡ଼ ଦୁର୍ବଳ ହୋଇଯାଇଥାଏ । ତେଣୁ ଡାକ୍ତରଙ୍କ ପରାମର୍ଶରେ ଆଣ୍ଟିବାୟୋଟିକ ନେବାକୁ ପରାମର୍ଶ ଦିଆଯାଇଛି ।

### ରତ୍ନଭଣ୍ଡାର ...

ଗୁରୁତ୍ୱପୂର୍ଣ୍ଣ କଥା ହେଲା ରତ୍ନଭଣ୍ଡାରକୁ ନେଇ ଅନେକ ଦିନ ହେଲାଣି ବିବାଦ ରହିଛି । କେତେବେଳେ ଚାବି ହଜିଯିବାର କଥା ହେଉ କି ଏବେ ସାପର ଭୟ କଥା ହେଉ । ବାରମ୍ବାର ମିଛ କହି ପ୍ରସଙ୍ଗରୁ ଏଡାଇ ଯିବାକୁ ଚେଷ୍ଟା କରିଛନ୍ତି ରାଜ୍ୟ ସରକାର । ହେଲେ ମାମଲା ଯେବେ ଯାଇ ହାଇକୋର୍ଟରେ ପହଞ୍ଚିଲା ସେବେ ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ରଥଯାତ୍ରା ବେଳେ ରତ୍ନଭଣ୍ଡାର ଖୋଲିବାକୁ କହିଲେ ସରକାର । ଯେଉଁଥିରୁ ସ୍ପଷ୍ଟ ହେଲା କି ଜାଣିଶୁଣି ରତ୍ନଭଣ୍ଡାର ଖୋଲୁନଥିଲେ ସରକାର । ତେବେ ସମୟ କହିବ କେବେ ରତ୍ନଭଣ୍ଡାର ସୁରକ୍ଷା କଥା ଚିନ୍ତା କରୁଛନ୍ତି ରାଜ୍ୟ ସରକାର ।

### ରୂପାନ୍ତରଣ ...

ସୁରକ୍ଷାକର୍ମୀ ରୁମ, ଶ୍ମଶାନ କାର୍ଯ୍ୟାଳୟ ଓ ଦୋକାନ, ମନୋରମ ପରିବେଶ ସାଙ୍ଗକୁ ସୌନ୍ଦର୍ଯ୍ୟକରଣ, ପାର୍କିଂ, ଶବଦାହ ଗ୍ରାଉଣ୍ଡ ଓ କୋଠରୀ, ପ୍ରତିକ୍ଷାଳୟ, ଶୌଚାଳୟ, ଶବଦାହ ପାଇଁ ଗ୍ୟାସ ଚୁଲା ତିଆରି ହେବ । ଏହା ଶ୍ମଶାନ କଡରେ ଥିବା ପଖୋରୀରୁ ହେବ ପୁନଃଉଦ୍ଧାର ହେବ ବୋଲି କହିଛନ୍ତି ମେୟର ଓ ବିଧାୟକ । କେବଳ ହିନ୍ଦୁ ନୁହେଁ ମୁସଲମାନ ଓ ଖ୍ରୀଷ୍ଟିଆନ ସମ୍ପ୍ରଦାୟ ଲୋକମାନଙ୍କ କବର ସ୍ଥାନର ନବୀକରଣ ହେବ । ବିଭିନ୍ନ ଜୋନରେ କବରସ୍ଥାନ ଭିତ୍ତିଭୂମିର ଯୋଜନା କରାଯାଇଛି । କବରସ୍ଥାନ ପାଇଁ ୨ ଏକର ମଧ୍ୟ ଜମି ଯୋଗାଇ ଦିଆଯାଇଛି ବୋଲି ମେୟର କହିଛନ୍ତି । ଭୁବନେଶ୍ୱରର ଶ୍ମଶାନ ଗୁଡିକର ପୁନଃଉଦ୍ଧାର ପାଇଁ ବଏମସିର କର୍ପୋରେସନ ବୈଠକର ପ୍ରସ୍ତାବ ଦିଆଯାଇଥିଲା । କେବଳ ସତ୍ୟନଗର ଶ୍ମଶାନ ପାଇଁ ଖର୍ଚ୍ଚ ହେବ ୨ କୋଟି ୩୪ ଲକ୍ଷ ଟଙ୍କା । ବର୍ଷକ ଭିତରେ କାର୍ଯ୍ୟ ସାରିବାକୁ ଲକ୍ଷ୍ୟ ରଖିଛି ବିଏମସି ।

### ନିଯୁକ୍ତ ...

ଏଥିରେ ବିଭାଗ ପକ୍ଷରୁ ନୂଆ ଆଇନ ସମ୍ପର୍କରେ ବିଜ୍ଞପ୍ତି ପ୍ରକାଶ କରିବା ଲାଗି ଉଦ୍ୟମ ଆରମ୍ଭ ହୋଇଥିବା ଜଣାପଡ଼ିଛି । ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ, ରାଜ୍ୟ ସରକାର ଏଡସ୍ ରୋଗୀଙ୍କ ସ୍ୱାସ୍ଥ୍ୟ ରକ୍ଷା, ନିଦାନ, ଚିକିତ୍ସା ସହିତ ସାମାଜିକ ସୁରକ୍ଷା ପାଇଁ ପଦକ୍ଷେପ ନେଇଛନ୍ତି । ତଥାପି ସରକାରୀ ଯୋଜନାରେ ସାମିଲ ହୋଇଥିବା ଏବଂ ହେବାକୁ ଚାହୁଁଥିବା ହିତାଧିକାରୀ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଜିଲ୍ଲା ଏବଂ ରାଜ୍ୟ ମଧ୍ୟରେ ସମନ୍ୱୟ ରକ୍ଷା କରି କାମ କରିବାକୁ ହୋଇଥାଏ । ଏଥିସହ ଏହି କାମରେ ଏକାଧିକ ବିଭାଗର ଦାୟିତ୍ୱ ରହିଛି । ତେଣୁ ଏଚ୍ଆଇଭି ଆକ୍ରାନ୍ତଙ୍କ କଲ୍ୟାଣ ଦୃଷ୍ଟିରୁ ରାଜ୍ୟ ସରକାରଙ୍କର ନିଜସ୍ୱ ଆଇନ ପ୍ରଣୟନ ହେବାର ଆବଶ୍ୟକତା ରହିଛି । ଏଥିସହ ଜଣେ ଲୋକପାଳ (ଅମ୍ବୁଡସ୍‌ମ୍ୟାନ୍) ନିଯୁକ୍ତ କରିବା ଦ୍ୱାରା ସମସ୍ୟାର ସମାଧାନ କାର୍ଯ୍ୟ ତ୍ୱରାନ୍ୱିତ ହେବ ।

## ଷ୍ଟେଟ୍ ବ୍ୟାଙ୍କ ପକ୍ଷରୁ ଲୋନ ମେଳା



**ଅସ୍ତରଙ୍ଗ :** ପୁରୀ ଜିଲ୍ଲା ଅସ୍ତରଙ୍ଗ ଷ୍ଟେଟ୍ ବ୍ୟାଙ୍କ ଶାଖା ପକ୍ଷରୁ ଜାହାନିଆଁ ଠାରେ ବେଳାଭୂମି ମହୋତ୍ସବ ଅବସରରେ ଲୋନ ମେଳା ଅନୁଷ୍ଠିତ ହୋଇଯାଇଛି । ସୁନା, ଗୃହ, ବ୍ୟବସାୟ, ବ୍ୟକ୍ତିଗତ ଲୋନକୁ ପ୍ରାଧାନ୍ୟ ଦିଆଯାଇଥିବା ବେଳେ ଲୋନ ନିଅନ୍ତୁ ଆତ୍ମନିର୍ଭରଶୀଳ ହୁଅନ୍ତୁ ବୋଲି ଗ୍ରାହକ ମାନଙ୍କୁ ସଚେତନ କରିଥିଲେ ଶାଖା ପରିଚାଳକ ଫାଲଗୁନୀ ବାନ୍ଧବ ଦାସ । ଆୟୋଜିତ ଲୋନ୍ ମେଳାରେ ଷ୍ଟେଟ ବ୍ୟାଙ୍କ କର୍ମଚାରୀ ସଂଦିପ ଦାଶ, ରଂଜିତ୍ ପାତ୍ର, ଜନ୍ମଜୟ ସ୍ୱାଇଁ, ଦିଲ୍ଲିପ କୁମାର ବେହେରା, ପ୍ରଦୀପ କୁମାର ନାୟକ ପ୍ରମୁଖ ଯୋଗଦେଇ ଗ୍ରାହକ ମାନଙ୍କୁ ସଚେତନ କରିଥିଲେ ।

## ନେତାଜୀ ସୁବାଷ ବୋଷ ସ୍ନାତକ ମହାବିଦ୍ୟାଳୟରେ ଶିକ୍ଷା ବିଭାଗର ପାଠ୍ୟଚକ୍ର



**ନବରଙ୍ଗପୁର :** କନ୍ଧମାଳ ଜିଲ୍ଲା ତୁମୁଡିବନ୍ଧ ବ୍ଲକ ଅନ୍ତର୍ଗତ ନେତାଜୀ ସୁବାଷ ବୋଷ ସ୍ନାତକ ମହାବିଦ୍ୟାଳୟ ରେ ଶିକ୍ଷା ବିଭାଗର ପାଠ୍ୟ ଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ନେତାଜୀ ସୁବାଷ ବୋଷ ସ୍ନାତକ ମହାବିଦ୍ୟାଳୟର ଭାର ପ୍ରାପ୍ତ ଅଧ୍ୟକ୍ଷ ଡ଼କ୍ଟର ବିଶେସ୍ୱର ଆଚାର୍ଯ୍ୟ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ କଳିଙ୍ଗ ମହାବିଦ୍ୟାଳୟର ଶିକ୍ଷା ବିଭାଗର ଅଧ୍ୟାପକ ଆଭେଦ ମଣ୍ଡଳ ଓ କୋଟଗଡ ଆଶାରାମ ବାପୁ ସ୍ନାତକ ମହାବିଦ୍ୟାଳୟର ଶିକ୍ଷା ବିଭାଗର ଅଧ୍ୟାପକ ଆଶୁତୋଷ ସାହୁ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ପରିଚାଳନା ଦାୟିତ୍ୱରେ ନେତାଜୀ ସୁବାଷ ବୋଷ ସ୍ନାତକ ମହାବିଦ୍ୟାଳୟର ଶିକ୍ଷା ବିଭାଗର ମୁଖ୍ୟ ସ୍ୱାଗତିକା ସାହୁ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ବିଷୟ ବସ୍ତୁ ଥିଲା ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନ କାର୍ଯ୍ୟକ୍ରମ ଉପରେ ପାଠ୍ୟକ୍ରମରେ ଆଲୋଚନା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ କଳିଙ୍ଗ ମହାବିଦ୍ୟାଳୟର ମୁଖ୍ୟ ଶ୍ରୀ ମଣ୍ଡଳ କହିଲେ ଶିକ୍ଷା ଏକ ମୁଖ୍ୟ ବିଷୟ ବସ୍ତୁ ଯେହେତୁ ଯାହା ଦ୍ୱାରା ଏକ ଉତ୍ତମ ନାଗରିକ ତିଆରିର ମାଧ୍ୟମ ଅଟେ ବୋଲି ନିଜ ବକ୍ତବ୍ୟରେ କହିଥିଲେ । ଏଥି ସହିତ ନେତାଜୀ ସୁବାଷ ବୋଷ ସ୍ନାତକ ମହାବିଦ୍ୟାଳୟର ଶିକ୍ଷା ବିଭାଗର ମୁଖ୍ୟ ଶ୍ରୀମତୀ ସାହୁ କହିଲେ ଉତ୍ତମ ଛାତ୍ର ତିଆରି କରିବା ପାଇଁ ସେ ପ୍ରଥମେ ବ୍ୟବହାର, ଆଚରଣ ସହିତ ସମସ୍ତ କ୍ଷେତ୍ରରେ ବିକାଶ ହେଲେ ଜଣେ ଉତ୍ତମ ନାଗରିକ ହୋଇ ପାରିବ ଏଥି ସହିତ ଶିକ୍ଷା ଓ ସେବା ଛାତ୍ର ପାଇଁ ଶିକ୍ଷାର ମୁଖ୍ୟ ମାଧ୍ୟମ ବୋଲି ନିଜ ବକ୍ତବ୍ୟରେ କହିଥିଲେ । ଏହି କାର୍ଯ୍ୟକ୍ରମରେ ଛାତ୍ରୀ ସୁଶ୍ରୀ ବନିତା ମାଝୀ ଓ ସୁଲେଖା ସୁକାମାଝୀ କାର୍ଯ୍ୟକ୍ରମରେ ବିଷୟ ବସ୍ତୁ ଉପସ୍ଥାପନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଇତିହାସ ବିଭାଗୀୟ ମୁଖ୍ୟ ସୁଶାନ୍ତ ସୁନା, ଇଂରାଜୀ ବିଭାଗୀୟ ମୁଖ୍ୟ ରିନା ମହାନ୍ତି, ଅର୍ଥନୀତି ବିଭାଗୀୟ ମୁଖ୍ୟ ସନ୍ୟାସୀ ସାହୁ, ଅଧ୍ୟାପିକା ବନ୍ଦନା ନାୟକ, ଅଧ୍ୟାପକ ସନ୍ତୋଷ ବେହେରା, ସୁବାସିସ କହଁର, ସମୀର କହଁର, କିରାଣି ଶିବରାମ ସାହୁ, ଅବିନାଶ ବଳିଆର ସିଂ ଓ ରୁନି ସାହୁଙ୍କ ସହ ମହାବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଅଣ ଶିକ୍ଷକ କର୍ମଚାରୀ ଉପସ୍ଥିତି ଥିଲେ । ସଭା ଶେଷରେ ଶିକ୍ଷା ବିଭାଗର ପଦର୍ଶକ ଦାଶରଥି ନାୟକ ଧନ୍ୟବାଦ୍ ଅର୍ପଣ କରିଥିଲେ ।

## କେସିଙ୍ଗା ପଞ୍ଚାୟତ ସମିତି ପକ୍ଷରୁ ଭୀମଭୋଇ ସାମର୍ଥ ଶିବିର



**କେସିଙ୍ଗା :** କଳାହାଣ୍ଡି ଜିଲା କେସିଙ୍ଗା ପଞ୍ଚାୟତ ସମିତି ପକ୍ଷରୁ ଭୀମଭୋଇ ସାମର୍ଥ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇ ଯାଇଛି । ଏହି ଶିବିରକୁ ବ୍ଲକ ଅଧ୍ୟକ୍ଷ ଚନ୍ଦନ ସେନାପତି ଉଦଘାଟନ କରିଥିଲେ । କେସିଙ୍ଗା ବିଡିଓ ପଦ୍ମନାଭ ପୁରୋହିତଙ୍କ ନେତୃତ୍ୱରେ ଏହି ଶିବିର ଆୟୋଜନ କରାଯାଇଥିଲା । ଏହି ଶିବିରରେ ଆଖ ପାଖ ଅଞ୍ଚଳରୁ ୧୦୮ ଜଣ ଯୋଗଦାନ କରିଥିଲେ । ଏଥି ମଧ୍ୟରୁ ୭୯ଜଣ ବିକଳାଙ୍ଗଙ୍କୁ ବିଭିନ୍ନ ପ୍ରକାର ସାର୍ଟିଫିକେଟ ପ୍ରଦାନ କରା ଯାଇଥିବା ବେଳେ ୨୯ଜଣଙ୍କୁ ବସ ପାସ, ୧୬ଜଣ ଙ୍କୁଟ୍ରେନ ପାସ, ୩ଜଣଙ୍କୁ ହ୍ୱିଲ ଚେୟାର, ୭ଜଣଙ୍କୁ ଟ୍ରାଏ ସାଇକେଲ ପ୍ରଦାନ କରା ଯାଇଥିଲା ।

## କଥା ଦେଇ କଥା ରଖିଲେ ଦୀପକ, ମାରାଥନ୍ ଶିଳାନ୍ୟାସ କଲେ ଗୃହ ରାଷ୍ଟ୍ରମନ୍ତ୍ରୀ



**ଅସ୍ତରଙ୍ଗ :** ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ୍ ତାଳଦା ପଞ୍ଚାୟତ ସବୁବେଳେ ଚର୍ଚ୍ଚା ଚର୍ଚ୍ଚିତ କେତେବେଳେ ରାଜନୈତିକ ତ କେତେବେଳେ ଯୋଜନାକୁ ନେଇ ଚର୍ଚ୍ଚା ତାଳଦା ପଞ୍ଚାୟତ ଦୀପାଞ୍ଚଳ ହୋଇଥିବାରୁ ପଞ୍ଚାୟତବାସୀଙ୍କ ସ୍ୱପ୍ନ ସବୁବେଳେ ଅଧୁରା ଅସପର୍ଣ୍ଣ ବୋଲି ଦୀର୍ଘ ଦିନ ହେବ ଅଭିଯୋଗ କରି ଆସୁଛନ୍ତି ବିରୋଧୀ ଗତ ପଞ୍ଚାୟତ ନିର୍ବାଚନରେ ଏକାଧିକ ମୁଦ୍ଧାକୁ ସାକାର କରିବା ଉଦ୍ଦେଶ୍ୟରେ ଯୁବ ଇଂଜିନିୟର ଦୀପକ ପରିଡ଼ା ନିଜ ବେତନକୁ ଛାଡି ବାପାଙ୍କ ଅଧୁରା ସ୍ୱପ୍ନ ମାଟି ମା ପାଇଁ କରିବାର ପ୍ରତିଶ୍ରୁତି ଆଜି ସାକାର କରିଛନ୍ତି । ତାଳଦା ପଞ୍ଚାୟତ ରେ ନିମାପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଦୁଇ କୋଟି ପଚିଶ ଲକ୍ଷ୍ୟ ଟଙ୍କା ବ୍ୟୟ ରେ ଡିହକରଡା (ଡିଆ) ଠାରୁ ଡରାସାହି ପର୍ଯ୍ୟନ୍ତ,କରଡା ଠାରୁ ଡରାସାହି ଭାୟା ବାଆଁରୋଇ,ବାଘମରୀ ଠାରୁ ସୁଆଁକଣ ଆଦି ପର୍ଯ୍ୟନ୍ତ ଆଦି ପ୍ରକଳ୍ପ ର ମାରାଥାନ ଶିଳାନ୍ୟାସ କଲେ କାକଟପୁର ବିଧାୟକ ତଥା ଯୁବ ବ୍ୟାପାର କ୍ରୀଡା ଗୃହରାଷ୍ଟ ମନ୍ତ୍ରୀ ତୁଷାରକାନ୍ତିଙ୍କ ସହ ସାସଂଦ ରାଜସୀ ମଲ୍ଲିକ, ପୁରୀ ଜିଲ୍ଲା ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ ନାୟକ, ଜିଲ୍ଲା ପରିଷଦ ସଭ୍ୟା ବନିତା ବେହେରା, ସମିତି ସଭ୍ୟ ଅମିୟ ରଞ୍ଜନ ସେଠୀ, ଗ୍ରାମ୍ୟ ଉନ୍ନୟନ ବିଭାଗ ର ସହକାରୀ ନିର୍ବାହୀ ଯନ୍ତ୍ରୀ ତ୍ରିଲୋଚନ ପାତ୍ର, କନିଷ୍ଠ ଯନ୍ତ୍ରୀ କୃଷ୍ଣ ଚନ୍ଦ୍ର ତାଡା,ସାସଂଦ ପ୍ରତିନିଧି ଚମ୍ପକ ବାରିକ, ବିଶିଷ୍ଟ ସମାଜସେବୀ ପ୍ରତାପ ପରିଡ଼ା ପ୍ରମୁଖ ଯୋଗଦେଇଥିଲେ । ଅପରପକ୍ଷରେ ଦୀପାଞ୍ଚଳବାସୀଙ୍କ ଉଦ୍ଦେଶ୍ୟରେ ଓଡ଼ିଶାର ମ୍ୟାନବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୧୩ ମସିହାରେ ସ୍ୱର୍ଗତ ବିଜୁବାବୁଙ୍କ ନାମରେ ନାମିତ ହୋଇଥିବା ତାଳଦା ବିଜୁ ସେତୁ ଦୀର୍ଘ ଦଶନ୍ଧି ଧରି ବିତି ଯାଇଥିଲେ ମଧ୍ୟ ଉକ୍ତ ସେତୁଟି କେବେ ପୂର୍ଣ୍ଣାଙ୍ଗ ହେବ ବୋଲି ସ୍ଥାନୀୟ ବିଧାୟକ ତଥା ଗୃହରାଷ୍ଟ ମନ୍ତ୍ରୀ ତୁଷାରକାନ୍ତି ବେହେରାଙ୍କୁ ତାଳଦା ପଞ୍ଚାୟତବାସୀ ପ୍ରଶ୍ନ କରିଛନ୍ତି ।

# କଳିଙ୍ଗର ନୌବାଣିଜ୍ୟ ଓ ବାଲିଯାତ୍ରା



ଅକ୍ଷୟ କୁମାର ରାଉତ

ପ୍ରତ୍ୟେକ ଜାତି ବା ଦେଶର ସାଂସ୍କୃତିକ ଜୀବନ କ୍ଷେତ୍ରରେ ପର୍ବପର୍ବାଣୀ, ଯାନି, ଯାତ୍ରା ଓ ଉତ୍ସବର ଅତି ମହତ୍ୱପୂର୍ଣ୍ଣ ସ୍ଥାନ ରହିଅଛି। ପ୍ରାଚୀନ କଳିଙ୍ଗ ନୌବାଣିଜ୍ୟ ଗାରିମାମୟ ଅଧ୍ୟାୟ କାଳଜୟୀ ପରମ୍ପରା ବିଶ୍ୱ ବନ୍ଦନୀୟ। ଓଡିଶାର ନୌବାଣିଜ୍ୟ ବହୁ ପ୍ରାଚୀନ, ଏହି କଥା ଲୋକଶ୍ରୁତି ଓ ଇତିହାସରୁ ଜଣାଯାଏ। ତତ୍କାଳୀନ ସମୟରେ କଳିଙ୍ଗ ଜାତିର ଦୁର୍ଦ୍ଧର୍ଷ ପଣିଆ ସାରା ପୃଥିବୀରେ କଳିଙ୍ଗାଃ ସାହାସିକାଃ ରୂପେ ପରିଗଣିତ ହୋଇଥିଲା। ମେଘାସ୍ଥିନସଙ୍କ ବିବରଣୀରୁ ଜଣାଯାଏ ଖ୍ରୀଷ୍ଟପୂର୍ବ ୪ର୍ଥ ଶତାବ୍ଦୀରେ କଳିଙ୍ଗରେ ନଦୀପଥ ଓ ସମୁଦ୍ର ପଥରେ ନୌବାଣିଜ୍ୟ ଚାଲୁଥିଲା। ଇତିହାସ କହେ କଳିଙ୍ଗର ନୌବାଣିଜ୍ୟ ବିଶ୍ୱ ବିଖ୍ୟାତ। ସେତେବେଳେ ଆମର ବହୁତ ପ୍ରସିଦ୍ଧ ବନ୍ଦର ଥିଲା, ତାହା ହେଉଛି - ନନୀଗେନ, କାଟିକର୍ଦ୍ଦମ, ପଲୌରା, କୋଳନଗର, କୋଶମ୍ବ, ମନୋଜ, ଦୋସରମ୍, ତନ୍ଦିସ୍, ଗଙ୍ଗେ, ତାମଲିତି, ପଲୋରା, କଂଟକସିଲାଇ, ଦନ୍ତପୁର। ଏହା ବ୍ୟତୀତ ଅନ୍ୟ ବନ୍ଦରଗୁଡିକ ହେଲା - ପିପିଲି, ଚାନ୍ଦବାଲି, ଧାମରା, ପାରାଦ୍ୱୀପ, ଚେଲିତୋଳ, ପୁରୀ, ଚିଲିକା ଆଦି ପ୍ରାଚୀନ ବନ୍ଦର ଥିବାର ପ୍ରମାଣ ମିଳେ।

ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ବିସ୍ତୃତ ଥିଲା କଳିଙ୍ଗର ସାମ୍ରାଜ୍ୟ। ସେତେବେଳେ ତାମଲିତି ବା ତାମ୍ରଲିପ୍ତି କଳିଙ୍ଗର ଶ୍ରେଷ୍ଠ ବନ୍ଦର ଥିଲା। ଏହି ତାମ୍ରଲିପ୍ତି ବନ୍ଦରରୁ କଳିଙ୍ଗର ସାଧବ ପୁଅମାନେ ଚୀନ, ସିଂହଳ, ଇଣ୍ଡୋନେସିଆ, ମାଳୟ, ବ୍ରହ୍ମଦେଶ, ଥାଇଲାଣ୍ଡ ଓ ଭିଏତ୍‌ନାମ୍ ଆଦି ଦେଶକୁ ଯାଉଥିଲେ ପାଲଟଣା ବୋଇତରେ। ସାଧବମାନେ ସାଙ୍ଗରେ ନେଉଥିଲେ, ସମ୍ବଲପୁରୀ ବସ୍ତ୍ର, କଟକର ତାରକସି କାରୁକାର୍ଯ୍ୟ, କାଠ, ପଥର ଖୋଦେଇ ମୂର୍ତି ଓ ବିଭିନ୍ନ ସୁଗନ୍ଧ ସାମଗ୍ରୀ। ବିଦେଶରୁ ଆମଦାନୀ କରୁଥିଲେ ସୁନା, ରୂପା, କାଚର ଅଳଙ୍କାର, ଚନ୍ଦ୍ରକାନ୍ତମଣି, ସିଙ୍ଗ ପାନିଆ, ଚୀନ ଦେଶର ରେଶମୀ ବସ୍ତ୍ର, ବାଘ ନଖର ମାଳି, ହାତୀଦାନ୍ତର ଫରୁଆ ଇତ୍ୟାଦି।

ଅଧିକ ପରିବହନ ଥିବା ହାତୀ ଜାହାଜ କଳିଙ୍ଗର ଥିଲା। କଳିଙ୍ଗର ରାଜା ହାତୀ କିଣୁଥିଲେ ଓ ହାତୀ ବୋଇତରେ ହାତୀମାନଙ୍କୁ ଦେଶ ବିଦେଶକୁ ପଠାଉଥିଲେ। ଏହି ବୋଇତ ବା ଅର୍ଣ୍ଣବପୋତ ସାହାର୍ଯ୍ୟରେ କଳିଙ୍ଗ ଜାତିର ପୂର୍ବପୁରୁଷମାନେ ଦେଶ ବିଦେଶକୁ ଯିବା ଆସିବା କରି ବାଣିଜ୍ୟ ବ୍ୟବସାୟ କରୁଥିଲେ। ମାଦାଳା ପାଞ୍ଜିରୁ ଜଣାଯାଏ ଭୋଜରାଜା କାଠ ଦ୍ୱାରା ଜଳ ଜାହାଜ ନିର୍ମାଣ କରୁଥିଲେ। ଏହି ଜାହାଜ ଦୁଇ ପ୍ରକାରର ଯଥା - ସାମାନ୍ୟ ନୌକା ଓ ବୋଇତ ବା ଅର୍ଣ୍ଣବପୋତ। ସାମାନ୍ୟ ନୌକା ୧୦ ପ୍ରକାର ତାହା ହେଉଛି, କ୍ଷୁଦ୍ର, ମଧ୍ୟମ, ଭୀମ, ଚପଳ, ପାଟଳ, ଦୀର୍ଘ, ଭୟା, ପତ୍ରପୁତା, ଗର୍ଭରା, ମନ୍ଥରା। ବୋଇତ ବା ଅର୍ଣ୍ଣବପୋତ ଦୁଇପ୍ରକାର ଦୀର୍ଘା ଓ ଉନ୍ନତା। ଦୀର୍ଘା ହେଉଛି ଦଶ ପ୍ରକାରର ଯଥା - ଦୀର୍ଘିକା, ତରଣୀ, ଲୋଳା, ଚତ୍ୱରା, ଗାମିନୀ, ତରୀ, ଜଙ୍ଗଳା, ପ୍ଲାବିନୀ, ଧରଣୀ ଓ ବେଗିନୀ। ଉନ୍ନତା ହେଉଛି ପାଂଚ ପ୍ରକାର ଯଥା - ଉର୍ଦ୍ଧ୍ୱା, ଅନୁର୍ଦ୍ଧ୍ୱା, ସୁବର୍ଣ୍ଣମୁଖୀ, ଗର୍ଭିଣୀ ଓ ମନ୍ଥରା। ଏହି ସବୁ ଜଳଯାନ ଗୁଡିକ ହାତ ମାପରେ ଲମ୍ବ, ପ୍ରସ୍ଥ ଓ ଉଚ୍ଚତା ମପା ଯାଇଥାଏ। ଏକ ମାସ୍ତୁଲ ଜାହାଜର ବର୍ଣ୍ଣ ନୀଳବର୍ଣ୍ଣ, ଦୁଇ ମାସ୍ତୁଲ ଜାହାଜ ପୀତବର୍ଣ୍ଣ, ତିନି ମାସ୍ତୁଲ ଜାହାଜ ରକ୍ତବର୍ଣ୍ଣ ଓ ଚାରିମାସ୍ତୁଲ ଜାହାଜ ଶ୍ୱେତବର୍ଣ୍ଣ ହୋଇଥାଏ। ଜଳଯାନର ମୁହଁ ନାନା ପ୍ରକାର ଆକୃତିରେ ହୋଇଥାଏ। କୋଠରୀ ଅନୁପାତରେ ଜଳଯାନଙ୍କୁ ସର୍ବମନ୍ଦିରା, ମଧ୍ୟମନ୍ଦିରା ଓ ଅଗ୍ରମନ୍ଦିରା କୁହାଯାଉଥିଲା। ଭାରତୀୟ ନୌଯାତ୍ରା ପ୍ରାଚୀନକାଳରୁ ଆମ ପୁରାଣ, ଭାଗବତ, ମହାଭାରତ ଓ ରାମାୟଣ ରୁ ଜଣାଯାଏ। ଆମର ଲୋକସାହିତ୍ୟ, ଜନକ ଜାତକ, ଖୁଦୁରୁକୁଣୀ ଓଷା ଓ ଖୁଲଣା ସୁନ୍ଦରୀ କଥାରୁ ପ୍ରାଚୀନ କଳିଙ୍ଗର ନୌବାଣିଜ୍ୟ ସ୍ମୃତିଚାରଣ ହୋଇଥାଏ। ଜାହଜିଆମାନେ ଦିଗବିଦିଗ ମାନଙ୍କୁ ତାଙ୍କ ଭାଷାରେ ନାମ ଦେଇଥିଲେ, ଗାହି - ଉତର ଦିଗ, ସୋଲେଇ - ଦକ୍ଷିଣ ଦିଗ, ଡହରା- ପୂର୍ବଦିଗ, ପିଛାଡି - ପଶ୍ଚିମ ଦିଗ, ଗାହିମତଲେଇ - ଐଶାନ୍ୟ ଦିଗ, ବେଗଶିୟା ପିଛାଡି - ବାୟବ୍ୟଦିଗ, ଦକ୍ଷିଣ ପିଛାଡା - ନୈଋତ ଦିଗ, ଦକ୍ଷିଣ ଡହରା - ଅଗ୍ନି ଦିଗ, ଘୋଷ - ଉର୍ଦ୍ଧ୍ୱ, ଦମନ - ତଳ। ସେମାନେ ଡାହାଣକୁ ଉଜା ଓ ବାମକୁ ଡାହୁ କହୁଥିଲେ। ସାଧାରଣତ କୈବର୍ତମାନେ ନୌକା ଚାଳନା ଓ ନୌକା ନିର୍ମାଣର ଜ୍ଞାନକୌଶଳ ଜାଣିଥିଲେ। କୈବର୍ତମାନେ ସେମାନଙ୍କର ଇଷ୍ଟଦେବୀ ବା ବାସେଳୀଙ୍କୁ ପୂଜା କରିଥାଆନ୍ତି। ଏହି ବାସେଳି ଠାକୁରାଣୀ ଚାରିପ୍ରକାର ଯଥା - ଦାଣ୍ଡ ବାସେଳି, ଘୋଡା ବାସେଳି, ସିଦ୍ଧ ବାସେଳି ଓ ବନ୍ଧ ବାସେଳି।

ସାଧବ ଘରର କଥା ବା ଉତ୍କଳର ଡଙ୍ଗା ଭସା ବୋଇତ କଥା ପିଲାଠାରୁ ବୁଢ଼ା ପର୍ଯ୍ୟନ୍ତ କିଏ ନଜାଣେ? କାର୍ତିକ ମାସରେ ବିଦେଶରୁ ସାଧବପୁଅ ଫେରି ଆସୁଥିଲେ। ପୁଣି ପୁନର୍ବାର ପବନର ଅନୁକୂଳ ପାଗ ଦେଖି ତାହାର ଜାହାଜ ମେଲି ଦେଉଥିଲେ। ନୀଳସାଗର ବକ୍ଷରେ ନୌବାଣିଜ୍ୟର ଏହି ସ୍ମୃତି କଳିଙ୍ଗର ପରମ୍ପରା ଓ ସଂସ୍କୃତିକୁ ସମୃଦ୍ଧ କରୁଥିଲା। କାର୍ତିକ ପୂର୍ଣ୍ଣିମାର ହେମାଳ ପାହାନ୍ତିରେ ଆବାଳ ବୃଦ୍ଧବନିତା ଡଙ୍ଗା ଉପରେ ପାନଗୁଆ ରଖି ଦୀପ ଜଳାଇ "ଆ...କା...ମା...ବ...ଇ ପାନଗୁଆ ଥୋଇ, ପାନଗୁଆ ତୋର, ମାସକ ଧରମ ମୋର" କଦଳୀ ପାଟୁଙ୍ଗାରେ ନୌକାଟିଏ ପ୍ରସ୍ତୁତ କରି ନଈ, ନାଳ ଓ ପୋଖରୀରେ ଭସାଇ ଦେଇଥାଆନ୍ତି। ଏହା କଳିଙ୍ଗ ଜାତିର ପ୍ରଗତି ପରମ୍ପରା, ବାଣିଜ୍ୟ ଓ ବ୍ୟବସାୟର ପ୍ରତୀକ ବାଲିଯାତ୍ରା ନାମରେ ନାମିତ। କଳିଙ୍ଗ ବା ଓଡିଶାର ବାଣିଜ୍ୟସ୍ଥଳି କଟକର ପିଠି ଉପରେ ଗଡଗଡିଆ ଘାଟରେ ଆଜି ଠିଆ ହୋଇଛି ବାଲିଯାତ୍ରା। ଏହି ବାଲିଯାତ୍ରା ଓଡ୍ରରାଷ୍ଟ୍ରର ଚେଲିତୋଳ ବନ୍ଦରରେ ଅଷ୍ଟମ ଶତାବ୍ଦୀରେ ଖ୍ୟାତି ଲାଭ କରିଥିଲା। ସମୟର ସ୍ରୋତରେ ଭାରତ ସ୍ୱାଧୀନତା ଲାଭକଲା। ସ୍ୱାଧୀନ ଭାରତରେ ମୁମ୍ବାଇ, କୋଲକାତା, ଚେନ୍ନାଇ, କୋଚି ଓ ଭାଇଜାଗ୍ ନାମରେ ପାଂଚଗୋଟି ବୃହତ୍ ବନ୍ଦର ଥିଲା। ଷଷ୍ଠ ବୃହତ୍ ବନ୍ଦର ଭାବରେ ଗୁଜୁରାଟର କାଣ୍ଡଲା ଓ ସପ୍ତମ ବୃହତ ବନ୍ଦର ଭାବେ ମର୍ମାଗୋଆ ସ୍ୱାଧୀନ ଭାରତ ସରକାରଙ୍କ ଦ୍ୱାରା ସ୍ୱୀକୃତି ଲାଭ କଲା। ସ୍ୱାଧିନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାର ଲାଲ୍ ନେହେରୁ ଓ ଓଡିଶାର ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଦ୍ୱାରା ୧୯୬୨ ମସିହା ଜାନୁଆରୀ ୩ ତାରିଖରେ ପାରାଦ୍ୱୀପ ବନ୍ଦରର ଭିତିପ୍ରସ୍ତର ସ୍ଥାପନ ହୋଇଥିଲା। ୧୯୬୫ ମସିହାରେ ବନ୍ଦର ନିର୍ମାଣ କାର୍ଯ୍ୟ ଶେଷ ହେଲା ଓ ଅକ୍ଟୋବର ୧୫ ରେ ପାରାଦ୍ୱୀପ ବନ୍ଦରକୁ ପ୍ରଥମ ଜାହାଜ ପ୍ରବେଶ କରିଥିଲା। ୧୯୬୬ ମସିହାରେ ଏହା ଏକ ବୃହତ୍ ବନ୍ଦର ରୂପେ ମାନ୍ୟତା ଲାଭକଲା। ଏହି ପାରାଦ୍ୱୀପ ନାମଟି ମହର୍ଷି ପରାଶରଙ୍କ ନାମରୁ ହେଉ କିମ୍ବା ପାରାବାରରୁ ପାରାଦ୍ୱୀପ ବା ପ୍ରାଚୀନ କଳିଙ୍ଗର ପାଲୋର ବନ୍ଦର କାଳକ୍ରମେ ପାରାଦ୍ୱୀପରେ ପରିଣତ ହୋଇଛି। କେହି କେହି କୁହନ୍ତି ପ୍ରଦୀପ ଶବ୍ଦରୁ ପାରାଦ୍ୱୀପ ହୋଇଛି।

ଆନ୍ତର୍ଜାତିୟ ନୌବାଣିଜ୍ୟ ଇତିହାସକୁ ପର୍ଯ୍ୟାଲୋଚନା କଲେ କଳିଙ୍ଗ ନୌବାଣିଜ୍ୟର ସ୍ୱତନ୍ତ୍ର ପ୍ରସିଦ୍ଧି ରହିଅଛି। ଏହି ନୌବାଣିଜ୍ୟର ଗାଥା ସଂସ୍କୃତି ଓ ସଭ୍ୟତାର ସ୍ମୃତିକୁ ସାଉଁଟିବାକୁ ଯାଇ ଓଡିଶାର ମହାନଦୀ ତୀର ବାଲିରେ ଯେଉଁ ମହାମିଳନର ମହାପର୍ବ ବାଲିଯାତ୍ରା ମହୋତ୍ସବ ହୁଏ ତାହା ଜାତୀୟ ସଂହତିର ମହକ ଭଳି ବୋଧ ହୁଏ। ଆଜି କାର୍ତିକ ପୂର୍ଣ୍ଣିମାରେ ମହାନଦୀର ବାଲିରେ କଟକ ବାଲିଯାତ୍ରା ଗହ ଗହ ନାଦରେ ଫାଟି ପଡୁଛି। ସମୟକ୍ରମେ ୧୯୭୨ ମସିହାରେ ପାରାଦ୍ୱୀପର ପ୍ରଥମ ବାଲିଯାତ୍ରା ଆରମ୍ଭ ହୋଇଥିଲା। କିଛି ଆଂଚଳିକ ସାଂସ୍କୃତିକ ଲୋକମାନଙ୍କୁ ନେଇ। ୧୯୭୫ ମସିହାରୁ ତତ୍କାଳୀନ ବନ୍ଦର ଅଧକ୍ଷଙ୍କ ଦ୍ୱାରା ବୋଇତ ବନ୍ଦାଣ ଉତ୍ସବ ମହା ସମାରୋହରେ ପାଳିତ ହୋଇଆସୁଛି। ୧୯୮୦ ମସିହା ପର୍ଯ୍ୟନ୍ତ ଏହି ବାଲିଯାତ୍ରା ପାଳିତ ହୋଇ ପୃଷ୍ଟପୋଷକମାନଙ୍କର ଅଭାବରୁ ବନ୍ଦ ହୋଇଯାଇଥିଲା। ବନ୍ଦ ହୋଇଯାଇଥିବା ପାରାଦ୍ୱୀପ ବାଲିଯାତ୍ରା ପୁନର୍ବାର ଉତ୍କଳର ବରପୁତ୍ର ତଥା ଭୂମିପୁତ୍ର ବିଜୁ ପଟ୍ଟନାୟକଙ୍କ ଦ୍ୱାରା ୧୯୯୨ ମସିହା ନଭେମ୍ବର ମାସ ୧୦ ତାରିଖ କାର୍ତିକ ପୂର୍ଣ୍ଣିମାରେ ଶୁଭାରମ୍ଭ ହୋଇଥିଲା। କଳିଙ୍ଗର ଐତିହାସିକ ନୌବାଣିଜ୍ୟର ଗୌରବମୟ ଜଳଯାତ୍ରାକୁ ପୂନର୍ବାର ସଂସ୍ଥାପନ କରି ବିଜୁବାବୁ ଏ ଜାତିର ଗୌରବ, ଗାରିମାକୁ ପ୍ରତିପାଦିତ କରିଥିଲେ। କଳିଙ୍ଗ ଲଳନା ସୁଶ୍ରୀ ନିବେଦିତା ଆଚାର୍ଯ୍ୟ ସମେତ ଆଠଜଣ ନୌଯାତ୍ରୀଙ୍କୁ ନେଇ ଓଘଝଣ ଝବଞ୍ଜଙ୍କୟକ୍ସବ ବାଲିଦ୍ୱୀପ ଅଭିମୁଖେ ଜଳଯାତ୍ରା ଆରମ୍ଭ କରିଥିଲା। ଯାତ୍ରା କାଳରେ ସେମାନେ ବିଶାଖାପାଟନା ଚେନ୍ନାଇ, ଆଣ୍ଡାମାନ ନିକୋବର ଦ୍ୱୀପ, ସୁମାତ୍ରା, ଜାକର୍ତା ଦେଇ ଜାନୁଆରୀ ୩୦ ତାରିଖ ୧୯୯୩ ମସିହାରେ ବାଲିଦ୍ୱୀପରେ ପହଁଚିଥିଲେ। ଏହି କଳିଙ୍ଗ - ବାଲିଯାତ୍ରା ଅବସରରେ ବାଲିରେ ଆୟୋଜିତ ଓଡିଶା ଉତ୍ସବକୁ ବାଲିର ରାଜ୍ୟପାଳ ଶ୍ରୀ ଓକା ଉଦ୍‌ଘାଟନ କରିଥିଲେ। ଏଥିରେ ଇଣ୍ଡୋନେସିଆର ସମାଜ କଲ୍ୟାଣ ମନ୍ତ୍ରୀ ଶ୍ରୀମତୀ ହାରେୟତି ସୋବାଦିଓ ଯୋଗଦେଇଥିଲେ। କଳିଙ୍ଗ ବାଲିଯାତ୍ରା ଓ ବୋଇତ ବନ୍ଦାଣ ଉତ୍ସବ ଉତ୍କଳୀୟ ବଣିକମାନଙ୍କର ସମୃଦ୍ଧ ପରମ୍ପରା ଓଡିଶାର ସ୍ୱର୍ଣ୍ଣିମ ଇତିହାସରେ ଚିରକାଳ ପାଇଁ ଲିପିବଦ୍ଧ ହୋଇରହିବ। ଅତୀତର ସେହି ନୌବାଣିଜ୍ୟ ପରମ୍ପରା ଓଡିଆର ଭାବଧାରା, ଇତିହାସ କିମ୍ବଦନ୍ତୀ ଓ ସଂସ୍କୃତିର ଜୟ ଜୟକାର କଥା କହୁଥିବ।













*ପ୍ରାକ୍ତନ ସଦସ୍ୟ,*
*ଓଡିଶା ସାହିତ୍ୟ ଏକାଡେମୀ*
*ପାରାଦ୍ୱୀପଗଡ, କୁଜଙ୍ଗ, ଜଗତ୍‌ସିଂହପୁର*
*ଦୂରଭାଷ: ୯୯୩୭୬୯୧୪୭୫*

ଏକମାତ୍ର

ଭୁବନେଶ୍ୱର, ୪ - ୧୦ ଡିସେମ୍ବର, ୨୦୨୩





### କୁଳପତି-କୁଳାଧିପତିଙ୍କ ମଧ୍ୟରେ ବୈଠକ

# ଜାତୀୟ ଶିକ୍ଷାନୀତିର କାର୍ଯ୍ୟକାରିତା ଜରୁରୀ



**ଭୁବନେଶ୍ୱର :** ରାଜ୍ୟର ସମସ୍ତ ସରକାରୀ ବିଶ୍ୱବିଦ୍ୟାଳୟର କୁଳପତିମାନଙ୍କର ଆଜି ବୈଠକ ହୋଇଯାଇଛି। ଓଡ଼ିଶାରେ ରାଜ୍ୟପାଳ ଦାୟିତ୍ୱ ନେବା ପରେ କୁଳାଧିପତି ଭାବେ ପ୍ରଥମ ଥର କୁଳପତିମାନଙ୍କ ସହ ବୈଠକ କରିଛନ୍ତି ରଘୁବର ଦାସ। ତେବେ ବୈଠକ ନେଇ ଓୟୁଏଟି କୁଳପତି ପ୍ରଫେସର ପ୍ରଭାତ ରାଉଳ କହିଛନ୍ତି ଯେ ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟଗୁଡିକରେ ଶିକ୍ଷାର ମାନ ବୃଦ୍ଧି କିଭଳି ହୋଇପାରିବ, କ୍ୟାମ୍ପସରେ ଶୈକ୍ଷିକ ବାତାବରଣ ବଜାୟ ରହିବ ଏ ସବୁ ଉପରେ ଆଲୋଚନା ହୋଇଛି। ରାଜ୍ୟର ଯେତିକି ଆଡ଼ମିନିଷ୍ଟ୍ରେଟିଭ ବିଭାଗ ଅଛି ଯାହା ଅଧୀନରେ ଯେମିତି କୃଷି ବିଭାଗ ଅଧୀନରେ ୭ଟି ବିଭାଗର ପ୍ରିନ୍ସିପାଲ ସେକ୍ରେଟାରୀ ମଧ୍ୟ ଏ ଆଲୋଚନାରେ ଭାଗ ନେଇଥିଲେ। ବିଶ୍ୱବିଦ୍ୟାଳୟର ସମସ୍ୟା ଯେମିତିକି ଷ୍ଟାଫ ସଂଖ୍ୟା ବୃଦ୍ଧି, ଭିତିଭୂମି ବୃଦ୍ଧି ହେବ, ତାହା ଉପରେ ମଧ୍ୟ ଆଲୋଚନା ହୋଇଛି। ଓଡ଼ିଶାର ବିଶ୍ୱବିଦ୍ୟାଳୟଗୁଡିକ କିଭଳି ବିଶ୍ୱ ସ୍ତରରେ ନାଁ କମେଇପାରିବ ତାହା ଉପରେ ଫୋକସ କରିବା ପାଇଁ ମାର୍ଗଦର୍ଶନ କରିଛନ୍ତି କୁଳାଧିପତି। ସେହିପରି ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ସବିତା ଆଚାର୍ଯ୍ୟ କହିଛନ୍ତି ଯେ ପ୍ରଥମ ସାକ୍ଷାତକାର କୁଳାଧିପତିଙ୍କ ସହ ହୋଇଛି। ୫ଟି ବିଷୟରେ ଆଲୋଚନା ହୋଇଛି। ଜାତୀୟ ଶିକ୍ଷାନୀତି ୨୦୨୦ର ଲାଗୁ କେମିତି ହୋଇଛି, ପରୀକ୍ଷା ପରିଚାଳନା କିଭଳି ହେଉଛି, ରିସର୍ଚ୍ଚ ଉପରେ ବିଶ୍ୱବିଦ୍ୟାଳୟର ସ୍ଥିତି କିଭଳି ରହିଛି ଏସବୁ ଉପରେ ଆଲୋଚନା ହୋଇଛି। ଜାତୀୟ ଶିକ୍ଷାନୀତିକୁ ଗୁରୁତ୍ୱ ଦିଆଯିବା ସହ କିଛି ଓଡିଶା କଲଚର ଉପରେ ଭ୍ୟାଲୁ ଆଡ଼ କୋର୍ସ କରିବା ପାଇଁ ମଧ୍ୟ କହିଛନ୍ତି କୁଳାଧିପତି। ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ ତ୍ରିପାଠୀ କହିଛନ୍ତି ଯେ କୁଳାଧିପତି ଆଜି ପ୍ରାଧାନ୍ୟ ଦେଇଛନ୍ତି ଜାତୀୟ ଶିକ୍ଷାନୀତି ଉପରେ। ତାହାକୁ ଲାଗୁ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସବୁ କାମ ଇ ଅଫିସ ବା ଇ ଗ୍ଭରଣାସ ମାଧ୍ୟମରେ କରାଯାଉ। ପିଲାଙ୍କର ପରୀକ୍ଷା ଓ ଫଳ ପ୍ରକାଶ ଠିକ ସମୟରେ ହେଉ। ନାକରେ ପିଲାଙ୍କର ପ୍ରଦର୍ଶନ କେମିତି ବହୁତ ଭଲ ରହିବ ତାହା ଉପରେ ଆଲୋଚନା ହୋଇଥିଲା।

# ଛାତ୍ରଛାତ୍ରୀଙ୍କୁ ମାଗଣାରେ ମିଳିବ ନିଟ୍ ଓ ଜେଇଇ କୋଚିଂ

**ଭୁବନେଶ୍ୱର :** ଯୁକ୍ତଦୁଇ ଛାତ୍ରଛାତ୍ରୀଙ୍କୁ ମାଗଣାରେ ଦିଆଯିବ ନିଟ୍ ଓ ଜେଇଇ କୋଚିଂ। ଆଶାୟୀଙ୍କୁ ସମ୍ପୂର୍ଣ୍ଣ ମାଗଣାରେ ଭର୍ଚୁଆଲ କୋଚିଂ ମିଳିବ। ଏଥିଲାଗି ଯୁକ୍ତଦୁଇ କଲେଜଗୁଡ଼ିକରେ ସ୍ମାର୍ଟ ଟିଭି ଓ ଇଣ୍ଟରାକ୍ଟିଭ୍ ପାନେଲ ଇନଷ୍ଟଲ୍ କରିବାକୁ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ନିର୍ଦ୍ଦେଶ ଦେଇଛି। ସବୁ ସରକାରୀ ଓ ଅନୁଦାନପ୍ରାପ୍ତ ବେସରକାରୀ କଲେଜ ଅଧ୍ୟକ୍ଷଙ୍କୁ ଚିଠି ଲେଖି ନିର୍ଦ୍ଦେଶ ଦିଆଯାଇଛି। ସର୍ବଭାରତୀୟ ମେଡିକାଲ ଓ ଇଞ୍ଜିନିୟରିଂ ପ୍ରବେଶିକା ପରୀକ୍ଷାରେ ଓଡ଼ିଆ ଛାତ୍ରଛାତ୍ରୀଙ୍କ ସଫଳତା ହାର ବଢ଼ାଇବାକୁ ରାଜ୍ୟ ସରକାର ଏହି ପ୍ରୟାସ ଆରମ୍ଭ କରିଛନ୍ତି। ଏହାଦ୍ୱାରା ରାଜ୍ୟର ଗରିବ ଓ ମେଧାବୀ ଛାତ୍ରଛାତ୍ରୀ ସର୍ବଭାରତୀୟ ପ୍ରଶାସନିକ ସେବା ପରୀକ୍ଷାରେ ସଫଳତା ହାସଲ କରିପାରିବେ ବୋଲି ଉଚ୍ଚଶିକ୍ଷା ବିଭାଗ ଆଶା ରଖିଛି। ତେବେ ଏହାର ସଫଳତା ନେଇ ଏବେଠାରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସନ୍ଦେହ ସୃଷ୍ଟି ହୋଇଛି। କାରଣ ପୂର୍ବରୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଅର୍ଥ ଖର୍ଚ୍ଚ କରାଯାଇ ବିଶ୍ୱବିଦ୍ୟାଳୟଗୁଡ଼ିକରେ ମାଗଣା କୋଚିଂର ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ଫଳପ୍ରଦ ହୋଇପାରି ନ ଥିଲା। ଜଣେ ବି ହେଲେ ଛାତ୍ରଛାତ୍ରୀ କୋଚିଂ ନେବା ପରେ ୟୁପିଏସ୍ସି ପରୀକ୍ଷାରେ ସଫଳତା ହାସଲ କରିପାରି ନ ଥିଲେ। ଫଳରେ ରାଜ୍ୟ ସରକାର ବାଧ୍ୟ ହୋଇ ମାଗଣା କୋଚିଂ ବ୍ୟବସ୍ଥାକୁ ବନ୍ଦ କରିଥିଲେ। ଚଳିତ ଶିକ୍ଷାବର୍ଷରେ ପ୍ରାୟ ୫ କୋଟି ଟଙ୍କା ବିନିମୟରେ ପୁଣିଥରେ ୨୦୦ ଛାତ୍ରଛାତ୍ରୀଙ୍କୁ ମାଗଣା କୋଚିଂର ବ୍ୟବସ୍ଥା ହୋଇଛି। କଲେଜ ସ୍ତରରୁ କୋଚିଂ ସୁବିଧା ପାଇଲେ ପିଲାମାନେ ଭବିଷ୍ୟତରେ ପ୍ରତିଯୋଗିତା ମୂଳକ ପରୀକ୍ଷାରେ ଅଧିକ ସଫଳ ହୋଇପାରିବେ ବୋଲି ବିଭାଗ ଆଶା ରଖିଥିବା ବେଳେ ସବୁଥର ପରି ଏଥର ବି ମାଗଣା କୋଚିଂ ଫେଲ୍ ମାରିବନି ତ ବୋଲି ଆଶାୟୀମାନେ ପ୍ରଶ୍ନ କରିଛନ୍ତି।

# ଓଡ଼ିଶାର ବିକାଶରେ ନୂଆ ଦାୟିତ୍ୱ ପାଇଁ କାର୍ତ୍ତିକ ପାଣ୍ଡିଆନଙ୍କୁ ଅଭିନନ୍ଦନ



**ଭୁବନେଶ୍ୱର :** ଫାଇଭ-ଟି ତଥା ନବୀନ ଓଡ଼ିଶାର ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଛୁଟୁଛି ଶୁଭେଚ୍ଛାର ସୁଅ। ବିଧାୟକ ଓ ବିଭିନ୍ନ ସଂଗଠନର କର୍ମକର୍ତ୍ତାମାନେ କାର୍ତ୍ତିକ ପାଣ୍ଡିଆନଙ୍କୁ ଭେଟି ଓଡ଼ିଶାର ବିକାଶରେ ନୂଆ ଦାୟିତ୍ୱ ପାଇଁ ଅଭିନନ୍ଦନ ଜଣାଇଛନ୍ତି। ଅନୁଗୁଳ ବିଧାୟକ ରଜନୀକାନ୍ତ ସିଂ, ଢେଙ୍କାନାଳ ବିଧାୟକ ସୁଧୀର କୁମାର ସାମଲଙ୍କ ସହ ୧୦ଟି ସଂଗଠନର କର୍ମକର୍ତ୍ତା ଫାଇଭ-ଟି ଅଧ୍ୟକ୍ଷଙ୍କୁ ଭେଟିଛନ୍ତି। ବିଭିନ୍ନ ସଂଗଠନ ମଧ୍ୟରେ ପାକ୍ଷିକ ସଂପାଦକ ଓ ପ୍ରକାଶକ ସଂଘ, ଜୟଦେବ ବିଧାନସଭା ନିର୍ବାଚନ ମଣ୍ଡଳୀର ସଂଖ୍ୟାଲଘୁ ବିକାଶ ପରିଷଦ, ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ, ଓଡ଼ିଶା ମମତା ଯୋଜନା କାର୍ଯ୍ୟକାରୀ ସଂଘ, ଭଦ୍ରକ ମୁସଲିମ ଜମାତ ସଂଘ, ଅଲଓଡ଼ିଶା ଆଡିସନାଲ କମ୍ପ୍ୟୁଟର ପ୍ରୋଗ୍ରାମର ଆସୋସିଏସନ ଆଦି ପ୍ରମୁଖ ସଂଗଠନର କର୍ମକର୍ତ୍ତାମାନେ ପାଣ୍ଡିଆନଙ୍କୁ ଭେଟି ବିକାଶ କାମରେ ସହଯୋଗ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ଫାଇଭ-ଟି ଅଧ୍ୟକ୍ଷ କହିଛନ୍ତି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ରାଜ୍ୟରେ ରୂପାନ୍ତରଣ ଚାଲିଛି। ସମସ୍ତେ ଏକାଠି ହୋଇ ଓଡ଼ିଶାକୁ ଆଗେଇ ନେବାକୁ ଆହ୍ୱାନ ଦେଇଛନ୍ତି କାର୍ତ୍ତିକ ପାଣ୍ଡିଆନ।

# ୫ ଦଫା ଦାବି ନେଇ ଉତ୍କଳ ସାମ୍ବାଦିକ ସଙ୍ଘ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା



**ମାଲକାନଗିରି:** ମାଲକାନଗିରି ଜିଲ୍ଲାରେ ଉତ୍କଳ ସାମ୍ବାଦିକ ସଂଘ ମାଲକାନଗିରି ଶାଖା ପକ୍ଷରୁ ପାଞ୍ଚ ଦଫା ଦାବି ନେଇ ମାଲକାନଗିରି ସଦର ମହକୁମାରେ ଥିବା ଉତ୍କଳ ସାମ୍ବାଦିକ ସଂଘ କାର୍ଯ୍ୟାଳୟ ଠାରୁ ଶୋଭାଯାତ୍ରାରେ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆସିଥିଲେ। ରାଜ୍ୟ ସରକାରଙ୍କ ବିଭିନ୍ନ ସଂଗଠନକୁ ଅନୁଦାନ, ପେନସନ, ସ୍ୱାସ୍ଥ୍ୟବିମା ଭଳି ସମସ୍ତ ସୁବିଧା ଯୋଗାଇ ଦେଉଛନ୍ତି। କିନ୍ତୁ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ବୋଲାଉ ଥିବା ସାମ୍ବାଦିକଙ୍କୁ କେବଳ ସ୍ୱାସ୍ଥ୍ୟବୀମା ଭଳି ଲଲୀପପ ଦେଇ ନିଜର କର୍ତ୍ତବ୍ୟ ସାରିଦେଲା ଭଳି ମନେ ହେଉଛି। ବିଭିନ୍ନ ରାଜନୈତିକ ଦଳ, ସାମଜିକ ସଂଗଠନ,ବିଭିନ୍ନ ଅନୁଷ୍ଠାନ ନିଜର ଦାବି ଗୁଡ଼ିକୁ ପୂରଣ ନିମନ୍ତେ ସାମ୍ବାଦିକଙ୍କ ଜରିଆରେ ଉପସ୍ଥାପନ କରୁଥିବା ବେଳେ ସାମ୍ବାଦିକ ଟିଏ କିନ୍ତୁ ସବୁ କ୍ଷେତ୍ରରେ ଅବହେଳିତ ହେଉଥିବା ନଜର ହେଉଛି। ଏହି କ୍ରମରେ ରାଜ୍ୟ ରାଜଧାନୀରେ ବିଭିନ୍ନ ସଂଗଠନ ପକ୍ଷରୁ ସଚିବାଳୟ ସାମ୍ନାରେ ଦାବି ପୂରଣ ପାଇଁ ଧାରଣା ଦେଉଥିବା ବେଳେ ସାମ୍ବାଦିକ ଏକତାରକ୍ଷା ପାଇଁ ରାଜ୍ୟ ସଂଘର ନିର୍ଦ୍ଦେଶ କ୍ରମେ ସମସ୍ତ ଜିଲ୍ଲାରେ ଏକାଦିନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଂମୁଖରେ ସାମ୍ବାଦିକ ମାନେ ଧାରଣ ଦେଇଥିଲେ। ସାମ୍ବାଦିକଙ୍କ ନ୍ୟାର୍ଯ୍ୟ ଦାବିଗୁଡିକ ହେଉଛି, ସାମ୍ବାଦିକ ଆଇନ ପ୍ରଣୟନ, ଓଡିଶାରେ ଅନ୍ୟ ରାଜ୍ୟ ଭଳି ସାମ୍ବାଦିକଙ୍କୁ ଅବସରକାଳୀନ ପେନସନ, ଅଧିସ୍ୱୀକୃତି କମିଟି ପୁନଃଗଠନ ଓ ବ୍ଲକ ଠାରୁ ରାଜ୍ୟ ସ୍ତର ପର୍ଯ୍ୟନ୍ତ ବ୍ୟାପକ ଅଧିସ୍ୱୀକୃତି ପ୍ରଦାନ,ପ୍ରବର୍ତ୍ତିତ ସ୍ୱାସ୍ଥ୍ୟବୀମା ଯୋଜନାରେ ପିତାମାତା ଓ ପଚିଶ ବର୍ଷରୁ ଉର୍ଦ୍ଧ ବୟସ୍କ ନିର୍ଭରଶୀଳ ସନ୍ତାନମାନଙ୍କୁ ସାମିଲ, ପ୍ରେସ ଏକାଡେମୀ ଗଠନ ସହ ଭୁବନେଶ୍ୱରରେ ଏକାଡେମୀ କାର୍ଯ୍ୟାଳୟ ସ୍ଥାପନା। ଏହି ସମ୍ବଳିତ ଏକ ଦାବି ପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ଏହି ଦାବିଗୁଡିକ ପୂରଣ ପାଇଁ ରାଜ୍ୟ ସଂଘ ତରଫରୁ ଆଗାମୀ ଦିନରେ ସମସ୍ତ ଜିଲ୍ଲାରୁ ସମବେତ ହୋଇ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବାକୁ ଯୋଜନା ରହିଛି। ଏହି ପ୍ରତୀକ ଧାରଣାରେ ଜିଲ୍ଲା ଉତ୍କଳ ସାମ୍ବାଦିକ ସଙ୍ଘର ସମସ୍ତ ସଦ୍ୟସ କର୍ମକର୍ତ୍ତା ମାନେ ଯୋଗ ଦେଇଥିବା ବେଳେ ଏହି ଅବସରରେ ମାଲକାନଗିରି ଜିଲ୍ଲା ସ୍ୱତନ୍ତ୍ର ବିକାଶ ପରିଷଦ ଅଧ୍ୟକ୍ଷ ଆଡ଼ମା ରାବା, ଜିଲ୍ଲା ବରିଷ୍ଠ ସାମ୍ବାଦିକ ରତ୍ନାକର ଦାସ, ଗୋପୀକୃଷ୍ଣ ପଟନାୟକ, ସନ୍ତୋଷ ନାଗ, ଦେବବ୍ରତ ସାନା, ଜୟନ୍ତ ତିଆଡ଼ି, ପଞ୍ଚାନନ ଦାସ, ବିକ୍ରମ ପାଢ଼ୀ ଉପସ୍ଥିତ ରହି ସମର୍ଥନ ଜଣାଇଥିଲେ। ଏହି ଶୋଭାଯାତ୍ରା ଓ ଧାରଣା ପ୍ରଦର୍ଶନରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ପ୍ରାୟ ୬୦ରୁ ଉର୍ଦ୍ଧ୍ୱ ସାମ୍ବାଦିକ ଉପସ୍ଥିତ ରହିଥିଲେ।

# ପୁରସ୍କାରପ୍ରାପ୍ତ ଶିକ୍ଷକ, କାମ ନାଳୁଆ

**ଭଦ୍ରକ :** ଅଭିଯୋଗ ଅନୁସାରେ ବନ୍ତ ବ୍ଲକ ଅଧୀନ ଏକ ପ୍ରାଥମିକ ବିଦ୍ୟାଳୟରେ ଜନୈକ କାର୍ଯ୍ୟରତ ପ୍ରଧାନ ଶିକ୍ଷକ ଅତି ନାଲୁଆ ପ୍ରକୃତିର ଲୋକ। ସାଧାରଣରେ ଜଣେ ପୁରସ୍କାରପ୍ରାପ୍ତ ଶିକ୍ଷକ ଭାବେ ଜଣାଶୁଣା ଉକ୍ତ ବ୍ୟକ୍ତି ଅତୀତରେ ଏକ ବିଦ୍ୟାଳୟରେ ଥିବା ସମୟରେ ଯୌନ କେଳେଙ୍କାରୀରେ ପଡି ସେଠାରୁ ତଡା ଖାଇଥିଲେ। ଏହାପରେ ତାଙ୍କର ଅନ୍ୟତ୍ର ବଦଳି ହୋଇଥିଲା। ହେଲେ ସେଠାରେ ମଧ୍ୟ ସମାନ ଅବସ୍ଥା। ଏବେ ସେହି ଶିକ୍ଷକ ଜଣଙ୍କ ଏବିଓ ପଦୋନ୍ନତି ପାଇଁ ଲବି କରି ଫେଲ ମାରିଥିବା ଜଣାପଡିଛି। ତାଙ୍କର ଅନେକ କେଳେଙ୍କାରୀର ତଥ୍ୟ ଜିଲ୍ଲା ସାମ୍ବାଦିକ ତଥା ସୂଚନା ଅଧିକାର କର୍ମୀ ବିକାଶ ଧଳଙ୍କ ନିକଟରେ ରହିଛି, ଯାହାକି ଆଗାମୀ ସଂଖ୍ୟାରେ ପ୍ରକାଶ ପାଇବ। ହେଲେ ଶିକ୍ଷା ବିଭାଗକୁ କଳୁଷିତ କରୁଥିବା ଏଭଳି ଜଣେ ଶିକ୍ଷକଙ୍କ କଳା କାରନାମା ଉପରେ ତଦନ୍ତ କରାଯିବାକୁ ସାଧାରଣରେ ଦାବି ହେଉଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସମ୍ପୃକ୍ତ ଶିକ୍ଷକଙ୍କ ରାଷ୍ଟ୍ରପତି ପୁରସ୍କାର ବାତିଲ ନିମନ୍ତେ ଶିକ୍ଷା ବିଭାଗ, ଭଦ୍ରକ ଜିଲ୍ଲାପାଳ ଓ ଜିଲ୍ଲା ଶିକ୍ଷାଧିକାରୀଙ୍କ ନିକଟରେ ମଧ୍ୟ ଅଭିଯୋଗ କରାଯାଇଛି। ଆବଶ୍ୟକ ସ୍ଥଳେ ଘଟଣାର ଉଚ୍ଚ ସ୍ତରୀୟ ତଦନ୍ତ କରାଯିବ ବୋଲି ଶ୍ରୀ ଧଳ କହିଛନ୍ତି।

# 'ଲୋକ ମତକୁ ସମ୍ମାନ ଦେବା ମୋ ସରକାରର ହଲ୍‌ମାର୍କ'



**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନବରଙ୍ଗପୁର ଜିଲ୍ଲାରେ ଲକ୍ଷ୍ମୀ ବସ୍ ଯୋଜନାର ଶୁଭାରମ୍ଭ କରିଛନ୍ତି। ଏହି ଯୋଜନା ପ୍ରଥମେ ମାଲକାନଗିରିରେ ଆରମ୍ଭ ହୋଇଥିଲା। ଏଥିରେ ପଞ୍ଚାୟତରୁ ବ୍ଲକକୁ ବସ୍ ଚଳାଚଳର ସୁବିଧା କରାଯାଇଛି। ସାରା ରାଜ୍ୟରେ ୧୦୦୦ରୁ ଅଧିକ ବସ୍ ଚାଲିବ। ଏଥିରେ ମିଶନ ଶକ୍ତି ମା'ମାନଙ୍କୁ ବସ୍ ପରିଚଳନାର ଦାୟିତ୍ୱ ଦିଆଯାଇଛି। ଏହି ଯୋଜନାରେ ମହିଳା, ଛାତ୍ରଛାତ୍ରୀ ଓ ଭିନ୍ନକ୍ଷମ ବର୍ଗର ଲୋକମାନେ ମାତ୍ର ୫ ଟଙ୍କାରେ ଗାଁରୁ ବ୍ଲକକୁ ଯାଇପାରିବେ। ନବରଙ୍ଗପୁରରେ ୪୪ଟି ବସ୍ ୧୦ଟି ବ୍ଲକର ସବୁ ପଞ୍ଚାୟତକୁ ଯୋଡିବ। ଏହି ଅବସରରେ ଉଦ୍‌ବୋଧନ ଦେଇ ନବରଙ୍ଗପୁର ଜିଲ୍ଲାବାସୀଙ୍କୁ ମୁଖ୍ୟମନ୍ତ୍ରୀ କହିଲେ ଯେ ଦୁର୍ଗମ ଅଞ୍ଚଳରେ ଗମନାଗମନ ଏକ ବଡ ସମସ୍ୟା। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଜିଲ୍ଲାଗସ୍ତରୁ ଲୋକଙ୍କ ଯିବା ଆସିବାର ଅସୁବିଧା ବିଷୟରେ ମୁଁ ଜାଣିବା ପରେ ଆମର ଏହି ଲକ୍ଷ୍ମୀ ଯୋଜନା ଆରମ୍ଭ କରାଗଲା। ଲକ୍ଷ୍ମୀ ଯୋଜନାରେ ଗମନାଗମନ ଓ ପରିବହନ ବ୍ୟବସ୍ଥାରେ ଆପଣଙ୍କ ଗାଁ ଏବେ ଯୋଡି ହେଲା। ଏହା ଦ୍ୱାରା ଗ୍ରାମାଞ୍ଚଳରେ ସାମାଜିକ ସଂପର୍କ ମଜବୁତ୍ ହେବା ସହିତ ଅର୍ଥନୀତି ମଧ୍ୟ ଆହୁରି ସୁଦୃଢ ହେବ ବୋଲି ସେ କହିଥିଲେ। ମୁଖ୍ୟମନ୍ତ୍ରୀ କହିଲେ ଯେ ଲୋକମତକୁ ସମ୍ମାନ ଦେବା ମୋ ସରକାରର ହଲ୍‌ମାର୍କ। ଆମର ସବୁ ଯୋଜନା ଲୋକମତ ଆଧାରରେ କାର୍ଯ୍ୟକାରୀ ହେଉଛି। ଲକ୍ଷ୍ମୀ ବସ୍ ଠାରୁ ଆରମ୍ଭକରି, ଆମ ବ୍ୟାଙ୍କ, ଆମ ଓଡିଶା ନବୀନ ଓଡିଶା ଏବଂ ମଠ, ମନ୍ଦିର ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ପାଇଁ ଟଙ୍କା ମଞ୍ଜୁରି- ସବୁ କାମ ଲୋକମାନଙ୍କର ପ୍ରସ୍ତାବ ଅନୁଯାୟୀ କରାଯାଇଛି।

# ଅମ୍ବାଭୋନା ଆଦର୍ଶ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଶିଶୁ ବୈଜ୍ଞାନିକ ପ୍ରଦର୍ଶନୀ



**ବରଗଡ :** ଶିଶୁ ବୈଜ୍ଞାନିକ ପ୍ରତିଭା ଅନ୍ୱେଷଣ କରିବା ନିମନ୍ତେ ଶିକ୍ଷା ବିଭାଗ ତରଫରୁ ବରଗଡ଼ ଜିଲ୍ଲା ଅମ୍ବାଭୋନା ସ୍ଥିତ ଆଦର୍ଶ ବିଦ୍ୟାଳୟ ପରିସରରେ ଅମ୍ବାଭୋନା ବ୍ଲକସ୍ତରୀୟ ଶିଶୁ ବୈଜ୍ଞାନିକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ପର୍ଯ୍ୟାୟରେ ଅମ୍ବାଭୋନା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶଙ୍କର ବାଗ ଏହାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଏହି ଅବସରରେ ଆୟୋଜିତ ଉଦଘାଟନୀ ସଭାରେ ଅମ୍ବାଭୋନା ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶ୍ରୀ ଭାବନା ସାହୁ ଅଧ୍ୟକ୍ଷତା କରିଥିବାବେଳେ ମୁଖ୍ୟ ଅତିଥି ଭାବରେ ଅମ୍ବାଭୋନା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶଙ୍କର ବାଗ ଯୋଗ ଦେଇ କୁନି କୁନି ପିଲାମାନଙ୍କ ମଧ୍ୟରେ ବୈଜ୍ଞାନିକ ଚିନ୍ତାଧାରା ତଥା ନୂତନ ଉଦ୍ଭାବନାର ସମ୍ଭାବନା ଥିବା ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ସୋହେଲା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ତଥା ସହଯୋଗୀ ପ୍ରାଧ୍ୟାପକ ପ୍ରାଣୀ ବିଜ୍ଞାନ ବିଭାଗ, ସୌଭାଗ୍ୟ ପଧାନ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ଜିଲ୍ଲା ପରିଷଦ ସଭ୍ୟା କଳ୍ପନା ପଧାନ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଜ୍ୟୋତିକାନ୍ତ ସାହୁ, ଅମ୍ବାଭୋନା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲାଲ ମୋହନ ସିଂ, ମୋହନ ଚନ୍ଦ୍ର ମହନ୍ତ, ବ୍ଲକ ବିଜ୍ଞାନ ନୀରିକ୍ଷକ ସଂଜୟ ଖମାରୀ, ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ଗଙ୍ଗାରାମ ମିର୍ଦ୍ଧା ମଞ୍ଚାସୀନ ରହି ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ। ପରମେଶ୍ୱର ରଥ ସ୍ୱାଗତ ଭାଷଣ ଦେଇଥିବା ବେଳେ ପୁନିରାମ ଗଣ୍ଡ ଓ କେଦାର ନାଏକ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଶିକ୍ଷାର୍ଥୀମାନଙ୍କଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ଗାନ କରାଯାଇଥିଲା। ଶିକ୍ଷକ ଜନକରାମ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ। ମଞ୍ଚାସୀନ ଅତିଥିଗଣ ପ୍ରକଳ୍ପ ବୁଲି ଦେଖିଥିଲେ। ଦ୍ୱିତୀୟ ଅଧିବେଶନରେ ଆୟୋଜିତ ପୁରସ୍କାର ବିତରଣୀ ସଭାରେ ଅମ୍ବାଭୋନା ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାବନା ସାହୁ ଅଧ୍ୟକ୍ଷତା କରିଥିବାବେଳେ ମୁଖ୍ୟ ଅତିଥି ଭାବରେ ବରଗଡ଼ ଜିଲ୍ଲା ଶିକ୍ଷା ଅଧିକାରୀ ମିତ୍ରଭାନୁ କଚ୍ଛପ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ, ଜିଲ୍ଲା ପରିଷଦ ସଭ୍ୟା ନୀଳକୁମାରୀ ନାୟକ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲାଲମୋହନ ସିଂ, ମୋହନ ଚରଣ ମହନ୍ତ, ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ଗଙ୍ଗାରାମ ମିର୍ଦ୍ଧା ଏବଂ ଧୀରଜ ପଟ୍ଟନାୟକ ମଞ୍ଚାସୀନ ରହି କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମକୁ କେଦାର ନାଏକ ପରିଚାଳନା କରିଥିଲେ। ଜନତା ଉଚ୍ଚ ବିଦ୍ୟାଳୟ, ଭୁକ୍ତାର ଛାତ୍ର ଚିତ୍ତରଞ୍ଜନ ପଧାନ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରୀ ଲିପସାମୟୀ ସାହୁ, ଓଡିଶା ଆଦର୍ଶ ବିଦ୍ୟାଳୟର ଛାତ୍ର ଯାଶୁ ନାୟକ ଓ ଅଙ୍କିତ ସାହୁ, କମଳ ସିଂ ଦାଓ ସରକାରୀ ଉଚ୍ଚ ବିଦ୍ୟାଳୟ, ଲଖନପୁରର ଛାତ୍ର ଅଂଶୁମାନ ଦାଶ ଉପବିଷୟ ବସ୍ତୁ ଅନୁସାରେ ଜିଲ୍ଲା ସ୍ତରୀୟ ଶିଶୁ ବୈଜ୍ଞାନିକ ପ୍ରଦର୍ଶନୀରେ ଅଂଶଗ୍ରହଣ କରିବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ।

# ପ୍ରୋ କବାଡି ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ



**କେସିଙ୍ଗା,:** କଳାହାଣ୍ଡି ଜିଲ୍ଲା ର କେସିଙ୍ଗା ବ୍ଲକ ଅନ୍ତର୍ଗତ ଉକ୍‌ଲୋ ଗ୍ରାମପଞ୍ଚାୟତ ଅଧିନସ୍ଥ ଠେମରା ଗ୍ରାମଠାରେ ଠେମରା ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ଏକ କବାଡି ଟୁର୍ଣ୍ଣାମେଣ୍ଟ ଆୟୋଜିତ କରାଯାଇଥିଲା। ପ୍ରଥମ ଦିବସ ଉଦ୍‌ଘାଟନ ମ୍ୟାଚରେ ମୁଖ୍ୟ ଅତିଥି ଭାବରେ ଉକ୍‌ଲୋ ଏଆର ଟ୍ରିପ ଟ୍ରମିନାଲ ମ୍ୟାନେଜର ଅରୁଣ କୁମାର ରାହା ଉପସ୍ଥିତ ଥିଲେ। ତାଙ୍କ ସହ ଅନ୍ୟ ତମ ସମ୍ମାନିତ ଅତିଥି ଉପେନ୍ଦ୍ର ମୁଗ୍ରୀ, ଭୁଜ ବେହେରା ଚୈତନ୍ୟ କରୁଆ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୧୬ଟି ଟମ୍ ଅଂଶଗ୍ରହଣ କରିଥିଲେ। ଏହି ମ୍ୟାଚ ତିନି ଦିନ ଧରି ବ୍ୟାପି ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ଦିବସରେ ବିପିନ ନାଏକ, କୃତିବାସ କରୁଆ ଦୀପକ ବେହେରା ପ୍ରମୁଖ ଅତିଥି ଭାବରେ ଯୋଗ ଦେଇଥିଲେ। ତୃତୀୟ ଦିନ ଫାଇନାଲ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ଉକ୍‌ଲୋ ଗ୍ରାମପଞ୍ଚାୟତର ସମିତି ସଭ୍ୟ ତ୍ରିନାଥ ମାଝୀ ଓ ସମ୍ମାନିତ ଅତିଥି ଭାବେ କଳାହାଣ୍ଡି ଅବକାରୀ ବିଭାଗ ପ୍ରଦ୍ୟୁମ୍ନ କୁମାର ନାଏକ ପ୍ରମୁଖ ଉପସ୍ଥିତ ରହି ଫାଇନାଲ ମ୍ୟାଚ ଉକ୍‌ଲୋ ବନାମ ବଲାଙ୍ଗୀର ମଧ୍ୟରେ ହୋଇଥିଲା। ଉକ୍‌ଲୋ ଦଳ ବିଗତ ଦୁଇ ବର୍ଷ ଚାମ୍ପିଅନ ଦଳକୁ ପରାଜୟ କରି ବିଜେତା ହୋଇଥିଲେ। ଉକ୍ତ କ୍ରୀଡାକୁ ଉଦବ କରୁଆ ଓ ହରେ ରାମ ବେହେରା ପରିଚାଳନା କରିଥିଲେ।




# କାଣ୍ଡେଲ ସରକାରୀ ହାଇସ୍କୁଲ ଠାରେ ବ୍ଲକସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ



**କଳାହାଣ୍ଡି,(ପ୍ରସନ୍ନ ନାଏକ):** କେସିଙ୍ଗା ବିଏସ୍ଆର୍‌ସି ପକ୍ଷରୁ ଆୟୋଜିତ ବ୍ଲକସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ୨୦୨୩-୨୪ କାଣ୍ଡେଲ ସରକାରୀ ହାଇସ୍କୁଲ ଠାରେ ମହା ସମାରୋହରେ ପାଳିତ ହୋଇଯାଇଛି। ଆୟୋଜିତ ଏହି ବିଜ୍ଞାନମେଳାରେ ବ୍ଲକର ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟରୁ ପ୍ରାୟ ୭୮ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ନିଜ ନିଜର ସହାୟକ ଶିକ୍ଷକ ଶିକ୍ଷୟତ୍ରୀ ମାନଙ୍କ ସହଯୋଗରେ କୁନି କୁନି ବୈଜ୍ଞାନିକମାନେ ନିଜ ନିଜର ପ୍ରକଳ୍ପକୁ ପ୍ରଦର୍ଶିତ ସହିତ ପ୍ରାଞ୍ଜଳ ଭାବରେ ଦର୍ଶକ ମାନକୁ ବୁଝାଇ ଚାଲିଥିଲେ। ବିଜ୍ଞାନମେଳାର ସଭାପତି କେସିଙ୍ଗା ବ୍ଲକ ଶିକ୍ଷା ଅଧିକାରୀ ଆନନ୍ଦ କୁମାର ବେହେରା, ମୁଖ୍ୟ ଅତିଥି ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ତେମଲାଲ ଦୁବେ, ମୁଖ୍ୟ ବକ୍ତା କାଣ୍ଡେଲ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ଡ଼ଃ ହରେକୃଷ୍ଣ ଧଳ, ସ୍ୱତନ୍ତ୍ର ଅତିଥି କେସିଙ୍ଗା ଚ୍ୟାରମେନ ଚନ୍ଦନ ସେନାପତି, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ସୁରେନ୍ଦ୍ର କୁମାର ଦାଶ, କେସିଙ୍ଗା ବିଏସ୍ଆର୍‌ସି ସଭାପତି ବିଏମ୍ ଆଚାରୀ, ବିଏସ୍ଆର୍‌ସି ସଂପାଦକ ସମୀର କୁମାର ବେହେରା, କାଣ୍ଡେଲ ଗ୍ରାମପଞ୍ଚାୟତ ସରପଞ୍ଚ ପାର୍ବତୀ ଶର୍ମା, ତତ୍ତ୍ୱାବଧାନରେ ଉଦ୍ଘାଟନୀ ଉତ୍ସବରେ ବିଜ୍ଞାନମେଳାକୁ ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିଥିଲେ।




Printed, Published and Owned by **Lingaraj Dash**, Published at Plot No.-4233, Sulochana Bhawan, Behind Badagada High School, Badagada, Bhubaneswar-751018, Dist-Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com / lingaraj@gmail.com

Managing Editor : **Laxmipriya Dash**
ପରିଚାଳନା ସମ୍ପାଦିକା : **ଲକ୍ଷ୍ମୀପ୍ରିୟା ଦାଶ**

Editor : **Tarak Mohanty**
ସମ୍ପାଦକ : **ତାରକ ମହାନ୍ତି**